# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, July 1/2025 | Page 12 | ₹ 7.00 | RAYAGADA

୫୧ଶ ଭାଗ ୨୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 216 | ମୂଲ୍ୟ ₹୭/-




**କଲୋନେଲ୍ ଭୂମିକାରେ ଅନୁପମ୍**


ଅଭିନେତା ଅନୁପମ ଖେର୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ 'ତନ୍‌ଭି ଦି ଗ୍ରେଟ୍' ଫିଲ୍ମର ଟ୍ରେଲର ସୋମବାର ରିଲିଜ୍ ହୋଇଛି। ଏଥିରେ ସେ କଲୋନେଲ୍ ଭୂମିକାରେ ନଜରକୁ ଆସିଛନ୍ତି।

୦୨

୧୨

**ଟିଆଫୋ ଦ୍ୱିତୀୟ ରାଉଣ୍ଡରେ**

ଆମେରିକାର ଫ୍ରାନ୍‌ସେସ୍ ଟିଆଫୋ ୱିମ୍ବଲେଡନ ଗ୍ରାଣ୍ଡସ୍ଲାମ ଟେନିସ ଚାମ୍ପିୟନଶିପ୍‌ର ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।



# ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଘୋଷାରି ମାଡ଼

**ଅଭିଯୋଗ ଶୁଣାଣି ବେଳେ ଆକ୍ରମଣ**

- ୨୯ନଂ ୱାର୍ଡ କର୍ପୋରେଟରଙ୍କ ସମେତ ୩ ଗିରଫ
- କର୍ମଚାରୀଙ୍କ ଆନ୍ଦୋଳନରେ ସାମିଲ ବିଜେଡି ନେତାଙ୍କୁ ଉଠାଇ ନେଲା ପୋଲିସ
- ଜନପଥରେ ପୋଲିସ-ବିଜେଡି କର୍ମୀ ଧସ୍ତାଧସ୍ତି

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କାର୍ଯ୍ୟାଳୟରେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ହୋଇଛି। ଏହାର ଏକ ଭିଡିଓ ଭାଇରାଲ ହୋଇଛି। ଏଥିରେ ୨୯ନମ୍ବର ୱାର୍ଡ କର୍ପୋରେଟର ଜୀବନ ରାଉତଙ୍କ ସମେତ କେତେଜଣ ବ୍ୟକ୍ତି ବିଏମ୍‌ସି କାର୍ଯ୍ୟାଳୟ ମଧ୍ୟରେ ଅତିରିକ୍ତ କମିଶନର ସାହୁଙ୍କୁ ଘୋଷାରି ଆଣି ତଳେ ପକାଇ ମାଡ଼ ମାରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଘଟଣାକୁ ବିରୋଧ କରି ବିଏମ୍‌ସି କର୍ମଚାରୀମାନେ ପ୍ରଥମେ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ପରେ ବିଏମ୍‌ସି ସମ୍ମୁଖ ରାସ୍ତା ଉପରେ ବିକ୍ଷୋଭ କରିଥିଲେ। ପୋଲିସ ଏହି ଘଟଣାରେ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୀବନ ରାଉତ, ରଶ୍ମି ମହାପାତ୍ର ଏବଂ ଦେବାଶିଷ ପ୍ରଧାନ। ୩ଜଣଙ୍କୁ ଗିରଫ ସତ୍ତ୍ୱେ କର୍ମଚାରୀଙ୍କ ରାସ୍ତାରୋକୋରେ ବିଜେଡିର ବହୁ ନେତା ସାମିଲ ହୋଇ ଆନ୍ଦୋଳନ କରିବାରୁ ସନ୍ଧ୍ୟାରେ ବାଣୀବିହାର-ମାଷ୍ଟର କ୍ୟାଣ୍ଟିନ୍ ରାସ୍ତାରେ ପ୍ରବଳ ଟ୍ରାଫିକ୍ ଜାମ ହୋଇଥିଲା। ଆନ୍ଦୋଳନରେ ସାମିଲ ହୋଇଥିବା ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ଅଶୋ ପଣ୍ଡା, ବିଧାୟକ ଅରୁଣ ସାହୁ, ଅନନ୍ତ ନାରାୟଣ ଜେନାଙ୍କ ସମେତ ବହୁ ବିଜେଡି ନେତାଙ୍କୁ ପୋଲିସ ଉଠାଇ ନେବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।



ବିଏମ୍‌ସି କାର୍ଯ୍ୟାଳୟରେ ସୋମବାର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଘୋଷାଡ଼ି ନେଇ ମାଡ଼ ମରାଯିବାର ଦୃଶ୍ୟ।

ଭୁବନେଶ୍ୱର, ୩୦।୬(ବନ୍ଦନା ସେଠୀ)

ବିଏମ୍‌ସିର ଅଭିଯୋଗ ଶୁଣାଣି ସୋମବାର ଚାଲିଥିଲା। କମିଶନର ନ ଥିବାରୁ ଅତିରିକ୍ତ କମିଶନର ରତ୍ନାକର ସାହୁ ଅଭିଯୋଗ ଶୁଣାଣି କରୁଥିଲେ। ପୂର୍ବାହ୍ନ ପ୍ରାୟ ୧୧.୩୦ଟା ବେଳକୁ ୱାର୍ଡ ନଂ. ୨୯ର କର୍ପୋରେଟର ଜୀବନ ରାଉତ ଏବଂ ତାଙ୍କ ସହିତ ୪/୫ଜଣ ବ୍ୟକ୍ତି ହଠାତ୍ ଅଭିଯୋଗ ପ୍ରକୋଷ୍ଠକୁ ପଶିଥିଲେ। ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଅତିରିକ୍ତ କମିଶନରଙ୍କୁ କର୍ପୋରେଟର ପ୍ରଶ୍ନ କରିଥିଲେ। ତେବେ ସେଭଳି କିଛି କରି ନ ଥିବା ରତ୍ନାକର କହିବାରୁ କର୍ପୋରେଟରଙ୍କ ସହ ଆସିଥିବା ବ୍ୟକ୍ତିମାନେ ଆକ୍ରମଣ କରିଥିଲେ। ରତ୍ନାକରଙ୍କ ଶାର୍ଟର କଲର ଧରି ଘୋଷାରିବା ସହିତ ତାଙ୍କୁ ମାଡ଼ ମାରିଥିଲେ। ଏପରିକି ତାଙ୍କ ଛାତିକୁ ଗୋଇଠା ମାରିବା ସହିତ ଲବିରୁ ଗେଟ୍ ପର୍ଯ୍ୟନ୍ତ ଘୋଷାରି ଘୋଷାରି ନେଇଯାଇଥିଲେ। ଏଥିସହ ତାଙ୍କୁ ଜବରଦସ୍ତି ଗାଡ଼ିରେ ବସାଇବାକୁ ମଧ୍ୟ ଉଦ୍ୟମ କରିଥିଲେ। ତେବେ ସେଠାରେ ଉପସ୍ଥିତ କର୍ପୋରେଟର ବିରଞ୍ଚି ମହାସୁପକାର, ମେୟର ସୁଲୋଚନା ଦାସଙ୍କ ପିଏସ୍‌ଓ ଏବଂ ଅନ୍ୟ କର୍ମଚାରୀମାନେ ଅତିରିକ୍ତ କମିଶନରଙ୍କୁ ଉଦ୍ଧାର କରିଥିଲେ। ଅତିରିକ୍ତ କମିଶନରଙ୍କ ଉପରେ ଏଭଳି ଆକ୍ରମଣକୁ ନେଇ ଅପ୍ରୀତିକର ପରିସ୍ଥିତି ହେବାରୁ ବିଏମ୍‌ସି ଅଫିସରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ଖୋଦ ସରକାରୀ କାର୍ଯ୍ୟାଳୟରେ ଏଭଳି ଅବ୍ୟବସ୍ଥା ପରେ ନିଜର ସୁରକ୍ଷା ଦାବି କରି ବିଏମ୍‌ସିର ସମସ୍ତ କର୍ମଚାରୀ କାର୍ଯ୍ୟବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ପରେ ଖାରବେଳ ଥାନାରେ ରତ୍ନାକର ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ବିଏନଏସ ଦଫା ୩୩୩, ୧୩୨, ୧୨୧(୧),୧୦୯, ୩୫୧(୨), ୬୨, ୧୪୦(୨), ୩୦୪, ୫୪, ୬୧(୨),୧୮୯(୨), ୧୯୦, ୩(୫)ରେ ଏକ ମାମଲା(ନଂ. ୨୮୦/୨୦୨୫) ରୁଜୁ କରି ୨୯ ନଂ. ୱାର୍ଡର କର୍ପୋରେଟର ଜୀବନ ରାଉତ, ରଶ୍ମି ମହାପାତ୍ର ଓ ଦେବାଶିଷ ପ୍ରଧାନଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ଉଦ୍ୟମ ଭଳି ସଙ୍ଗିନ ଦଫା ଲାଗିଛି। ଜଣେ ବରିଷ୍ଠ ଅଧିକାରୀଙ୍କୁ ଏଭଳି ଆକ୍ରମଣ ଘଟଣାକୁ ଓଡ଼ିଶା ପ୍ରଶାସନିକ ସେବା ସଂଘ ପକ୍ଷରୁ ନିନ୍ଦା କରାଯିବା ସହ ମଙ୍ଗଳବାର ଠାରୁ ସାମୂହିକ ଛୁଟିରେ ରହିବାକୁ ଚେତାବନୀ ଦିଆଯାଇଛି।

ଏନେଇ ଅତିରିକ୍ତ କମିଶନର ରତ୍ନାକର କହିଛନ୍ତି, କମିଶନରଙ୍କ ଅନୁପସ୍ଥିତିରେ ମୁଁ ଲୋକଙ୍କ ଅଭିଯୋଗ ଶୁଣୁଥିଲି। ଏହି ସମୟରେ କର୍ପୋରେଟର ଜୀବନଙ୍କ ସହ ୫/୬ଜଣ ଯୁବକ ଚାମ୍ବରକୁ ଆସିଥିଲେ। ଜଗା ଭାଇଙ୍କୁ ଆପଣ କ'ଣ ପାଇଁ ଦୁର୍ବ୍ୟବହାର କଲେ ବୋଲି ପଚାରିଥିଲେ। ଏନେଇ କିଛି ଦୁର୍ବ୍ୟବହାର କରି ନ ଥିବା ମନା କରିବାରୁ ମତେ ମାଡ଼ ମାରି ଗାଡ଼ି ଭିତରକୁ ନେବାକୁ ଚେଷ୍ଟା କରିଥିଲେ। ସକାଳେ ଭାଜପାର ଜଗନ୍ନାଥ ପ୍ରଧାନଙ୍କ ସହ ଫୋନ୍‌ରେ କଥା ହୋଇଥିଲି। ଏକ ଘଟଣାର ତଦନ୍ତ ରିପୋର୍ଟ ଦେଲ ନା ନାହିଁ ବୋଲି ଜଗନ୍ନାଥ ବାବୁ ପଚାରିଥିଲେ। ସବୁକିଛି ସାଧାରଣ ଥିଲା। ଯେଉଁମାନେ ଆସିକି ଏଭଳି ଦୁର୍ବ୍ୟବହାର କଲେ ସେମାନଙ୍କୁ ମୁଁ ଜାଣିନାହିଁ ବୋଲି ରତ୍ନାକର କହିଛନ୍ତି।

(ଅଧିକ ରିପୋର୍ଟ: ପୃଷ୍ଠା-୪)

# ଆଜିଠୁ ରେଳଯାତ୍ରୀ ଦେବେ ବର୍ଦ୍ଧିତ ଭଡ଼ା

## ସାଧାରଣ ଶ୍ରେଣୀ ପାଇଁ ୫୦୦ କିମି ପର୍ଯ୍ୟନ୍ତ ଲାଗୁ ହେବ ନାହିଁ

ଭୁବନେଶ୍ୱର,୩୦।୬(ଅନୁରାଧା ମହାରଣା)

ଭାରତୀୟ ରେଳ ପକ୍ଷରୁ କେତେକ କ୍ଷେତ୍ରରେ ଯାତ୍ରୀଭଡ଼ା ବୃଦ୍ଧି କରାଯାଇଛି। ଏହି ଭଡ଼ା ମଙ୍ଗଳବାରଠାରୁ ଲାଗୁ ହେବ। ସାଧାରଣ ଶ୍ରେଣୀରେ ୫୦୦ କିଲୋମିଟର ପର୍ଯ୍ୟନ୍ତ ଭଡ଼ା ବୃଦ୍ଧି ହୋଇ ନ ଥିବାବେଳେ ୫୦୧ରୁ ୧୫୦୦ କି.ମି. ଦୂରତା ପାଇଁ ୫ ଟଙ୍କା ଏବଂ ୨୫୦୦ କି.ମି. ପର୍ଯ୍ୟନ୍ତ ୧୦ ଟଙ୍କା ଏବଂ ୨୫୦୧ ରୁ ୩୦୦୦ କିଲୋମିଟର ଦୂରତା ସ୍ଲାବ୍ ପାଇଁ ୧୫ ଟଙ୍କା ବୃଦ୍ଧି କରାଯାଇଛି। ଭଡ଼ା ଗଠନକୁ ସୁବ୍ୟବସ୍ଥିତ କରିବା ତଥା ଯାତ୍ରୀସେବାର ଆର୍ଥିକ ସ୍ଥିରତା ବୃଦ୍ଧି କରିବା ଲକ୍ଷ୍ୟରେ ରେଳ ମନ୍ତ୍ରଣାଳୟ ଏହି ଭଡ଼ା ବୃଦ୍ଧି କରିଥିବା କୁହାଯାଇଛି। ସଂଶୋଧିତ ଭଡ଼ା ଭାରତୀୟ ରେଳ ସମ୍ମିଳନୀ ସଂଘ (ଆଇଆର୍‌ସିଏ) ଦ୍ୱାରା ଜାରି କରାଯାଇଥିବା ଅପ୍‌ଡେଟ୍ ଯାତ୍ରୀବାହୀ ଭଡ଼ା ସାରଣୀ ଉପରେ ଆଧାରିତ। ସାଧାରଣ ଅଣ-ଏସି ଶ୍ରେଣୀ (ଅଣ-ଉପନଗର ଟ୍ରେନ)ର ଦ୍ୱିତୀୟ ଶ୍ରେଣୀ ଯାତ୍ରୀଙ୍କ ପାଇଁ ପ୍ରତି କିଲୋମିଟରରେ ଅଧା ପଇସା ବୃଦ୍ଧି କରାଯାଇଛି। ଏହି ସର୍ତ୍ତ ଉପରେ ୫୦୦ କିଲୋମିଟର ପର୍ଯ୍ୟନ୍ତ କୌଣସି ବୃଦ୍ଧି ହୋଇନାହିଁ। ୫୦୧ ରୁ ୧୫୦୦ କି.ମି. ପାଇଁ ୫ ଟଙ୍କା, ୧୫୦୧ରୁ ୨୫୦୦ କିମି ପାଇଁ ୧୦ ଟଙ୍କା ଓ ୨୫୦୧ରୁ ୩୦୦୦ କିଲୋମିଟର ଦୂରତା ପାଇଁ ୧୫ ଟଙ୍କା ବୃଦ୍ଧି କରାଯାଇଛି। ସେହିପରି ସ୍ଲିପର କ୍ଲାସ ଯାତ୍ରୀଙ୍କ ପାଇଁ ପ୍ରତି କି.ମି.ରେ ୦.୫ ଓ ପ୍ରଥମ ଶ୍ରେଣୀ ଯାତ୍ରୀଙ୍କ ପାଇଁ ୦.୫ ପଇସା ବୃଦ୍ଧି କରାଯାଇଛି। ମେଲ/ଏକ୍ସପ୍ରେସ ଟ୍ରେନ (ନନ୍-ଏସି)ର ଦ୍ୱିତୀୟ ଶ୍ରେଣୀ ଯାତ୍ରୀ, ସ୍ଲିପର କ୍ଲାସ ଯାତ୍ରୀ ଓ ପ୍ରଥମ ଶ୍ରେଣୀ ଯାତ୍ରୀଙ୍କ ପାଇଁ ପ୍ରତି କି.ମି.ରେ ୧ ପଇସା ଲେଖାଏଁ ବୃଦ୍ଧି କରାଯାଇଛି। ଏସି ଶ୍ରେଣୀ (ମେଲ/ଏକ୍ସପ୍ରେସ ଟ୍ରେନ) କ୍ଷେତ୍ରରେ ଏସି ଚେୟାର କାର୍, ଏସି-୩ ଟାୟାର /ଏସି-୩ ଟାୟାର ଇକୋନୋମି, ଏସି ୨-ଟାୟାର ଏବଂ ଏସି ପ୍ରଥମ/ଏକ୍‌ଜିକ୍ୟୁଟିଭ୍ ଶ୍ରେଣୀ/ଏକ୍‌ଜିକ୍ୟୁଟିଭ୍ ପ୍ରତି କିଲୋମିଟର ପାଇଁ ୨ ପଇସା ବୃଦ୍ଧି କରାଯାଇଛି। ଭଡ଼ା ସଂଶୋଧନ ରାଜଧାନୀ, ଶତାବ୍ଦୀ, ଦୁରନ୍ତୋ, ବନ୍ଦେ ଭାରତ, ତେଜସ୍, ହମ୍‌ସଫର, ଅମୃତ ଭାରତ, ମହାମାନ, ଗତିମାନ, ଅନ୍ତ୍ୟୋଦୟ, ☞ ପୃଷ୍ଠା-୪

# ବର୍ଷାରେ ଖେଳିବାକୁ ଜିଦ୍ କରିବାରୁ ଛୁରି ଭୁସି ପୁଅକୁ ହତ୍ୟା

ନୂଆଦିଲ୍ଲୀ, ୩୦।୬

ଦିଲ୍ଲୀର ସାଗରପୁର ଅଞ୍ଚଳରେ ବର୍ଷାରେ ଖେଳିବାକୁ ଜିଦ୍ କରିବାରୁ ଏ. ରଏ ନାମକ ଜଣେ ବ୍ୟକ୍ତି (୪୦) ରବିବାର ନିଜ ୧୦ ବର୍ଷର ପୁଅକୁ ଛୁରିରେ ଭୁସି ହତ୍ୟା କରିଛନ୍ତି। ପୀଡ଼ିତ ବାଳକଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଦାଦା ଦେବ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ସୋମବାର ଅଭିଯୁକ୍ତ ରଏଙ୍କୁ ପୋଲିସ ଗିରଫ କରିବା ସହ ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ରଏ ନିଜ ୪ ପୁଅଙ୍କ ସହ ସାଗରପୁର ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିଲେ। କିଛି ବର୍ଷ ତଳେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ମୃତ ବାଳକ ଜଣଙ୍କ ତାଙ୍କ ତୃତୀୟ ପୁଅ ହୋଇଥିବା ଜଣାପଡ଼ିଛି। ଶନିବାର ବର୍ଷାରେ ଖେଳିବାକୁ ପୁଅ ବାରମ୍ବାର ଜିଦ୍ କରିବାରୁ ରଏ ରାଗିଯାଇଥିଲେ ଏବଂ ରୋଷେଇ ଘରୁ ଏକ ଛୁରି ଆଣି ପୁଅର ଛାତିରେ ଭୁସି ଦେଇଥିଲେ।

**ଆଜିର ସମ୍ପାଦକୀୟ** | ଜନ ଓ ଗଣନା

# ୩ ମାସରେ ଇ-କେୱାଇସି ନ କଲେ ରାଶନ କାର୍ଡ ଅଚଳ

- ୨୦.୫୮ ଲକ୍ଷ ଲୋକ କରିନାହାନ୍ତି ଇ-କେୱାଇସି
- ଏହି ହିତାଧିକାରୀଙ୍କୁ ମିଳିବନି ସରକାରୀ ଚାଉଳ

ଭୁବନେଶ୍ୱର,୩୦।୬(ସୁନିତ୍ ମିଶ୍ର)

ରାଶନ କାର୍ଡର ଇ-କେୱାଇସି ପ୍ରକ୍ରିୟା ଲାଗି କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ସମୟ ସୋମବାର ଶେଷ ହୋଇଛି। ଜୁଲାଇରୁ ଯେଉଁମାନେ ଇ-କେୱାଇସି କରିନାହାନ୍ତି ସେମାନଙ୍କ ରାଶନ କାର୍ଡ ୩ ମାସ ଲାଗି ଅଚଳ ହୋଇଯିବ। ପୁଣି ୩ ମାସ ଭିତରେ ଇ-କେୱାଇସି କରିଲେ କାର୍ଡ ପୁନଃ ସଚଳ ହେବ। ନ ହେଲେ ତାହା ସମ୍ପୂର୍ଣ୍ଣ କଟିଯିବ। ଏ ପର୍ଯ୍ୟନ୍ତ ୨୦ ଲକ୍ଷ ୫୮ ହଜାର ଲୋକ ଇ-କେୱାଇସି କରିନାହାନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ସରକାର ଆସିବା ପରେ ଭୂତ ହିତାଧିକାରୀ ଚିହ୍ନଟ ଆରମ୍ଭ କରିଦେଇଛନ୍ତି। କିଛି ମାସ ମଧ୍ୟରେ ରାଜ୍ୟର ବହୁ ଭୂତ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ରାଶନ କାର୍ଡ ମଧ୍ୟ କାଟିଦିଆଯାଇଛି। ବହୁ ଅଯୋଗ୍ୟ ହିତାଧିକାରୀ ନିଜ ଆଡୁ ରାଶନ କାର୍ଡ ଫେରାଇ ଦେଇଥିବା ଖବର ମଧ୍ୟ କିଛିଦିନ ତଳେ ମନ୍ତ୍ରୀ କହିଥିଲେ।

# ବିମାନ ଟିକେଟ ଖର୍ଚ୍ଚରୁ ବର୍ତ୍ତିବା ପାଇଁ ୮ କାର୍ ଚୋରି

ବେଜିଂ, ୩୦।୬



ବିମାନ ଟିକେଟ ମହଙ୍ଗା ହୋଇଥିବାରୁ ଉତ୍ତର-ପୂର୍ବ ଚାଇନାର ଲିଆଓନିଂ ପ୍ରଦେଶର ଚେନ୍ ନାମକ ଜଣେ ବ୍ୟକ୍ତି ନିଜ ଘରକୁ ଫେରିବା ପାଇଁ ୮ଟି କାର୍ ଚୋରି କରିଛନ୍ତି। ଗତ ମେ' ୩୧ରେ ସେ ଘରକୁ ଫେରିବା ପାଇଁ ୧୫୦୦ ୟୁଆନ୍ (ପ୍ରାୟ ୧୮ ହଜାର ଟଙ୍କା) ମୂଲ୍ୟରେ ଏକ ବିମାନ ଟିକେଟ କିଣିଥିଲେ। ତେବେ ଏହା ଅତ୍ୟଧିକ ମହଙ୍ଗା ହୋଇଥିବାରୁ ସେ ପରେ ଏହି ଟିକେଟକୁ ବାତିଲ କରିଦେଇଥିଲେ। ତାଙ୍କୁ ମଧ୍ୟ ଚାଇନାର ହୁନାନ୍ ପ୍ରଦେଶର ଚାଙ୍ଗସାରୁ ନିଜ ଘର ଥିବା ଲିଆଓନିଂ ପ୍ରଦେଶକୁ ଯିବାର ଥିଲା। ପୂର୍ବରୁ ଜଣେ ଗାଡ଼ି ଚୋର ହୋଇଥିବାରୁ କାର୍ ଚୋରି କରି ଘରେ ପହଞ୍ଚିବାକୁ ସେ ନିଷ୍ପତ୍ତି ନେଇଥିଲେ। ଚେନ୍ ରାତିରେ ବିଭିନ୍ନ କାର୍ ଡିଲରଶିପରେ ପ୍ରବେଶ କରୁଥିଲେ ଏବଂ କୌଶଳର ସହ କ୍ୟାବିନେଟରୁ ଚାବି ନେଇ ସର୍ଭିସିଂ ପାଇଁ ଅପେକ୍ଷାରେ ଥିବା ଗାଡ଼ିଗୁଡ଼ିକୁ ଚୋରି କରୁଥିଲେ। ଏହି ଯାତ୍ରାରେ ସେ ୧ ନିୟୁତ ୟୁଆନ୍ (ପ୍ରାୟ ୧ କୋଟି ୨୦ ଲକ୍ଷ ଟଙ୍କା) ମୂଲ୍ୟର ୮ଟି କାର୍ ଚୋରି କରିଥିଲେ ଏବଂ ଉକ୍ତ କାର୍‌ଗୁଡ଼ିକ ଯୋଗେ ୭ଟି ସହର ଦେଇ ଯାତ୍ରା କରିଥିଲେ। ପ୍ରତ୍ୟେକ ଥର ଇନ୍ଧନ ସରିଯିବା ପରେ ସେ କାର୍‌କୁ ରଖି ଅନ୍ୟ ଏକ କାର୍ ଚୋରି କରୁଥିଲେ। ସେହିପରି ଚେନ୍ ନିଜ ଖାଦ୍ୟ ଏବଂ ରାସ୍ତାର ଟୋଲ୍ ଦେବା ପାଇଁ ଗାଡ଼ିରେ ଥିବା ବିଭିନ୍ନ ମୂଲ୍ୟବାନ ଜିନିଷପତ୍ର ମଧ୍ୟ ଚୋରି କରିଥିଲେ। ୧୪ ଘଣ୍ଟାରୁ ଅଧିକ ସମୟ ଧରି ଯାତ୍ରା କରିବା ପରେ ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇଥିଲା। ଗତ ମାସ ୪ ତାରିଖରେ ଚାଇନାର ଶିଜିଆଜୁଆଙ୍ଗ୍ ସହରରେ ଥିବା ହେବେଇ କାର୍ ପାର୍କିଂ ସ୍ଥଳରେ ଏକ ଚୋରି କାର୍ ମଧ୍ୟରେ ଶୋଇଥିବା ସମୟରେ ପୋଲିସ ତାଙ୍କୁ ଗିରଫ କରିଥିଲା। ସେ ଚୋରି କରିଥିବା ସମସ୍ତ ୮ଟି କାର୍‌କୁ ପୋଲିସ ଜବତ କରିଛି। ଏବେ ଚେନ୍ ପୋଲିସ ହାଜତରେ ରହିଛନ୍ତି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ଚାଇନାରେ କାର୍ ଚୋରି ପରି ଅପରାଧ ପାଇଁ ଦୋଷୀଙ୍କୁ ୧୦ ବର୍ଷରୁ ଅଧିକ ଜେଲ ଏବଂ ଜରିମାନାର ବ୍ୟବସ୍ଥା ରହିଛି।



ପ୍ରବଳ ବର୍ଷା ଯୋଗୁ ଶିମିଳିପାଳ ଜାତୀୟ ଉଦ୍ୟାନର କାଳିକାପ୍ରସାଦ-ଗୁଡୁଗୁଡ଼ିଆ ମୁଖ୍ୟ ରାସ୍ତାର ମହୁଭଣ୍ଡାର ଗ୍ରାମ ନିକଟରେ ହୋଇଥିବା ଭୂସ୍ଖଳନ।

# ଶିମିଳିପାଳରେ ଭୂସ୍ଖଳନ

ବାରିପଦା,୩୦।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ମଧ୍ୟରେ ଭୂସ୍ଖଳନ ହୋଇଛି। ଫଳରେ ୩ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଅଭୟାରଣ୍ୟ ମଧ୍ୟରେ ଥିବା ମୁଖ୍ୟ ରାସ୍ତାର ଗୁଡୁଗୁଡ଼ିଆ ଓ କାଳିକାପ୍ରସାଦ ଅଞ୍ଚଳକୁ ଚାରିଚକିଆ ଯାନବାହନ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। କେବଳ ଦୁଇଚକିଆ ଯାନକୁ ଯାତାୟାତ ପାଇଁ ଅନୁମତି ଦିଆଯାଇଛି। ଜଙ୍ଗଲ, ପରିବେଶ ବିଭାଗ ମନ୍ତ୍ରୀ ଇଂ. ଗଣେଶ ରାମସିଂ ଖୁଣ୍ଟିଆ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପନିର୍ଦ୍ଦେଶକ ସାଇ କିରଣ ଘଟଣାସ୍ଥଳକୁ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି।

ସୂଚନାଯୋଗ୍ୟ, ଲଘୁଚାପ ପ୍ରଭାବରେ ମୟୂରଭଞ୍ଜ ଜିଲା ସମେତ ଶିମିଳିପାଳ ଅଭୟାରଣ୍ୟରେ ପ୍ରବଳ ବର୍ଷା ହୋଇଛି। ଶିମିଳିପାଳ ସଂଲଗ୍ନ କାଳିକାପ୍ରସାଦ ଦେଇ ଗୁଡୁଗୁଡ଼ିଆ ଯାଇଥିବା ମୁଖ୍ୟରାସ୍ତାର ମହୁଭଣ୍ଡାର ଗ୍ରାମ ନିକଟରେ ଭୂସ୍ଖଳନ ଘଟିଛି। ଫଳରେ ଗମନାଗମନରେ ବାଧା ଉପୁଜିଛି। ୩ଟି ଗ୍ରାମପଞ୍ଚାୟତକୁ ଯାତାୟାତ ପାଇଁ କେବଳ ଦୁଇଚକିଆ ଯାନକୁ ଅନୁମତି ଦିଆଯାଇଛି। ସେହିପରି ଜରୁରିକାଳୀନ ସେବା ଯୋଗାଉଥିବା ଆମ୍ବୁଲାନ୍ସ, ଦମକଳବାହିନୀ ଓ ରାତ୍ରିଯାପନ କରିଥିବା ପର୍ଯ୍ୟଟକମାନଙ୍କୁ ଚହଲା ରାସ୍ତା ଦେଇ ଯଶୀପୁର ପଟେ ଫେରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ରବିବାର ରାତିରେ ଏହି ଘଟଣା ☞ ପୃଷ୍ଠା-୪

## ସଂକ୍ଷେପରେ

### ଭାଜପା ଛାଡ଼ିଲେ ବିଧାୟକ ରାଜା ସିଂ



ହାଇଦ୍ରାବାଦ,୩୦।୬

ତେଲଙ୍ଗାନାର ଭାଜପା ବିଧାୟକ ଟି. ରାଜା ସିଂ ସୋମବାର ଦଳରୁ ଇସ୍ତଫା ଦେଇଛନ୍ତି। ରାମଚନ୍ଦ୍ର ରାଓ ଭାଜପା ରାଜ୍ୟ ସଭାପତି ନିଯୁକ୍ତ ହେବାକୁ ଯାଉଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏଥିରେ ଗଭୀର ଅସନ୍ତୋଷ ବ୍ୟକ୍ତ କରି ସେ ଇସ୍ତଫା ଦେଇଥିବା କହିଛନ୍ତି। ଅନେକ ଲକ୍ଷ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ପ୍ରତାରିତ କରାଯାଇଥିବା ଦଳୀୟ ନିଷ୍ପତ୍ତିରୁ ପ୍ରତିଫଳିତ ହେଉଛି ବୋଲି ସେ ତାଙ୍କ ଇସ୍ତଫାପତ୍ରରେ ଲେଖିଛନ୍ତି।

### ୩ ବର୍ଷ ହେଲା ଘରେ ନିଜକୁ ବନ୍ଦ ରଖିଥିବା ଇଞ୍ଜିନିୟର ଉଦ୍ଧାର

ମୁମ୍ବାଇ,୩୦।୬

ନଭି ମୁମ୍ବାଇର ଏକ ଆପାର୍ଟମେଣ୍ଟ ମଧ୍ୟରେ ୩ ବର୍ଷ ହେଲା ନିଜକୁ ବନ୍ଦକରି ରଖିଥିବା ଜଣେ ୫୫ ବର୍ଷୀୟ ବ୍ୟକ୍ତିଙ୍କୁ ଗତ ସପ୍ତାହରେ ଉଦ୍ଧାର କରାଯାଇଛି। ଅନୁପ କୁମାର ନାୟାର ନାମକ ଏହି ବ୍ୟକ୍ତି ଅତ୍ୟଧିକ ବିଷାଦଗ୍ରସ୍ତ ଏବଂ ମାନସିକ ଆଘାତ ଯୋଗୁ ସ୍ୱେଚ୍ଛାକୃତ ଭାବେ ନିଜକୁ ବନ୍ଦ କରି ରଖିଥିଲେ। ଜୁଇନଗରର ସେକ୍ଟର-୨୪ସ୍ଥିତ ଘରକୁଲ ସୋସାଇଟିରେ ରହୁଥିବା ନାୟାର ପୂର୍ବରୁ କମ୍ପ୍ୟୁଟର ପ୍ରୋଗ୍ରାମର ଭାବେ କାର୍ଯ୍ୟ କରୁଥିଲେ। ସୋସିଆଲ୍ ଆଣ୍ଡ ଏଭାଞ୍ଜେଲିକାଲ ଆସୋସିଏଶନ ଫର୍ ଲଭ୍ (ସିଲ୍) ନାମକ ଏନ୍‌ଜିଓର ସାମାଜିକ କର୍ମୀଙ୍କ ସୂଚନା ଅନୁଯାୟୀ, ସେ ୩ ବର୍ଷରୁ ଊର୍ଦ୍ଧ୍ୱ ହେଲା ଫ୍ଲାଟ୍‌ରୁ ବାହାରି ନ ଥିଲେ। ନିଜର ମୌଳିକ ଆବଶ୍ୟକତା ପାଇଁ ସେ ଫୁଡ୍ ଡେଲିଭରି ଆପ୍ ବ୍ୟବହାର କରୁଥିଲେ। କିଛିବର୍ଷ ପୂର୍ବେ ମା'ବାପାଙ୍କ ମୃତ୍ୟୁ ଏବଂ ବଡ଼ଭାଇଙ୍କ ଆତ୍ମହତ୍ୟା ତାଙ୍କୁ ଗଭୀର ମାନସିକ ଆଘାତ ଦେଇଥିଲା ଏବଂ ସେ ବାହାର ଦୁନିଆରୁ ଦୂରେଇ ରହିଥିଲେ।

# ସାର୍କର ବିକଳ୍ପ ଗଢ଼ୁଛନ୍ତି ଚାଇନା, ପାକିସ୍ତାନ

## ଭାରତକୁ ଟକ୍କର ଦେବାକୁ ଯୋଜନା

ନୂଆଦିଲ୍ଲୀ,୩୦।୬

ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଂଗଠନ (ସାର୍କ)ରେ ଭାରତ ପ୍ରମୁଖ ସଦସ୍ୟ ରହିଛି। ଏଥିରେ ଭାରତର ପ୍ରାଧାନ୍ୟ ରହିଥିବାରୁ ଏହାକୁ ଟକ୍କର ଦେବା ପାଇଁ ଏକ ବିକଳ୍ପ ସଂଗଠନ ଗଢ଼ିବା ପାଇଁ ଚାଇନା ଏବଂ ପାକିସ୍ତାନ ଯୋଜନା ଚଳାଇଛନ୍ତି। ବାଂଲାଦେଶ ସେମାନଙ୍କ ସହ ସାମିଲ ହୋଇଛି। ଏଥିପାଇଁ ଇସ୍‌ଲାମାବାଦ ଏବଂ ବେଜିଂ ମଧ୍ୟରେ ଆଲୋଚନାରେ ଅଗ୍ରଗତି ଘଟିଥିବା ପାକିସ୍ତାନୀ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ନୂଆ ଆଞ୍ଚଳିକ ସଂଗଠନ ଗଢ଼ିବା ନେଇ ଗତ ୧୯ ତାରିଖରେ ଚାଇନାର କୁନ୍‌ମିଙ୍ଗଠାରେ ବୈଠକ ବସିଥିଲା। ସାର୍କର ସଦସ୍ୟ ଥିବା ଦକ୍ଷିଣ ଏସିଆର ଅନ୍ୟ ଦେଶଗୁଡ଼ିକୁ ଆମନ୍ତ୍ରଣ କରି ନୂଆ ସଂଗଠନରେ ସାମିଲ କରିବା ଉକ୍ତ ବୈଠକର ଲକ୍ଷ୍ୟ।




କୁନ୍‌ମିଙ୍ଗ୍ ବୈଠକ ପୂର୍ବରୁ ଗତ ମେ'ରେ ଅନୁରୂପ ଭାବେ ଚାଇନା, ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡରର ସମ୍ପ୍ରସାରଣ ସହ ତାଲିବାନ ଶାସିତ ରାଷ୍ଟ୍ରରେ ଆଞ୍ଚଳିକ ସହଯୋଗ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସୂଚନାଯୋଗ୍ୟ, ୧୯୮୫ ଡିସେମ୍ବର ୮ରେ ସାର୍କ ଗଠନ ହୋଇଥିଲା। ଏହି ସଂଗଠନରେ ୭ ପ୍ରତିଷ୍ଠାତା ସଦସ୍ୟ ରହିଥିବାବେଳେ ୨୦୦୭ରେ ଆଫଗାନିସ୍ତାନ ସାମିଲ ହୋଇଥିଲା। ସାର୍କର ସଦସ୍ୟମାନେ ହେଲେ ଭାରତ, ବାଂଲାଦେଶ, ଆଫଗାନିସ୍ତାନ, ପାକିସ୍ତାନ, ନେପାଳ, ଶ୍ରୀଲଙ୍କା, ମାଳଦ୍ୱୀପ ଏବଂ ଭୁଟାନ। ତେବେ ୨୦୧୪ କାଠମାଣ୍ଡୁ ସମିଟ୍ ପରେ ସାର୍କ ନେତାମାନେ ଏକାଠି ହୋଇ ନ ଥିବାରୁ ଏହି ସଂଗଠନ ନିଷ୍କ୍ରିୟ ରହିଛି।

୨୦୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ସାର୍କ ଭିଡିଓ କନ୍‌ଫରେନ୍ସରେ କୋଭିଡ-୧୯ ଜରୁରୀ ପାଣ୍ଠି ପ୍ରସ୍ତାବ ଦେଇଥିଲେ। ଏଥିପାଇଁ ଭାରତ ୧୦ ନିୟୁତ ଡଲାର ଦେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେହିବର୍ଷ ନଭେମ୍ବରରେ ଇସ୍‌ଲାମାବାଦରେ ୧୯ତମ ସାର୍କ ସମିଟ୍ ହେବାକୁ ଥିବାବେଳେ ଜମ୍ମୁ-କଶ୍ମୀରର ଉରିରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣ ଯୋଗୁ ଭାରତ ଉକ୍ତ ସମ୍ମିଳନୀରେ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇଥିଲା। ସୂଚନାଯୋଗ୍ୟ, ଉରି ଆତଙ୍କବାଦୀ ଆକ୍ରମଣରେ ଭାରତର ୧୭ ଜଣ ଯବାନ ନିହତ ହୋଇଥିଲେ। ଆତଙ୍କବାଦ ଏବଂ ଆଞ୍ଚଳିକ ହସ୍ତକ୍ଷେପ କାରଣରୁ ଆଫଗାନିସ୍ତାନ, ବାଂଲାଦେଶ ଏବଂ ଭୁଟାନ ମଧ୍ୟ ସମ୍ମିଳନୀରୁ ନିଜକୁ ଦୂରେଇ ରଖିଥିଲେ। ଫଳରେ ସମିଟ୍ ବାତିଲ ହୋଇଥିଲା। ଏହା ପରେ ଆଉ ସମ୍ମିଳନୀ ଅନୁଷ୍ଠିତ ହୋଇନାହିଁ। ଚାଇନା ଓ ପାକିସ୍ତାନର ପ୍ରସ୍ତାବିତ ନୂଆ ସଂଗଠନରେ ସାର୍କ ସଦସ୍ୟ ଶ୍ରୀଲଙ୍କା, ମାଳଦ୍ୱୀପ ଏବଂ ଆଫଗାନିସ୍ତାନ ସାମିଲ ହେବେ ବୋଲି ସେମାନେ ଆଶାବାଦୀ ଅଛନ୍ତି। ତେବେ ନୂଆ ସଂଗଠନ ଚିନ୍ତାଧାରାକୁ ବାଂଲାଦେଶ ଖଣ୍ଡନ କରିଛି। ଆମେ କୌଣସି ସଂଗଠନ ଗଢୁନାହୁଁ ବୋଲି ଢାକା ବହିର୍ବ୍ୟାପାର ଉପଦେଷ୍ଟା ଏମ୍. ତୌହିଦ ହୋସେନ୍ କହିଛନ୍ତି।

## ମଣିପୁରରେ ୪ ଜଣଙ୍କୁ ଗୁଳିକରି ହତ୍ୟା

ଇମ୍ଫାଲ,୩୦।୬

ମଣିପୁରର ଚୁରାଚାନ୍ଦପୁର ଜିଲାର ମୋଙ୍ଗଜାଙ୍ଗ ଗ୍ରାମ ନିକଟରେ ସୋମବାର ଅପରାହ୍ନରେ ଅଜଣା ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ଜଣେ ୬୦ ବର୍ଷୀୟା ମହିଳାଙ୍କ ସମେତ ଅନ୍ୟୁନ ୪ ଜଣଙ୍କ ମୃତ୍ୟୁ ଘଟିଛି। ଅପରାହ୍ନ ୨ଟା ବେଳେ ସେମାନେ ଏକ କାର୍ ଯୋଗେ ଯାଉଥିବାବେଳେ ଚୁରାଚାନ୍ଦପୁର ସହରଠାରୁ ପ୍ରାୟ ୭ କିଲୋମିଟର ଦୂରରେ ଏହି ଗୁଳିକାଣ୍ଡ ଘଟିଛି। ଆକ୍ରମଣକାରୀମାନେ ଅତି ନିକଟରୁ ଗୁଳି ଚଳାଇଥିଲେ ବୋଲି ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଘଟଣାସ୍ଥଳରୁ ପୋଲିସ ଡଜନେରୁ ଊର୍ଦ୍ଧ୍ୱ ଖାଲି କାର୍ଟ୍ରିଜ୍ ଜବତ କରିଥିବାରୁ ଆକ୍ରମଣକାରୀଙ୍କ ପାଖରେ ସ୍ୱୟଂକ୍ରିୟ ଅସ୍ତ୍ର ରହିଥିବା ସୂଚନା ମିଳୁଛି। ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରି ନ ଥିବାବେଳେ ଏହା ପଛର ଉଦ୍ଦେଶ୍ୟ ମଧ୍ୟ ଜଣାପଡ଼ି ନାହିଁ। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ପୋଲିସ ସମେତ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି। ଆକ୍ରମଣକାରୀଙ୍କ ଧରିବା ପାଇଁ ତଲାସି ଅଭିଯାନ ଜାରି ରହିଛି। ୨୦୨୩ ମେ' ୩ରୁ ମଣିପୁରରେ ଜାତିଆଣ ହିଂସା ଲାଗି ରହିଥିବାବେଳେ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ସହ ୧୨୦୦ ଜଣ ଆହତ ହୋଇଥିଲେ। ଏହି ହିଂସାରେ ୬୦ ହଜାରରୁ ଅଧିକ ଲୋକ ଘରଦ୍ୱାର ହରାଇ ବିସ୍ଥାପିତ ହେବା ସହ ଅନେକ ମନ୍ଦିର ଓ ଚର୍ଚ୍ଚ ଭଙ୍ଗାରୁଜା ହୋଇଥିଲା।



ଝାଡ଼ଖଣ୍ଡର ଲାତେହାର ଜିଲାରେ ପ୍ରବଳ ବର୍ଷା ଯୋଗୁ ଏକ ବ୍ରିଜ୍ ଭାସିଯାଇଥିବାବେଳେ ଉକ୍ତ ଅଞ୍ଚଳକୁ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

## ଟ୍ରମ୍ପଙ୍କ ନୂଆ ବିଲ୍‌ରେ ରିମିଟାନ୍ସ ଟ୍ୟାକ୍ସ ୧%କୁ ହ୍ରାସ

### ଭାରତୀୟ ଉପକୃତ ହେବେ

ନୂଆଦିଲ୍ଲୀ,୩୦।୬

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିଗ୍ ବିଉଟିଫୁଲ୍ ବିଲ୍‌ରେ ପ୍ରସ୍ତାବିତ ୫ ପ୍ରତିଶତ ରିମିଟାନ୍ସ ଟ୍ୟାକ୍ସକୁ ୧ ପ୍ରତିଶତକୁ ହ୍ରାସ କରାଯାଇଛି। ଏହି ବିଲ୍ ସିନେଟ୍‌ର ଏକ ପ୍ରମୁଖ ପ୍ରତିବନ୍ଧକକୁ ଅତିକ୍ରମ କରିଛି। ସଂଶୋଧିତ ବିଲ୍‌ରେ ଟିକସ ହ୍ରାସ କରାଯାଇଥିବାରୁ ଆମେରିକାରେ କାର୍ଯ୍ୟ କରୁଥିବା ଭାରତୀୟ ପେସାଦାର ଏବଂ ପ୍ରବାସୀ ଭାରତୀୟମାନେ ନିଜ ଦେଶକୁ ଟଙ୍କା ପଠାଇବାରେ ଅଧିକ ଟିକସ ଦେବାକୁ ପଡ଼ିବ ନାହିଁ। ସେମାନଙ୍କ ପାଇଁ ଏହା ଏକ ବଡ଼ ଆଶ୍ୱସ୍ତି ବୋଲି କୁହାଯାଉଛି। ନଗଦ ଅର୍ଥ, ମନିଅର୍ଡର ଏବଂ କ୍ୟାଶିୟର୍ସ ଚେକ୍ ଜରିଆରେ ଟଙ୍କା ପ୍ରେରଣ କ୍ଷେତ୍ରରେ ଉକ୍ତ ଟିକସ ଲାଗୁ ହେବ। ତେବେ ଆର୍ଥିକ ସଂସ୍ଥାରେ ଥିବା କିମ୍ବା ଏହାଦ୍ୱାରା ପରିଚାଳିତ ଆକାଉଣ୍ଟ ପାଇଁ ରିମିଟାନ୍ସକୁ ବାଦ୍ ଦିଆଯାଇଛି। ସେହିପରି ଆମେରିକା ଜାରି କରିଥିବା ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡରେ ଯେଉଁମାନେ ପାଣ୍ଠି ଲଗାଇଛନ୍ତି, ସେମାନେ ମଧ୍ୟ ଉକ୍ତ ଟିକସରୁ ବାଦ୍ ପଡ଼ିବେ। ଗତ ମେ'ରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ବିଲ୍‌ର ପୂର୍ବ ଭର୍ସନ ଗୃହୀତ ହୋଇଥିବାବେଳେ ପ୍ରସ୍ତାବିତ ୫% ଟିକସକୁ ନେଇ ବହୁ ଭାରତୀୟ ପେସାଦାର ଚିନ୍ତାରେ ଥିଲେ।



ଡୋନାଲ୍ଡ ଟ୍ରମ୍ପ

## କଶ୍ମୀରରେ ନୂଆ ମେଣ୍ଟ

ଶ୍ରୀନଗର, ୩୦।୬

ଜମ୍ମୁ-କଶ୍ମୀର ପିପୁଲ୍ସ କନ୍‌ଫରେନ୍ସ (ଜେକେପିସି)ର ଅଧ୍ୟକ୍ଷ ସଜ୍ଜାଦ ଲୋନ୍ ସୋମବାର ଶ୍ରୀନଗରରେ ଏକ ନୂତନ ରାଜନୈତିକ ମେଣ୍ଟ ଘୋଷଣା କରିଛନ୍ତି। ଏହି ମେଣ୍ଟର ନାମ 'ପିପୁଲ୍ସ ଆଲାୟନ୍ସ ଫର୍ ଚେଞ୍ଜ' ରଖାଯାଇଛି। ଏହି ମେଣ୍ଟରେ ଜେକେପିସି ସହ ହକ୍କିମ ମହମ୍ମଦ ୟାସିନଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ଫ୍ରଣ୍ଟ (ପିଡିଏଫ୍) ଏବଂ ଜଷ୍ଟିସ୍ ଆଣ୍ଡ ଡେଭେଲପ୍‌ମେଣ୍ଟ ଫ୍ରଣ୍ଟ (ଜେଡିଏଫ୍) ସାମିଲ ହୋଇଛି। ଏହି ଅବସରରେ ସଜ୍ଜାଦ କହିଛନ୍ତି, କଶ୍ମୀରରେ ଅନେକ ବର୍ଷ ଧରି ଶାସନ କରିଥିବା ୨ ପ୍ରମୁଖ ରାଜନୈତିକ ଦଳ ବିରୋଧରେ 'ପିପୁଲ୍ସ ଆଲାୟନ୍ସ ଫର୍ ଚେଞ୍ଜ' ମେଣ୍ଟ ବିକଳ୍ପ ଭାବେ ଉଭା ହେବ।

## ଫାର୍ମା କମ୍ପାନୀ ଫ୍ୟାକ୍ଟ୍ରିରେ ବିସ୍ଫୋରଣ: ୧୨ ମୃତ

### ମୃତକଙ୍କ ମଧ୍ୟରୁ ଜଣେ ଓଡ଼ିଶାର

ସାଙ୍ଗାରେଡ୍ଡୀ/ହାଇଦ୍ରାବାଦ,୩୦।୬

ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲାରେ ଥିବା ଏକ ଔଷଧ କମ୍ପାନୀ ଫ୍ୟାକ୍ଟ୍ରିରେ ସୋମବାର ସକାଳେ ବିସ୍ଫୋରଣ ଘଟି ୧୨ ଜଣଙ୍କ ମୃତ୍ୟୁ ହେବା ସହ ୩୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଜଣେ ଓଡ଼ିଶାର ବୋଲି କୁହାଯାଉଛି। ତାଙ୍କ ନାମ ନଗରଜିତ୍ ତିୱାରୀ। ପଶମିଲାରାମ ଶିଳ୍ପାଞ୍ଚଳରେ ଥିବା ସିଗାଚି ଫାର୍ମା କମ୍ପାନୀ ପ୍ଲାଣ୍ଟର ରିଆକ୍ଟରରେ ରାସାୟନିକ ପ୍ରତିକ୍ରିୟାରୁ ଏହି ବିସ୍ଫୋରଣ ଘଟିଥିବା ସନ୍ଦେହ କରାଯାଉଛି। ବିସ୍ଫୋରଣ ସମୟରେ ଫ୍ୟାକ୍ଟ୍ରିରେ ୧୫୦ ଜଣ କାମ କରୁଥିଲେ ଏବଂ ଘଟଣାସ୍ଥଳରେ ୯୦ ଜଣ ଥିଲେ ବୋଲି ଫ୍ୟାକ୍ଟ୍ରି ସୂତ୍ରରୁ ଉଦ୍ଧାର କରି ପୋଲିସ ଆଇଜି ଭି. ସତ୍ୟନାରାୟଣ କହିଛନ୍ତି। ସକାଳ ୯ଟା ୨୮ରୁ ୯ଟା ୩୫ ମଧ୍ୟରେ ବିସ୍ଫୋରଣ ଘଟିଥିବାବେଳେ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇ ଦିଆଯାଇଥିଲା। ବିସ୍ଫୋରଣରୁ ଲାଗିଥିବା ନିଆଁ ଲିଭାଇବାକୁ ୧୦ଟି ଅଗ୍ନିଶମ ଦମକଳକୁ ନିୟୋଜିତ କରାଯାଇଥିଲାବେଳେ ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ କର୍ମଚାରୀମାନେ ସାମିଲ ହୋଇଥିଲେ। ୩ ଜଣଙ୍କ ମୃତଦେହ ଚିହ୍ନଟ ହୋଇଥିବାବେଳେ ୬ ମୃତଦେହ ଏଭଳି ଜଳିଯାଇଛି ଯେ ଚିହ୍ନଟ କରିବା ପାଇଁ ଡିଏନ୍‌ଏ ପରୀକ୍ଷା କରାଇବାକୁ ପଡ଼ିବ ବୋଲି ପଟାନଚେରୁ ତହସିଲଦାର ଏ. ରଙ୍ଗା ରାଓ କହିଛନ୍ତି। ଅନ୍ୟ ୩ ମୃତଦେହକୁ ଭଗ୍ନାବଶେଷ ମଧ୍ୟରୁ ବାହାର କରିବାକୁ ଉଦ୍ୟମ ଜାରି ରହିଛି।

ମୃତକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଏବଂ ଆହତମାନଙ୍କ ପାଇଁ ୫୦,୦୦୦ ଟଙ୍କା ଲେଖାଏ ସହାୟତା ଘୋଷଣା କରାଯାଇଛି।

## ବଙ୍କର-ବଷ୍ଟର ମିଶାଇଲ ବିକଶିତ କରୁଛି ଭାରତ

ନୂଆଦିଲ୍ଲୀ,୩୦।୬

ଇରାନର ୩ଟି ନ୍ୟୁକ୍ଲିୟର ଫାସିଲିଟିକୁ ଧ୍ୱଂସ କରିବା ଲାଗି ଆମେରିକା ଗତ ୨୨ ତାରିଖରେ ଜିବିୟୁ-୫୭/ଏ ବଙ୍କର-ବଷ୍ଟରକୁ ନିୟୋଜିତ କରିଥିଲା। ଏହି ଅତ୍ୟାଧୁନିକ ସାମର୍ଥ୍ୟ ହାସଲ କରିବା ଲାଗି ଭାରତ ଜୋର୍‌ଦାର ଉଦ୍ୟମ ଚଳାଇଛି। ନୂଆ ତଥା ଶକ୍ତିଶାଳୀ ମିଶାଇଲ୍ ସିଷ୍ଟମ୍ ନିର୍ମାଣ ସହ ଭାରତ ଭବିଷ୍ୟତ ଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଛି। ଏହି ମିଶାଇଲ୍ ସିଷ୍ଟମ୍ ଭୂଗର୍ଭରେ ଥିବା ଶକ୍ତିଶାଳୀ ଢାଞ୍ଚାକୁ ଭେଦ କରିପାରିବ। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ପକ୍ଷରୁ ଅଗ୍ନି-୫ ଅନ୍ତର୍ମହାଦେଶୀୟ ବାଲିଷ୍ଟିକ୍ ମିଶାଇଲ୍‌ର ଉନ୍ନତ ଭର୍ସନ୍‌ର ବିକାଶ କରାଯାଉଛି। ଅଗ୍ନି-୫ ଆଣବିକ ଅସ୍ତ୍ର ସହ ୫,୦୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କ୍ଷମତା ରଖିଥିବାବେଳେ ନୂଆ ଭାରିଆଣ୍ଟରେ ପାରମ୍ପରିକ ଅସ୍ତ୍ର ସାମର୍ଥ୍ୟ ରହିବ, ଯାହା ୭,୫୦୦ କିଲୋଗ୍ରାମ ବଙ୍କର-ବଷ୍ଟର ଯୁଦ୍ଧାସ୍ତ୍ର ବହନ କରିପାରିବ। ମାଟିତଳେ ୫୦ରୁ ୧୦୦ ମିଟର ଗଭୀରରେ ଥିବା ବହୁସ୍ତରୀୟ ଶକ୍ତିଶାଳୀ କଂକ୍ରିଟ୍ ଢାଞ୍ଚାକୁ ଏହା ଧ୍ୱଂସ କରିପାରିବ। ଆମେରିକା ନକଟରେ ୧୪ଟି ଜିବିୟୁ-୫୭ ବ୍ୟବହାର କରିଥିଲା, ଯାହାକି ବିଶ୍ୱର ସବୁଠୁ ଶକ୍ତିଶାଳୀ ବଙ୍କର-ବଷ୍ଟର ବୋମା। ଭାରତ ଅନୁରୂପ ସାମର୍ଥ୍ୟ ହାସଲ କରିବାକୁ ଚାହୁଁଥିବା ଜଣାପଡ଼ିଛି।



## ଫୁରସତ୍

# ଆଖୁଛେଦାରୁ ନିର୍ମିତ ପ୍ରଥମ ସ୍କୁଲ

ନଏଡା

ସ୍ଥାପତ୍ୟ କ୍ଷେତ୍ରରେ ସମ୍ପ୍ରତି ଅନେକ ପରିବର୍ତ୍ତନ ଘଟିଛି। ଦେଶରେ ବିଭିନ୍ନ ସାର୍ବଜନୀନ ସମ୍ପତ୍ତିର ନିର୍ମାଣକୁ ପରିବେଶ ଅନୁକୂଳ କରିବା ପାଇଁ ବିଭିନ୍ନ ନିର୍ମାଣ ସାମଗ୍ରୀ ଉପରେ ପରୀକ୍ଷଣ ଆରମ୍ଭ ହୋଇଛି। ନିକଟରେ ଉତ୍ତରପ୍ରଦେଶର ନଏଡାରେ ଆଖୁଛେଦାରୁ ପ୍ରସ୍ତୁତ ଏକ କନ୍‌ଷ୍ଟ୍ରକ୍ସନ୍ ବ୍ଲକ୍ ସୁଗାରକ୍ରିଟ୍ ଦ୍ୱାରା ଏକ ନୂତନ ସ୍କୁଲ୍ ବିଲ୍ଡିଂକୁ ସମ୍ପୂର୍ଣ ଭାବେ ନିର୍ମାଣ କରାଯାଇଛି। ପୂର୍ବ ଲଣ୍ଡନ ବିଶ୍ୱବିଦ୍ୟାଳୟ (ୟୁଇଏଲ୍), ଇଣ୍ଡିଆନ୍ ମାନୁଫାକ୍ଚରର କେମିକାଲ୍ ସିଷ୍ଟମ୍ ଟେକ୍ନୋଲୋଜି (ସିଏସ୍‌ଟି) ଏବଂ ପଞ୍ଚଶୀଲ ବାଲାକ୍ ଇଣ୍ଟର୍ କଲେଜ (ପିବିଆଇସି)ର ମିଳିତ ସହଯୋଗରେ ଏହି ପ୍ରକଳ୍ପକୁ ଅନ୍ତିମ ରୂପ ଦିଆଯାଇଛି। ପଞ୍ଚଶୀଲ ବାଲାକ୍ ଇଣ୍ଟର୍ କଲେଜ ପରିସର ମଧ୍ୟରେ ଏହି ସ୍କୁଲର ନିର୍ମାଣ ହୋଇଛି।

୨୦୨୩ରେ ୟୁଇଏଲ୍ ଗବେଷକ ଆଲାନ୍ ଚାଣ୍ଡଲର ଏବଂ ଆର୍ମର ଗୁଟିରେଜ୍ ରିଭାସ୍‌ଙ୍କ ଦ୍ୱାରା ସୁଗାରକ୍ରିଟ୍‌କୁ ବିକଶିତ କରାଯାଇଥିଲା। ଆଖୁରୁ ରସ ବାହାର କରିବା ପରେ ବଳକା ଆଖୁଛେଦାରେ ମିନେରାଲ ବାଇଣ୍ଡର୍ସ ମିଳାଇ ଏକ ଇକୋ-ଫ୍ରେଣ୍ଡଲି କନ୍‌ଷ୍ଟ୍ରକ୍ସନ୍ ବ୍ଲକ୍ ପ୍ରସ୍ତୁତ କରି ଗବେଷକମାନେ ଏହାର ନାମ ସୁଗାରକ୍ରିଟ୍ ରଖିଛନ୍ତି। ନିର୍ମାଣ ସମୟରେ ପାରମ୍ପରିକ ଇଟା ତୁଳନାରେ ସୁଗାରକ୍ରିଟ୍‌ର ବ୍ୟବହାର ଦ୍ୱାରା ୬ ଗୁଣ କମ୍ କାର୍ବନ ନିର୍ଗତ ହୋଇଥାଏ।



ପ୍ରଥମ ଥର ପାଇଁ ସୁଗାରକ୍ରିଟ୍‌ର ବ୍ୟବହାର କରାଯାଇ ନଏଡ଼ାରେ ଏକ ପୂର୍ଣ୍ଣାଙ୍ଗ ଶ୍ରେଣୀଗୃହର ନିର୍ମାଣ କରାଯାଇଛି। ଆଗକୁ ଏପରି ଆହୁରି ସ୍କୁଲ୍ ବିଲ୍ଡିଂ ନିର୍ମାଣ ସମ୍ଭବ ବୋଲି ଏହି ପ୍ରକଳ୍ପର ନେତୃତ୍ୱ ନେଉଥିବା ୟୁଇଏଲ୍ ଇଞ୍ଜିନିୟର ରିଭାସ୍ କହିଛନ୍ତି। ନଏଡାରେ ନିର୍ମିତ ବିଦ୍ୟାଳୟର ଛାତ ଏକ ଷ୍ଟିଲ୍ ଫ୍ରେମ୍ ଦ୍ୱାରା ସମର୍ଥିତ, ଯେଉଁଥିରେ ଏକ କ୍ଲେରେଷ୍ଟୋରି ୱିଣ୍ଡୋ ରହିଛି। ଏହାଦ୍ୱାରା ଶ୍ରେଣୀଗୃହ ମଧ୍ୟରେ ପ୍ରାକୃତିକ ଆଲୋକ ପ୍ରବେଶ କରିପାରିଥାଏ। ବର୍ଷା ସମୟରେ ଛାତ୍ରୀଛାତ୍ରମାନଙ୍କୁ ସୁରକ୍ଷା ଦେବା ପାଇଁ ଡିଜାଇନର୍‌ମାନେ ସ୍କୁଲରେ ଏକ ବାରଣ୍ଡା ମଧ୍ୟ ପ୍ରସ୍ତୁତ କରିଛନ୍ତି। ସୁଗାରକ୍ରିଟ୍‌ର ବ୍ୟବହାରରେ କିପରି ପରିବେଶ ଉପଯୋଗୀ କୋଠା ନିର୍ମାଣ ହୋଇପାରିବ ତାହା ଏହି ସ୍କୁଲ୍ ପ୍ରମାଣିତ କରୁଛି ବୋଲି ରିଭାସ୍ କହିଛନ୍ତି। ବିଶ୍ୱ ସ୍ତରରେ ଆଖୁ ଉତ୍ପାଦନରେ ଭାରତ ଶୀର୍ଷରେ ଥିବାରୁ, କୋଠା ନିର୍ମାଣରେ ମାଟିରେ ତିଆରି ଇଟାର ବିକଳ୍ପ ଭାବେ ଆଖୁଛେଦାରୁ ତିଆରି ସୁଗାରକ୍ରିଟ୍‌ର ବ୍ୟବହାର ସମ୍ଭବ। ଏହାଦ୍ୱାରା ମୃତ୍ତିକା କ୍ଷୟକୁ ରୋକାଯାଇପାରିବ ବୋଲି ସେ କହିଛନ୍ତି। ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏନ୍‌ଜିଓ ପ୍ରୟତ୍ନ ଫାଉଣ୍ଡେଶନର ସହଯୋଗରେ ଏହି ଟିମ୍ ସମ୍ପ୍ରତି ହରିୟାଣାର ହିସାରରେ ଆଉ ଏକ ସୁଗାରକ୍ରିଟ୍ ଫାସିଲିଟିର ନିର୍ମାଣରେ ନିଜକୁ ନିୟୋଜିତ ରଖିଛି।



## କଲୋନେଲ୍ ଭୂମିକାରେ ଅନୁପମ୍

### 'ତନ୍‌ଭି ଦି ଗ୍ରେଟ୍' ଟ୍ରେଲର ଆଉଟ୍

ମୁମ୍ବାଇ

ଅଭିନେତା ଅନୁପମ ଖେର୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ 'ତନ୍‌ଭି ଦି ଗ୍ରେଟ୍' ଫିଲ୍ମର ଟ୍ରେଲର ସୋମବାର ରିଲିଜ୍ ହୋଇଛି। ଏହି ଫିଲ୍ମ ସହ ଅନୁପମ ୨୩ ବର୍ଷ ପରେ ନିର୍ଦ୍ଦେଶନାକୁ ଫେରିଛନ୍ତି। ପୂର୍ବରୁ ଏହି ଫିଲ୍ମ କାନ୍ସ ସମେତ ବିଭିନ୍ନ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇସାରିଛି। ୩ ମିନିଟ୍ ୪ ସେକେଣ୍ଡର ଏହି ଟ୍ରେଲରରେ ଜଣେ ଅଟିଷ୍ଟିକ ଯୁବତୀ ତନ୍‌ଭିଙ୍କର କାହାଣୀ ଦେଖିବାକୁ ମିଳିଛି। ତନ୍‌ଭିଙ୍କ ଚରିତ୍ରରେ ଅଭିନେତ୍ରୀ ଶୁଭାଙ୍ଗୀ ଦତ୍ତ ନଜରକୁ ଆସିଛନ୍ତି। ଏହି ଫିଲ୍ମ ସହ ବଲିଉଡ୍‌ରେ ସେ ଡେବ୍ୟୁ କରିଛନ୍ତି। ଫିଲ୍ମର କାହାଣୀ ଅନୁଯାୟୀ, ତନ୍‌ଭି ତାଙ୍କ ସ୍ୱର୍ଗତ ବାପାଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ସେନାରେ ଯୋଗଦେବାକୁ ସ୍ୱପ୍ନ ଦେଖନ୍ତି। ତେବେ ଅଟିଷ୍ଟିକ୍ ହୋଇଥିବାରୁ ଏହା ତାଙ୍କ ପକ୍ଷେ ସହଜ ହୋଇ ନ ଥାଏ। ତେବେ ତନ୍‌ଭି ସମସ୍ତ ପ୍ରତିବନ୍ଧକକୁ ଦୂର କରି କିପରି ସେନାରେ ଯୋଗଦେଉଛନ୍ତି, ତାହାକୁ ନେଇ ଫିଲ୍ମର କାହାଣୀ ପର୍ଯ୍ୟବେସିତ। ଏହି ଟ୍ରେଲରରେ ଅନୁପମଙ୍କୁ ଜଣେ କଲୋନେଲ୍‌ଙ୍କ ଭୂମିକାରେ ଦେଖିବାକୁ ମିଳିଛି। ସେ ତନ୍‌ଭିଙ୍କ ଜେଜେ ହୋଇଥିବାବେଳେ ବାପାଙ୍କ ମୃତ୍ୟୁ ପରେ ସେ ତନ୍‌ଭିଙ୍କୁ ସମ୍ଭାଳୁଛନ୍ତି। ଆସନ୍ତା ଜୁଲାଇ ୧୮ରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମରେ ଅନୁପମ ଏବଂ ଶୁଭାଙ୍ଗୀଙ୍କ ବ୍ୟତୀତ ଅଭିନେତା ବୋମନ୍ ଇରାନୀ, ଜ୍ୟାକି ଶ୍ରଫ୍, ଅଭିନେତ୍ରୀ ପଲ୍ଲବୀ ଯୋଶୀ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

# ସୁବର୍ଣ୍ଣରେଖା ସ୍ଥିତି ଗମ୍ଭୀର

## ୪ ବ୍ଲକର ଲକ୍ଷାଧିକ ଲୋକ ଜଳବନ୍ଦୀ



ବାଲିଆପାଳ ବ୍ଲକ ଚୌଧୁରୀକୁଦ ଗ୍ରାମର କେତେଜଣ ଲୋକ ବଜାରକୁ ଆସିବା ଲାଗି ବୋଟ୍‌କୁ ଅପେକ୍ଷା କରି ରହିଛନ୍ତି।

**ଭୋଗରାଇ,୩୦।୬(ପ୍ରଦୀପ ଦାସ)**

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ସୁବର୍ଣ୍ଣରେଖା ଉପରମୁଣ୍ଡ ଓ ନିମ୍ନ ଅବବାହିକାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗିରହିଛି। ଏଭଳି ସ୍ଥିତିରେ ଝାଡ଼ଖଣ୍ଡରେ ଥିବା ଚାନ୍ଦିଲ ଡ୍ୟାମ ସହିତ ଗାଲୁଡ଼ିହି ଓ ଖରଖାଇ ବ୍ୟାରେଜରୁ ଉଦବୃତ୍ତ ବର୍ଷାଜଳ ସୁବର୍ଣ୍ଣରେଖାକୁ ନିଷ୍କାସନ ହେବାରୁ ବନ୍ୟାଜଳ ବୃଦ୍ଧିପାଇଛି। ରବିବାର ବିଳମ୍ବିତ ରାତିରେ ରାଜଘାଟ ଗେଜଠାରେ ବିପଦସଂକେତ ୧୦.୩୬ ମିଟର ଊର୍ଦ୍ଧ୍ୱରେ ପ୍ରବାହିତ ହୋଇ ୨ କୂଳ ଲଘି ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକର ନଦୀକୂଳିଆ ଗାଁର ସ୍ଥିତିକୁ ବିଗାଡି ଦେଇଛି। ସୋମବାର ପୂର୍ବାହ୍ନ ୧୦ଟା ସୁଦ୍ଧା ୧୧.୫୬ମିଟରରେ ବନ୍ୟା ପାଣି ସ୍ଥିର ରହି ଅପରାହ୍ନ ୩ଟାରେ ପାଣି ଧୀରେ ଧୀରେ କମୁଥିବା କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ଦେଇଛନ୍ତି।

ସପ୍ତାହେ ପରେ ସୁବର୍ଣ୍ଣରେଖାରେ ପୁଣି ଏକ ବନ୍ୟା ଜନଜୀବନକୁ ଦୁର୍ବିଷହ କରିଥିବା ବେଳେ ଉତ୍ତର ବାଲେଶ୍ୱରର ୪ ବ୍ଲକର ଶତାଧିକ ଗାଁର ଲକ୍ଷାଧିକ ଲୋକେ ଜଳବନ୍ଦୀ ହୋଇଛନ୍ତି। ଭୋଗରାଇ ବ୍ଲକର ୧୬, ବାଲିଆପାଳ ବ୍ଲକର ୧୨, ଜଳେଶ୍ୱର ବ୍ଲକ ୧୨, ବସ୍ତା ବ୍ଲକର ୬ ପଞ୍ଚାୟତ ସହିତ ମୟୂରଭଞ୍ଜ ଜିଲାର ରାସଗୋବିନ୍ଦପୁର ଓ ସାରସକଣା ପଞ୍ଚାୟତ ଲୋକେ ସୁବର୍ଣ୍ଣରେଖା ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ଭୋଗରାଇ ବ୍ଲକର ମନ୍ମୁନଗର, କୁହ୍ଲା, କୁମ୍ଭୀରଗଡ଼ ମାଟିଖିଆ, ନାନକାର, ଖଳାବାଡିଆ, ରସଲପୁର, ସନ୍ତୋଷପୁର, ଗବଗାଁଚିରକୁଳା, ନୀଳପୁରା ଆଦି ଗାଁଗୁଡିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ବାଲିଆପାଳ ବ୍ଲକର ବଡାପାଳ, କୁଦମାନସିଂ, ବିଷ୍ଣୁପୁର, କୁହ୍ଲାଚଢ଼ ଆଦି ଗାଁଗୁଡିକ ଜଳବନ୍ଦୀ ହୋଇଛନ୍ତି। ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବା ପାଇଁ ଡଙ୍ଗା ଏକମାତ୍ର ସାହାରା ପାଲଟିଛି। ବନ୍ୟାଞ୍ଚଳର ମୁଖ୍ୟ ରାସ୍ତାଗୁଡିକ ବୁଡ଼ିଯାଇ କେଉଁଠି ଅକାତକାତ ପାଣିର ସ୍ରୋତ ଛୁଟୁଛି। ଭୋଗରାଇ ଓ ବାଲିଆପାଳ ବ୍ଲକର ତଳିଆ ଅଞ୍ଚଳରେ ବନ୍ୟାପାଣି ଲହଡି ଭାଙ୍ଗୁଥିବାରୁ ଲୋକେ ଭୟଭୀତ ହୋଇଛନ୍ତି। ଆରଡିସି ବି. ପରମେଶ୍ୱର, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏଡିଏମ୍(ସାଧାରଣ) ସୁଧାକର ନାୟକ, ଏଡିଏମ (ରାଜସ୍ୱ) ହେମନ୍ତ ସିଂ, ୪ ବ୍ଲକର ବିଡିଓ, ତହସିଲଦାର, ପଞ୍ଚାୟତ ସମିତି ଅଧ୍ୟକ୍ଷ, ସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଲିକ, ଏସ୍‌ପି ରାଜପ୍ରସାଦଙ୍କ ସହ ବହୁ ବରିଷ୍ଠ ଅଧିକାରୀ ସୋମବାର ପୂର୍ବାହ୍ନରେ ବନ୍ୟାଞ୍ଚଳ ସ୍ଥିତି ଅନୁଧ୍ୟାନ କରି ବନ୍ୟା ପ୍ରପୀଡିତଙ୍କ ସମସ୍ୟା ପଚାରି ବୁଝିଛନ୍ତି। ବନ୍ୟାରେ କେହି ଭୟଭୀତ ନ ହୋଇ ସୁରକ୍ଷା ସ୍ଥାନକୁ ଚାଲିଯିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଶୁଖିଲା ଖାଦ୍ୟ, ବିଶୁଦ୍ଧ ପାନୀୟଜଳ, ବିଦ୍ୟୁତ ସେବା ଓ ଗୋଖାଦ୍ୟର ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ହେଲେ ମିର୍ଦ୍ଧା ଟପ୍ପୋ

**ଭୁବନେଶ୍ୱର,୩୦।୬ (ସୁନିତ୍ ମିଶ୍ର)**



ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରି ଓଏଏସ୍ ଅଫିସର ମିର୍ଦ୍ଧା ଟୋପ୍ପୋଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିଛି। ସେ ପିଡି ଡିୟୁଡିଏ(ଡିଷ୍ଟ୍ରିକ୍ଟ ଅର୍ବାନ ଡେଭଲପମେଣ୍ଟ ଏଜେନ୍ସି), କେନ୍ଦୁଝର ଭାବେ କାର୍ଯ୍ୟରତ ଅଛନ୍ତି। ପୂର୍ବରୁ ମିର୍ଦ୍ଧା ପାଟଣା, କରଞ୍ଜିଆ ଏବଂ ଝୁମ୍ପୁରା ବ୍ଲକର ବିଡିଓ ଭାବେ କାର୍ଯ୍ୟ କରିସାରିଛନ୍ତି। ଏହାପରେ ସେ ବରଗଡ ଏଡିଏମ୍ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଙ୍କୁ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିବା ତାଙ୍କ ପ୍ରଶାସନିକ କାର୍ଯ୍ୟର ଏକ ବଡ ସଫଳତା ବୋଲି ଚର୍ଚ୍ଚା ହେଉଛି।




## ରାଶନ କାର୍ଡ: ସରିଛି ଇ-କେୱାଇସି ଶେଷ ତାରିଖ




# ଶିଶୁ ସେବିକାଙ୍କୁ ମାସିକ ମିଳିବ ୩ହଜାର ଟଙ୍କା

**ଭୁବନେଶ୍ୱର,୩୦।୬(ସୁଚିସ୍ମିତା ସାହୁ)**

ନୂତନ ଶିକ୍ଷା ନୀତି -୨୦୨୦ ଅନୁସାରେ ରାଜ୍ୟରେ ଶିଶୁଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ପାଇଁ ପ୍ରଥମଥର ଶିଶୁ ବାଟିକା ଖୋଲାଯାଇଛି। ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷରୁ ଏହା କାର୍ଯ୍ୟ କରୁଥିବାବେଳେ ଏଥିରେ ୫ରୁ ୬ ବର୍ଷ ବୟସର ପିଲାଙ୍କୁ ପାଠପଢ଼ାଯିବ। ଶିଶୁ ବାଟିକାରେ ଶିଶୁଙ୍କ ଯତ୍ନ ନେବା ସହ ଶିକ୍ଷକଙ୍କୁ ଅଣଶିକ୍ଷା କାର୍ଯ୍ୟରେ ସହାୟତା କରିବାକୁ ସ୍ୱତନ୍ତ୍ର ଭାବେ ଶିଶୁ ସେବିକାଙ୍କୁ ନିଯୁକ୍ତି ଦିଆଯିବ। ଶିଶୁ ବାଟିକାରେ ପିଲାଙ୍କ ଉପସ୍ଥାନକୁ ଦୃଷ୍ଟିରେ ରଖି ଆବଶ୍ୟକତା ଅନୁସାରେ ଶିଶୁ ସେବିକା ନିଯୁକ୍ତି ସ୍କୁଲ ମ୍ୟାନେଜମେଣ୍ଟ କମିଟି (ଏସଏମସି) ପକ୍ଷରୁ କରାଯିବ। ରୋଷେୟା ଏବଂ ସହାୟିକାଙ୍କ ସମତୁଲ୍ୟ ଦରମା ହିସାବରେ ପ୍ରତିମାସରେ ୩ହଜାର ଟଙ୍କା ମିଳିବ। ଖୁବଶୀଘ୍ର ଓଡିଶା ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଏହି ନିଯୁକ୍ତି ପ୍ରକ୍ରିୟା ଏବଂ ଦାୟିତ୍ୱ ସମ୍ବନ୍ଧୀୟ ବିସ୍ତୃତ ନିୟମାବଳୀ ଦିଆଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ଚିଠିରେ ଉଲ୍ଲେଖ କରାଯାଇଛି।

# ଶୀତଳଭଣ୍ଡାର ଭିତ୍ତିଭୂମି ସୁଦୃଢ଼ ହେବ: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୬(ସୌମ୍ୟରଞ୍ଜନ ରାଉତ)**

ଶୀତଳଭଣ୍ଡାର ଭିତ୍ତିଭୂମି ସୁଦୃଢ଼ୀକରଣ ନେଇ ସୋମବାର ଏକ ବୈଠକ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷି ଏକ ଅବିରତ ପ୍ରୟାସ। ଏହା ବର୍ଷସାରା ଲୋକଙ୍କୁ ଦାନା ଯୋଗାଇଦେବା ସହ ରୋଜଗାରର ସ୍ରୋତ ଯୋଗାଇଥାଏ। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଓ ଏହା ପ୍ରାକୃତିକ ଖଣିଜ ସମ୍ପଦରେ ପରିପୂର୍ଣ୍ଣ। ଏହାର ସୁଦୀର୍ଘ ବେଳାଭୂମି ଏବଂ ସାମୁଦ୍ରିକ ପରିବହନ ବ୍ୟବସ୍ଥା ମଧ୍ୟ ସୁଦୃଢ଼ ହେଉଛି। ପୂର୍ବରୁ ଖାଦ୍ୟ ନିଅଣ୍ଟିଆ ରାଜ୍ୟ ଓଡ଼ିଶା ବର୍ତ୍ତମାନ ଖାଦ୍ୟ ବଳକା ରାଜ୍ୟରେ ପରିଣତ ହୋଇଛି। ବର୍ତ୍ତମାନ ଏହାର ଫଳ, ପନିପରିବା ଏବଂ ଖାଦ୍ୟଶସ୍ୟ ବିଦେଶକୁ ରପ୍ତାନି ମଧ୍ୟ ହେଲାଣି। ବିଦେଶରେ ଓଡ଼ିଶାର ସୁବାସିତ ଚାଉଳ ଓ ପନିପରିବାର ଚାହିଦା ମଧ୍ୟ ଧୀରେ ଧୀରେ ବଢ଼ିବାରେ ଲାଗିଛି। କୃଷକଙ୍କୁ ପର୍ଯ୍ୟାପ୍ତ ବଜାର ସୁବିଧା ସହ ଉତ୍ପାଦର ଉଚିତ ମୂଲ୍ୟ ପ୍ରଦାନ, ବଳକା ଶସ୍ୟର ସୁରକ୍ଷା ଆମର ପ୍ରାଥମିକତା। ଏହାକୁ ଧ୍ୟେୟ କରି ରାଜ୍ୟର ପ୍ରତ୍ୟେକ ସବ୍ ଡିଭିଜନରେ ଶୀତଳଭଣ୍ଡାର ନିର୍ମାଣ କରାଯିବା ପ୍ରକ୍ରିୟା ଜାରି ରହିଛି। ଏହା ଆମ ଚାଷୀ ଭାଇଭଉଣୀଙ୍କ ରୋଜଗାରରେ ବୃଦ୍ଧି ସହିତ ରାଜ୍ୟରେ ଦେଖାଦେଉଥିବା କୃତ୍ରିମ ଅଭାବକୁ ଦୂର କରିବାରେ ସହାୟକ ହେବ। ରାଜ୍ୟରେ ଶୀତଳଭଣ୍ଡାର ନିର୍ମାଣ ଲାଗି ଏକ କମ୍ପାନୀ ପକ୍ଷରୁ ପ୍ରସ୍ତାବ ମଧ୍ୟ ଉପସ୍ଥାପନ ହୋଇଛି ବୋଲି ସିଂଦେଓ କହିଛନ୍ତି। ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନା ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବୁଦ୍ଧିଷ୍ଟ ଇଣ୍ଟରନ୍ୟାଶନାଲ ଫୋରମ ଫର ପିସ୍ ପକ୍ଷରୁ ଜାତୀୟ ଡାକ୍ତର ଦିବସ, ସ୍ଥାନ: ସିୟାଇଏସ୍‌ଡି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସରସ୍ୱତୀ ଶିକ୍ଷା ମନ୍ଦିରରର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ନହରକଣ୍ଟାସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଗୋପୀନାଥ ଦେବଙ୍କ ୧୦ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ କଳସ ଯାତ୍ରା ଓ ଅଗ୍ନି ସ୍ଥାପନ, ସ୍ଥାନ: ନହରକଣ୍ଟାସ୍ଥିତ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଆର୍‌ଆଇ, ଅମିନ ଚାକିରି ବାବଦୀୟ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା ୧୫।
- କୋଠଘର ପ୍ରକାଶନୀ ପକ୍ଷରୁ ଶାନ୍ତିଲତା ପଲାଇଙ୍କ କବିତା ପୁସ୍ତକ ଓ ଗଳ୍ପ ସଂକଳନ ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି', ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୀର୍ତ୍ତନ, ହରିନାମ ସଙ୍କୀର୍ତ୍ତନ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୩ଟା ୩୦।
- ହନୁମାନ ଚାଳିଶା ପାଠ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୪ଟା ୩୦।
- ରାସଲୀଳା, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ସନ୍ଧ୍ୟା ୬ଟା ୩୦।
- ହେରା ପଞ୍ଚମୀ–ମହାଲକ୍ଷ୍ମୀଙ୍କ ଗୁଣ୍ଡିଚା ମନ୍ଦିରକୁ ବିଜେ, ସ୍ଥାନ: ମାଉସୀ ମା' ମନ୍ଦିର, ନୀଳଗିରି, ସମୟ: ରାତି ୮ଟା।
- ଶୟନ ଆରତୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ରାତି ୮ଟା ୪୫।
- ଶ୍ରୀଜୀଉଙ୍କ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ, ସ୍ଥାନ: ମାଉସୀ ମା' ମନ୍ଦିର, ନୀଳଗିରି, ସମୟ: ରାତି ୯ଟା।

## ମୟୂରଭଞ୍ଜ

- ହେରାପଞ୍ଚମୀ ଉପଲକ୍ଷେ ମା' ଲକ୍ଷ୍ମୀଙ୍କ ଦ୍ୱାରା ରଥ କାଠ ଭଙ୍ଗା, ସ୍ଥାନ: ଚିତ୍ରଡ଼ା ମାଉସୀମା ମନ୍ଦିର, ମୋରଡ଼ା ସମୟ: ସନ୍ଧ୍ୟା ୬ଟା।
- ମହାପ୍ରଭୁଙ୍କ ବେଶ ଦର୍ଶନ, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଗୋଷାଣୀ ନୂଆଗାଁ କାଳୁଆ ମନ୍ଦିର, ସମୟ: ସକାଳ ୮ଟା ୩୦।
- ବନ ମହୋତ୍ସବ, ସ୍ଥାନ: ଗାନ୍ଧୀନଗର ୧୦ମ ଗଳି, ସମୟ: ସକାଳ ୮ଟା ୩୦।
- ଡାକ୍ତର ଦିବସ, ସ୍ଥାନ: ଆଇଏଏମ ହାଉସ, ସମୟ: ସନ୍ଧ୍ୟା ୭ଟା ୩୦।

## ଗଞ୍ଜାମ

- ଶିବଙ୍କ ବିଗ୍ରହ ସଂସ୍କାର, ସ୍ଥାନ: ରଣ୍ଟା, ସମୟ: ସକାଳ ୬ଟା।
- ଦିବଂଗତ କମ୍ୟୁନିଷ୍ଟ ନେତା ଦୂତୀକୃଷ୍ଣ ପଣ୍ଡାଙ୍କ ଜୟନ୍ତୀ, ସ୍ଥାନ: ଆସିକା ବ୍ଲକ ଜୟପୁର ଗୌରାଙ୍ଗ ପାଠାଗାର, ସମୟ : ପୂର୍ବାହ୍ନ ୧୦ଟା।
- ଖେମୁଣ୍ଡି ଲୋକ ମହୋତ୍ସବ ଉଦଘାଟନ, ସ୍ଥାନ: ଦିଗପହଣ୍ଡି ବଜାର ଗାନ୍ଧୀ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- କାଉଡ଼ିଯାତ୍ରା ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ହଲ୍, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା

- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା' ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।
- ହେରାପଞ୍ଚମୀ ଉପଲକ୍ଷେ ମା' ମହାଲକ୍ଷ୍ମୀଙ୍କ ରଥଭଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, କାକଟପୁର, ମହାକାଳପଡ଼ା, ଦେରାବିଶି, ଓଲାଭର, ରାଜକନିକା, ଜମପଡ଼ା, ମାର୍ଶାଘାଇ, ଶ୍ରୀଲକ୍ଷ୍ମୀବରାହଙ୍କୀଜ ମନ୍ଦିର ସଖିଷ୍ଠ, ଆଳି, ଶ୍ରୀବନବିହାରୀଜୀଉ ମନ୍ଦିର, ପେଣ୍ଠ, ରାଜନଗର, ଶ୍ରୀ ରାଧାକାନ୍ତଜୀଉ ମନ୍ଦିର, ରାଜନଗର, ଶ୍ରୀଜଗନ୍ନାଥ ମନ୍ଦିର, କେରଡ଼ାଗଡ଼, ରାଜନଗର, ଶ୍ରୀବଳଦେବଜୀଉ ମନ୍ଦିର, ଗରଡ଼ପୁର, ଶ୍ରୀଜଗନ୍ନାଥ ମନ୍ଦିର, ମାହାଳ, ଗରଡ଼ପୁର, ଶ୍ରୀଦଧିବାମନଜୀଉ ମନ୍ଦିର, ମୋଳ ଶାସନ, ପଟ୍ଟାମୁଣ୍ଡାଇ, ଶ୍ରୀଦଧିବାମନଜୀଉ ମନ୍ଦିର, ଡେରାବିଶ, ସମୟ: ରାତି ୯ଟା।

## ଯାଜପୁର

- ଘୋଷଯାତ୍ରା ଉପଲକ୍ଷେ ମାଉସୀମା ମନ୍ଦିର ପରିସରରେ ମୟୂରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ହାଟପଡ଼ିଆ, ସମୟ : ସନ୍ଧ୍ୟା ୬ଟା।

## ନୟାଗଡ଼

- ହେରା ପଞ୍ଚମୀ, ସ୍ଥାନ: ଖଣ୍ଡପଡ଼ା ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ହେରା ପଞ୍ଚମୀ ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ବେଶରେ ଲକ୍ଷ୍ମୀନାରାୟଣ ବେଶ, ସ୍ଥାନ: ନୟାଗଡ଼ ପୁରୁଣା ସହର ଶ୍ରୀଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଶ୍ରୀଜୀଉଙ୍କ ନୃସିଂହ ଅବତାର ବେଶ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡ଼ା, ସମୟ: ସକାଳ ୬ଟା।
- ରାୟଗଡ଼ା ଲେଡିଜ୍ କ୍ଲବ ପକ୍ଷରୁ ଡାକ୍ତର ଦିବସରେ ଡାକ୍ତରଙ୍କୁ ସମ୍ମାନିତ କାର୍ଯ୍ୟକ୍ରମ, ସ୍ଥାନ: ଲାୟନ୍ସ କ୍ଲବ, ରାୟଗଡ଼ା, ସମୟ: ଅପରାହ୍ନ ୫ଟା ୩୦।
- ମା' ଲକ୍ଷ୍ମୀଙ୍କ ଆଗମନ ଓ ବଚନିକା ପରେ ରଥ ଭାଙ୍ଗି ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ,
- ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡ଼ା, ସମୟ: ରାତି ୯ଟା।

## ସମ୍ବଲପୁର

- ଶ୍ରୀଶ୍ରୀ ସିଦ୍ଧି ବିନାୟକ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ସ୍ଥିତ ସମ୍ବଲପୁର ପ୍ରେସ କ୍ଲବ ପରିସର, ସମୟ : ସକାଳ ୭ଟା ୫୦।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପୁରାଙ୍କନା କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ପୂର୍ବାହ୍ନ ୧୦ଟା।
- ୧୧ତମ ଏବିଭିଏ ବ୍ୟାଚର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ : ଆଇଆଇଏମ୍ ସ୍ଥିତ କୋଣାର୍କ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା କ୍ରୀଡ଼ା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ମ୍ୟାଚ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ହେରା ପଞ୍ଚମୀ କାର୍ଯ୍ୟକ୍ରମ, ସ୍ଥାନ : ଖେତ୍ରାଜପୁର ସ୍ଥିତ ମାଉସୀ ମାଆ ମନ୍ଦିର, ସମୟ : ଅପରାହ୍ନ ୫ଟା।
- ସାଓଳିନ କୁଙ୍ଗ ଫୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଗୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦।

## ରାଉରକେଲା

- ନିଶା ନିବାରଣ ସଚେତନତା ରାଲି, ସ୍ଥାନ: କୃଷ୍ଣ ଆଶ୍ରମ, ମାଲଗୋଦାମ, ସମୟ: ପୂର୍ବାହ୍ନ ୧୧ଟା
- କଳ୍ପତରୁ ଆଶ୍ରମ ପରିସରରେ ଭଜନ ସନ୍ଧ୍ୟା, ସ୍ଥାନ: ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଭାଜପା ସରକାର ବିରୋଧରେ ଭାରତ ମୁକ୍ତିମୋର୍ଚ୍ଚା ପକ୍ଷରୁ ରାସ୍ତାରୋକୋ, ସ୍ଥାନ: ଭବାନୀପାଟଣା ବ୍ଲକ କୁତୁରୁଖମାର, ସମୟ: ପୂର୍ବାହ୍ନ ୧୦ଟା।
- ରଥଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ମାଉସୀ ମା' ମନ୍ଦିର, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ବୌଦ୍ଧ ପ୍ରଭୁଶ୍ରୀ ଜଗନ୍ନାଥଙ୍କ ବାମନ ପର୍ଣ୍ଣାରୀ ଅବତାର, ସ୍ଥାନ: ମାଉସୀମା ମନ୍ଦିର, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ଚରଣ ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ହେରା ପଞ୍ଚମୀ କାର୍ଯ୍ୟକ୍ରମ, ସ୍ଥାନ: ଉପୁଲା ମାଉସୀ ମା' ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଜିଲା ପରିଷଦ ନୂଆପଡ଼ା ଗ୍ରାମୀଣ ପରିମଳ ଶାଖା ପକ୍ଷରୁ ସଫେଇ ଅଭିଯାନ, ବୃକ୍ଷ ରୋପଣ, ସ୍ଥାନ: ଜିଲାର ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଧାର୍ମିକ ସ୍ଥଳ, ଜନଗହଳିପୂର୍ଣ୍ଣ ସ୍ଥାନ, ସମୟ: ସକାଳ ୮ଟା।
- ଝିଙ୍ଗାଡ଼ି ଅଞ୍ଚଳ ପରିଷଦ ଖଡ଼ିଆଳ ପକ୍ଷରୁ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା, ସ୍ଥାନ: ଥାନା ଛକ ଖଡ଼ିଆଳ, ସମୟ: ସକାଳ ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାବୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ:** ଆଜିର ପୂର୍ବାଫାଲ୍ଗୁନୀ ନକ୍ଷତ୍ରରୁ ଚନ୍ଦ୍ର ଅର୍ଥଲାଭ, ସାମାଜିକ ସମ୍ମାନ ସହ କାର୍ଯ୍ୟସିଦ୍ଧି କରାଇବ। ଦୀର୍ଘ ଦିନ ହେଲା ଯାହା ହୋଇପାରିନି ତାହା ପୂର୍ଣ୍ଣତା ଲାଭ କରିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟିହେବ। ଶିକ୍ଷା କ୍ଷେତ୍ରରେ ସୁନାମ, ପିଲାଙ୍କ ସଫଳତା, ନୂତନ ବନ୍ଧୁସମ୍ପର୍କରୁ ଖୁସି ହେବେ। ଆନୁଷ୍ଠାନିକ କାମରେ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ:** ଶନି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି କାର୍ଯ୍ୟହାସଲରେ ବିଳମ୍ବିତ ବ୍ୟକ୍ତି ପ୍ରତିବାଦର ସ୍ୱରକୁ ତୀବ୍ର କରିପାରେ। ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ଅପଦସ୍ତ ହେବେ। ଜମିଜମା, ଘର ତିଆରି, ଯାନ ମରାମତି ବିଗରେ ମନୋନିବେଶ କରିପାରନ୍ତି। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ଘଟିଯାଇଥିବା ଘଟଣାର ମୋଡ଼ ବଦଳିଯିବ।

**ମିଥୁନ:** ଧନ ସ୍ଥାନରେ ବୁଧଙ୍କ ଯୋଗୁ ଆଶା କରିଥିବା ସ୍ଥାନରୁ ଅର୍ଥ ପାଇବାରେ ଅସୁବିଧା ହେବ ନାହିଁ। ଘର କିମ୍ବା ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଜିନିଷ କ୍ରୟବିକ୍ରୟ ଦ୍ୱନ୍ଦ୍ୱଯୁକ୍ତ ହେବ। ଯାତ୍ରା, ପ୍ରତିଯୋଗିତା, କଚେରି ମାମଲା, ମନୋରଞ୍ଜନ କାର୍ଯ୍ୟକ୍ରମ ବିଗରୁ ଉପକୃତ ହେବେ। ସାମାନ୍ୟ ଅଣାଳଜିତ ରୋଗରେ ପଡ଼ିତ ହୋଇପାରନ୍ତି।

**କର୍କଟ:** ରାଶ୍ୟାଧିପତିଙ୍କ ସହ ମଙ୍ଗଳ ଓ କେତୁ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତା ବଢ଼ାଇବ। କର୍ମକ୍ଷେତ୍ରରେ କୌଣସି କଥାକୁ ଖାତିର ନ କରି ଆଗକୁ ମାଡ଼ି ଚାଲିବେ। ପରୋକ୍ଷ ଶତ୍ରୁତାଜନିତ ଟେନ୍‌ସନ ଲାଗି ରହିବା ଯୋଗୁ ଆନମନା ରହିପାରନ୍ତି। ସହକର୍ମୀ, ପଡ଼ୋଶୀ କିମ୍ବା ନବାଗତ ବନ୍ଧୁଙ୍କ ସହ ଆଳାପ ଆଲୋଚନା ବେଶ୍ ଜମିପାରେ।

**ସିଂହ:** ଲାଭଭାବରେ ବୁଧାଦିତ୍ୟଙ୍କ ସ୍ଥିତି ହେତୁ ଆପଣଙ୍କ ଆଶା ପୂରଣ କରିବାରେ ସମର୍ଥ ହେବ। ପାରିବାରିକ କ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବା ହେତୁ ଚିନ୍ତାଗ୍ରସ୍ତ ହୋଇପାରନ୍ତି। ପର ଉପରେ ନିର୍ଭରକରିବା କାରଣରୁ କେତେକ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେଇପାରେ।

**କନ୍ୟା:** ଶନି ଓ ବୃହସ୍ପତିଙ୍କ ସ୍ଥିତିଜନିତ ପରିବାର, ଯାନବାହନ ଏବଂ ସାମୁହିକ କାମରେ ସମସ୍ୟା ଆସିପାରେ। ପରୋକ୍ଷ ଭାବରେ ଶତ୍ରୁତା କରୁଥିବା ଲୋକମାନଙ୍କ ପ୍ରତି ସଜାଗ ରହିବା ଭଲ ହେବ। ପ୍ରଶାସନ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଶୁଭଫଳ ପାଇବେ। ଆକସ୍ମିକ ନୂତନ ବନ୍ଧୁସମ୍ପର୍କ ସ୍ଥାପନହେବା ସୂଚନା ରହିଛି।

**ତୁଳା:** କର୍ମସ୍ଥାନରେ ବୁଧଙ୍କ ସ୍ଥିତି କାରଣରୁ ବନ୍ଧୁସମ୍ପର୍କ ଏବଂ ଯାତ୍ରା ପ୍ରତିପ୍ରଦ ରହିବ। ଆର୍ଥିକ ସାହାଯ୍ୟ ଓ ବ୍ୟକ୍ତିଗତ ସହଯୋଗ ଲାଭକରି କାମକୁ ଆଗେଇନେବେ। ଆନୁଷ୍ଠାନିକ କାମରେ ଗଠନମୂଳକ ପରାମର୍ଶ ଦେଇ ପ୍ରିୟପାତ୍ର ହେବେ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବା ସହ ସୁନାମ ଅର୍ଜନ କରିବେ।

**ବିଛା:** କର୍ମଭାବସ୍ଥ ଚନ୍ଦ୍ର କର୍ମାରମ୍ଭ, ଅଭିଳଷିତ ଦ୍ରବ୍ୟପ୍ରାପ୍ତି ଓ ବନ୍ଧୁମିଳନ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟିକରିବ। ସମସ୍ୟା ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଆନୁଷ୍ଠାନିକ କାମରେ ଅଗ୍ରଣୀ ଭୂମିକା ଗ୍ରହଣକରି ସର୍ବଜନ ପ୍ରଶଂସିତ ହେବେ। ସାମୂହିକ ଆଲୋଚନା, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ।

**ଧନୁ:** ରବି ଓ ବୃହସ୍ପତି ଏକତ୍ର ରହିଥିବାରୁ ଆପଣଙ୍କ ବିବାଦୀୟ ମନ୍ତବ୍ୟ ଯୋଗୁ ଅପ୍ରିୟତା ଅର୍ଜନ କରିବେ। ପାରିବାରିକ ଅଶାନ୍ତି ଅନିଚ୍ଛାକୃତ ପୂର୍ଣ୍ଣଗାର୍ଥର ନକ୍ଷତ୍ର ଅଶାନ୍ତି ଲାଭ କରିବେ। ବନ୍ଧୁଙ୍କ ମନ କଥା ଜାଣିବାକୁ ପଚେଇଯିବା ଫଳରେ ସମାଧାନ ବିଳମ୍ବିତ ହେବ। ସରକାରୀ ସ୍ତରରୁ ଶୁଭଖବର ପାଇ ଉଲ୍ଲସିତ ହୋଇପାରନ୍ତି।

**ମକର:** ଆଜି ଅଷ୍ଟମ ଚନ୍ଦ୍ର ହେତୁ ପରିବାରରେ ଅଶାନ୍ତି ଉପୁଜିପାରେ। ମଙ୍ଗଳଙ୍କ ଦୁର୍ବଳତାରୁ ପରିବାରର କୌଣସି ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜମିଜମା କ୍ରୟ ବିକ୍ରୟ କିମ୍ବା ବାଣିଜ୍ୟାଗତ ସକାଶେ ପଡ଼ୋଶୀଙ୍କ ସହଯୋଗ ହିତକାରକ ହେବ। ଲୋଭନୀୟ ପ୍ରତିଶ୍ରୁତି ଦେଇ କେହି ବନ୍ଧୁତ୍ୱ ଦୃଢ଼ କରିବେ।

**କୁମ୍ଭ:** ଶନିଙ୍କ ଯୌଗ ଓ ସହଯୋଗୀତା ଦ୍ୱାରା ସମସ୍ତ ଚେଷ୍ଟା ଓ ପରିଶ୍ରମ ମୂଲ୍ୟହୀନ ନ ହୋଇପାରେ। କେତେକ ଆକସ୍ମିକ ସମସ୍ୟାକୁ ନେଇ ଯାତ୍ରା, କର୍ମାରମ୍ଭ କିମ୍ବା ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିବ। ପୂର୍ବ ପରିକଳ୍ପିତ ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମଣିବେ। ଚେଷ୍ଟା କରୁଥିବା କାମରେ ସାହାଯ୍ୟ ଲାଭର ଯୋଗ ରହିଛି।

**ମୀନ:** ପାପଗ୍ରହ ମଧ୍ୟସ୍ଥ ଗୁରୁ ଓ ଚନ୍ଦ୍ର ଯୋଗୁ ଶାରୀରିକ ସୁସ୍ଥତା ନ ରହିବା ହେତୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପରିବାରର ଖର୍ଚ୍ଚଭାର ବଢ଼ିଚାଲିବ। ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରରେ, ସଭାସମିତିରେ, ବ୍ୟବସାୟ କ୍ଷେତ୍ରରେ ସ୍ଥିରତା ଫେରିଆସିବ। ଚନ୍ଦ୍ର ଷଷ୍ଠଭାବସ୍ଥ ଯୋଗୁ ସନ୍ତାନଙ୍କ କାର୍ଯ୍ୟରେ ଚିନ୍ତିତ ହେବେ।

ଆଜି ଜୁଲାଇ ୧ ତାରିଖ, ଆଷାଢ଼ ଶୁକ୍ଳପକ୍ଷ ଷଷ୍ଠୀଯୁକ୍ତ ସପ୍ତମୀ ମଙ୍ଗଳବାର, ଅଦ୍ୟ ହେରାପଞ୍ଚମୀ, ବିପତ୍ତାରିଣୀ ବ୍ରତ, ବନ ମହୋତ୍ସବ ସପ୍ତାହ ଆରମ୍ଭ, (ଜୁଲାଇ ୧ରୁ ୭), ଓଡ଼ିଶା ଦିବସ। ରାଶିଅଶ୍ୱ–ବିବା ୮।୫୪ ଗତେ ଉତ୍ତରା ଫାଲ୍ଗୁନୀ/ସିଂହ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୧୫ ଗତେ, ଘ.୦୬।୫୪ ମଧ୍ୟେ, ଘ. ୦୯।୩୮ ଗତେ, ଘ.୧୨।୧୬ ମଧ୍ୟେ ଶୁଭ ଶୁଭବେଳା। ଅପରାହ୍ନ ଘ.୦୩।୩୦ ଗତେ, ଘ.୦୪।୪୭ ମଧ୍ୟେ ରାହୁକାଳ।

# ଟୋକନ ଅବଧିକୁ ମାସେ ବୃଦ୍ଧି କରନ୍ତୁ ସରକାର: ବିଜେଡି

**ଭୁବନେଶ୍ୱର,୩୦।୬(ସୁନିଲ୍ ମିଶ୍ର)**

ରବିଧାନ ସଂଗ୍ରହକୁ ନେଇ ରାଜ୍ୟର ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ନେଇ ସୋମବାର ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଚାଷୀଙ୍କୁ ପ୍ରଦାନ କରାଯାଉଥିବା ଟୋକନର ଅବଧି ୩୦ ଜୁନରେ ଶେଷ ହୋଇଛି। ଧାନକିଣା କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଟୋକନ ଅବଧିକୁ ଆଉ ଏକ ମାସ ବୃଦ୍ଧି କରାଯାଉ ଓ ଚାଷୀଙ୍କ ପାଖରେ ଥିବା ବଳକା ରବି ଧାନକୁ ସରକାର କିଣନ୍ତୁ ବୋଲି ବିଜେଡି ଦାବି କରିଛି।

ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଏବଂ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ରବିଧାନ କିଣା ପାଇଁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ଅବଧି ଶେଷ ହୋଇଛି, ହେଲେ ପ୍ରାୟ ୧,୫୬,୦୨୯ ମେଟ୍ରିକ୍ ଟନ୍ ଧାନ ରାଜ୍ୟର ବିଭିନ୍ନ ମଣ୍ଡିରେ ପଡ଼ିରହିଛି। ଏହି ଧାନ ଉଠିବ କି ନାହିଁ, ସେନେଇ ସ୍ପଷ୍ଟତା ନ ଥିବା ଯୋଗୁ ଚାଷୀମାନେ ଚିନ୍ତାରେ ଅଛନ୍ତି। ମାତ୍ର ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏକ ପ୍ରେସ ବିବୃତିରେ କହିଛନ୍ତି, ଅବଧି ଶେଷହେବା ପୂର୍ବରୁ ଟୋକନ ପାଇଥିବା ଚାଷୀଙ୍କ ଆଖି ସ୍ଥାନ୍ କାମ ଶେଷ ହେଲାଗଲେ ଧାନ ପରେ ଉଠାଯିବ। ମନ୍ତ୍ରୀଙ୍କ ଏହି ବିବୃତି ରାଜ୍ୟର ଚାଷୀଙ୍କ ପାଇଁ ଛଳନା ଆଶ୍ୱସ୍ତି ଆଣିଛି। ସେଥିପାଇଁ ଯୋଗାଣ ମନ୍ତ୍ରୀଙ୍କୁ ଆମେ ସାଧୁବାଦ ଜଣାଉଛୁ। କିନ୍ତୁ ମନ୍ତ୍ରୀଙ୍କ ବିବୃତି କେତେଦୂର କାର୍ଯ୍ୟକାରୀ ହେବ ସେନେଇ ଆମର ସନ୍ଦେହ ରହିଛି ବୋଲି ସେ କହିଛନ୍ତି।

# ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଭାଇ ବଳ ଦିଏ ଭାଇକି**
**ନଈ ବଳ ଦିଏ ନଈକି**

ଭାଇ ହିଁ ଭାଇକୁ ସବୁବେଳେ ସବୁ କାର୍ଯ୍ୟରେ ସାହାଯ୍ୟ କରିଥାଏ। କୌଣସି ବାଦ ବିବାଦ ଦେଖାଦେଲେ ଭାଇ ପାଖରେ ଠିଆ ହୋଇ ବଳ ଓ ସାହସ ଯୋଗାଇ ଦେଇଥାଏ। ଠିକ୍ ସେହିପରି ନଈରୁ ଅନେକ ଶାଖା ବାହାରିଥିବାବେଳେ ବଡ଼ ବା ମୁଖ୍ୟ ନଈଟି ତାହାରି ଶାଖା ନଈରେ ଜଳ ଯୋଗାଇଥାଏ, ଯାହାଫଳରେ ଶାଖା ନଈରେ ଜଳ ପ୍ରବାହିତ ହୋଇଥାଏ। ଭାଇ ଏବଂ ନଈ ଗୋଟିଏ ବିଚାର ଦୃଷ୍ଟିରୁ ସାହାଯ୍ୟକାରୀ ଅଟନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଭଣ୍ଡାରି ମୁଠି**
**ହଳେଇ ହଳେଇ**
**ଯୋଉ ଛାଡିବୁ**
**ସେଇ ଛାଟି।**

ଅଳ୍ପ କାମକୁ ଅଳ୍ପ ଫଳ। ଯେତିକି ସଞ୍ଚୟ ସେତିକି ଖର୍ଚ୍ଚ। ପରୋକ୍ଷରେ କୃପଣର ସ୍ୱଳ୍ପ ସଞ୍ଚିତ ଧନ ପାଇଁ ମନରେ ଥିବା ଅସୀମ ବ୍ୟାକୁଳତା ପ୍ରତି ଏଭଳି ଭଲ୍ଲି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପରିଷ୍ଟର୍ସ ପ୍ରା:ଲି:



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କଲେଜ ଅଧକ୍ଷମାନେ ଦେଉନାହାନ୍ତି ବାୟୋମେଟ୍ରିକ ଉପସ୍ଥାନ

**ଭୁବନେଶ୍ୱର,୩୦।୬(ସୁଚିସ୍ମିତା ସାହୁ)**

କଲେଜ ଅଧକ୍ଷମାନେ ବାୟୋମେଟ୍ରିକ ଉପସ୍ଥାନ ଦେଉନାହାନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନେଇ ସୋମବାର ପୁଣି ଚିଠି ମାଧ୍ୟମରେ ସମସ୍ତ କଲେଜ ଅଧକ୍ଷ ଏବଂ ଅଧ୍ୟାପକଙ୍କୁ ନିର୍ଦ୍ଦେଶ ଦିଆଯାଇ ସହିତ କଲେଜରେ ଉପସ୍ଥିତ ରହିବାକୁ ତାଗିଦ କରାଯାଇଛି। ସେହିପରିଅଣ୍ ସର୍ମଚାରୀମାନେ ମଧ୍ୟ ବାୟୋମେଟ୍ରିକ ଦେଉନାହାନ୍ତି। ଏଥିଯୋଗୁ ପାଠପଢ଼ା ଓ ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଭାଗ ପାଖରେ ଏଭଳି ଅଭିଯୋଗ ପହଞ୍ଚିବା ପରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ପକ୍ଷରୁ ନିୟମକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅଧକ୍ଷଙ୍କ ସମେତ ବହୁ ଅଧ୍ୟାପକ ଓ କର୍ମଚାରୀ ବାୟୋମେଟ୍ରିକ୍ ଉପସ୍ଥାନ ଠିକ୍ ଭାବେ ଦେଉ ନ ଥିବା ନେଇ ବହୁ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ଗତ ଫେବୃଆରୀ ପ୍ରଥମ ସପ୍ତାହରେ ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଏକାମ୍ର କଲେଜକୁ ଅଚାନକ ଗସ୍ତ କରିଥିଲେ। ଅପରାହ୍ନରେ ବହୁ ଅଧ୍ୟାପକ ଓ କର୍ମଚାରୀ କଲେଜରେ ନ ଥିଲେ। ଏହାକୁ ନେଇ ବିଭାଗ ତନାଘନା କରିବା ସହ ଫେବୃଆରୀ ୧୫ରେ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରବେଶ ଓ ପ୍ରସ୍ଥାନ ସମୟର ଫିଙ୍ଗରପ୍ରିଣ୍ଟ ଦେବାକୁ କଲେଜଗୁଡ଼ିକୁ ତାଗିଦ କରିଥିଲେ। ବାରମ୍ବାର ତାଗିଦ କରିବା ସତ୍ତ୍ୱେ ମଧ୍ୟ ଅଧକ୍ଷ ଓ କର୍ମଚାରୀମାନେ ବାୟୋମେଟ୍ରିକ୍ ନିୟମ ଉଲ୍ଲଂଘନ କରୁଥିବା ନଜର ରହିଛି।

## ନିୟମ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ

# ଜୁଲାଇରେ ସ୍ୱାଭାବିକରୁ ଅଧିକ ବର୍ଷିବ

**ଭୁବନେଶ୍ୱର,୩୦।୬(ଅନୁରାଧା ମହାରଣା)**

ଗତ କିଛିଦିନ ଧରି ରାଜ୍ୟରେ ବର୍ଷା ଜାରି ରହିଥିବାବେଳେ ଜୁଲାଇରେ ଦେଶରେ ସ୍ୱାଭାବିକଠାରୁ ଅଧିକ ବର୍ଷା ସମ୍ଭାବନା ରହିଛି। ସ୍ୱାଭାବିକ ବର୍ଷାର ୧୦୬% ବୃଷ୍ଟିପାତ ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଜୁନ୍ ୧ରୁ ୨୯ ମଧ୍ୟରେ ରାଜ୍ୟରେ ୨୪୪.୯ ମିମି ବର୍ଷା ହୋଇଛି। ସ୍ୱାଭାବିକ ବର୍ଷା ୨୦୯.୩ ମିମିଠାରୁ ଏହା ୧୭ ପ୍ରତିଶତ ଅଧିକ ରହିଛି। ଜଗତସିଂହପୁର, ବୌଦ୍ଧ, ସୋନପୁର, ମୟୂରଭଞ୍ଜ ଜିଲାରେ ଅତ୍ୟଧିକ ବର୍ଷା ରେକର୍ଡ ହୋଇଥିବାବେଳେ କଟକ, ଢେଙ୍କାନାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼ ଓ ବାଲେଶ୍ୱରରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ଗଜପତି, ନୂଆପଡ଼ା, ଖୋରଧା, ଝାରସୁଗୁଡ଼ା ଓ ଯାଜପୁର ଜିଲାରେ ଅଭାବୀ ବର୍ଷା ହୋଇଥିବାବେଳେ ବାକି ଜିଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି। ରାଜ୍ୟରେ ସକ୍ରିୟ ଥିବା ଲଘୁଚାପ ପ୍ରଭାବରେ ଗତ ୨୪ ଘଣ୍ଟାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ କିଛି ସ୍ଥାନରେ ଅତି ପ୍ରବଳ ବର୍ଷା ଓ ୧୦ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ମୟୂରଭଞ୍ଜ ଜାମଦାରେ ସର୍ବାଧିକ ୧୩୨ ମିମି ବର୍ଷା ରେକର୍ଡ ହୋଇଛି। ଅନ୍ୟପଟେ ଉତ୍ତର–ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବାବେଳେ ପଶ୍ଚିମବଙ୍ଗ ଓ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏହା ସକ୍ରିୟ ରହିଛି। ପରେ ୨ ଦିନରେ ଏହା ଅଧିକ ଘନୀଭୂତ ହୋଇ ଉତ୍ତର ଓ ଉତ୍ତର–ପଶ୍ଚିମ ଦେଇ ଉତ୍ତର ଓଡ଼ିଶା, ଝାଡ଼ଖଣ୍ଡ ସହ ଗାଙ୍ଗେଟିକ ପଶ୍ଚିମବଙ୍ଗ ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଗତି କରିବ। ଏହା ପ୍ରଭାବରେ ଆଗାମୀ ୪ରୁ ୫ ଦିନ ଯାଏ ବର୍ଷା ଜାରି ରହିବ। ବୁଧବାର ଜୁଲାଇ ୪ ତାରିଖ ଯାଏ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ମଙ୍ଗଳବାର ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗି ରହିବା ସହିତ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ଅତି ପ୍ରବଳ ବର୍ଷା ନେଇ ୭ ଜିଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ନବରଙ୍ଗପୁର, କଳାହାଣ୍ଡି ଓ କୋରାପୁଟକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ରାୟଗଡ଼ା, ନୂଆପଡ଼ା, ଝାରସୁଗୁଡ଼ା, ବାଲେଶ୍ୱର, ଭଦ୍ରକ, ଗଜପତି, ଦେବଗଡ଼, ଯାଜପୁର, ଢେଙ୍କାନାଳ ଓ ଅନୁଗୋଳ ଜିଲାକୁ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଦିଆଯାଇଛି।

## ଆଜିଠୁ ରେଳଯାତ୍ରୀ...

ପ୍ରଥମ ପୃଷ୍ଠାରୁ...

ଜନ ଶତାବ୍ଦୀ, ଯୁବା ଏକ୍ସପ୍ରେସ, ଏସି ଭିଷ୍ଟାଡୋମ୍ କୋଚ, ଅନୁଭୂତି କୋଚ ଏବଂ ସାଧାରଣ ଅଣ-ଉପନଗର ସେବା ଭଳି ପ୍ରିମିୟର ଓ ସ୍ୱତନ୍ତ୍ର ଟ୍ରେନ ସେବା ପାଇଁ ମଧ୍ୟ ପ୍ରଯୁଜ୍ୟ। ଅନ୍ୟପଟେ ରିଜର୍ଭେଶନ ଫି, ସୁପରଫାଷ୍ଟ ସରଚାର୍ଜ ଏବଂ ଅନ୍ୟାନ୍ୟ ଶୁଳ୍କ ଅପରିବର୍ତ୍ତିତ ରହିଛି। ପ୍ରଯୁଜ୍ୟ ନିୟମ ଅନୁଯାୟୀ ଜିଏସ୍‌ଟି ଲାଗୁ ହେବ। ଭଡ଼ା ରାଉଣ୍ଡ ନୀତି ବିଦ୍ୟମାନ ମାନଦଣ୍ଡ ଅନୁଯାୟୀ ରହିବ। ଜୁଲାଇ ପହିଲାରେ କିମ୍ବା ତା'ପରେ ବୁକ୍ ହୋଇଥିବା ଟିକେଟ ପାଇଁ ସଂଶୋଧିତ ଭଡ଼ା ପ୍ରଯୁଜ୍ୟ ହେବ। ଏହି ତାରିଖ ପୂର୍ବରୁ ଜାରି ହୋଇଥିବା ଟିକେଟଗୁଡ଼ିକ କୌଣସି ଭଡ଼ା ସମାୟୋଜନ ବିନା ବିଦ୍ୟମାନ ଭଡ଼ାରେ ବୈଧ ରହିବ। ପିଆର୍‌ଏସ୍, ୟୁଟିଏସ୍ ଏବଂ ମାନୁଆଲ ଟିକେଟିଂ ସିଷ୍ଟମଗୁଡ଼ିକୁ ସେହି ଅନୁସାରେ ଅପଡେଟ୍ କରାଯାଉଛି ବୋଲି ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି।

## ଶିମିଳିପାଳରେ ଭୂସ୍ଖଳନ...

ଘଟିଥିବାରୁ ସୋମବାର ସକାଳୁ ମନ୍ତ୍ରୀ ଖୁଣ୍ଟିଆଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଖୁବଶୀଘ୍ର ମରାମତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୧୨ଘଣ୍ଟା ମଧ୍ୟରେ ଶିମିଳିପାଳର ବିଭିନ୍ନ ସ୍ଥାନରେ ରେକର୍ଡ ହୋଇଥିବା ମୋଟ ବର୍ଷାର ପରିମାଣ ୪୩୨.୬୦ମିମି ଥିବା ବେଳେ ଏହା ହାରାହାରି ଭାବେ ୨୪.୦୩ମିମି ରେକର୍ଡ କରାଯାଇଛି। ଶିମିଳିପାଳର କବାଟଘାଇ ରେଞ୍ଜରେ ୧୦୦.୨ମିମି, ରାମତୀର୍ଥରେ ୩୩.୯ମିମି, କେନ୍ଦୁମୁଣ୍ଡିରେ ୬୦.୯ମିମି, ଉପର ବାରହାକାମୁଡ଼ାରେ ୫୨.୬ମିମି, ଚହଲାରେ ୪୯.୯ମିମି, ନଅଁଶାରେ ୩୧.୪ମିମି, ବରେହିପାଣିରେ ୨୫.୧୪ମିମି, କୁଳିପାଳରେ ୨୫.୫ମିମି, ଜେନାବିଲରେ ୨୫.୪ମିମି, ଭଞ୍ଜବାସାରେ ୨୦.୩୨ମିମି, ସାତକୋଶିଆରେ ୧୨.୬ମିମି, ଡୋଭରେ ୧୨.୭ମିମି, ପିଠାବଟାରେ ୮.୧୨ମିମି, ପୋଡାଡିହାରେ ୭.୬୨ମିମି, ଠାକୁରମୁଣ୍ଡାରେ ୫.୦୮ମିମି, ବଡ଼ଗାଁରେ ୨.୫୪ମିମି, ଗୁରୁଗୁଡିଆରେ ୧.୭୭ମିମି ବର୍ଷା ରେକର୍ଡ କରାଯାଇଛି। ବର୍ଷା ଛାଡ଼ିବା ପରେ ରାସ୍ତାର ମରାମତି କରାଯାଇ ଯାତାୟାତ ସ୍ୱାଭାବିକ କରାଯିବ ବୋଲି ଅଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନି କହିଛନ୍ତି।

## ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ପ୍ରସଙ୍ଗ

# ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିରେ ରହିବୁ: ଓଏଏସ୍ ସଂଘ

**ଭୁବନେଶ୍ୱର,୩୦।୬(ରବିନାରାୟଣ ଜେନା)**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ସୋମବାର କାର୍ଯ୍ୟାଳୟ ପରିସରରେ ଆକ୍ରମଣ ପ୍ରସଙ୍ଗକୁ ନେଇ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଫିସର୍ସ ସଂଘ କଡ଼ା ନିନ୍ଦା କରିଛି। ସଂଘର ରାଜ୍ୟ ସଭାପତି କ୍ୟୋତିରଞ୍ଜନ ମିଶ୍ର କହିଛନ୍ତି, ଏଭଳି ବର୍ବରୋଚିତ ଘଟଣାକୁ ଯେତେ କଡ଼ା ଭାଷାରେ ନିନ୍ଦା କଲେ ବି କମ୍ ହେବ। ଘଟଣାକୁ ନେଇ ମଙ୍ଗଳବାରଠାରୁ ସମସ୍ତ ଓଏଏସ୍ ଅଫିସର ଛୁଟିରେ ରହିବାକୁ ନିଷ୍ପତ୍ତି ହୋଇଛି। ସରକାର ତୁରନ୍ତ ଘଟଣାରେ କଡ଼ା ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ସମସ୍ତ ସଂଘକୁ ନେଇ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ସେ କହିଛନ୍ତି, ରାଜଧାନୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ହେଲା ବିଏମ୍‌ସି। ଦିନ ଦ୍ୱିପ୍ରହରରେ କାର୍ଯ୍ୟାଳୟ ପରିସରରେ ପଶି ଜଣେ କର୍ତ୍ତବ୍ୟରତ ଅଧିକାରୀଙ୍କୁ ଏଭଳି ମରଣାତ୍ମକ ଆକ୍ରମଣ କରିବା ଆମେ ସଭ୍ୟ ସମାଜ ପ୍ରତି ସମୀଚୀନ ନୁହେଁ। ଏକନ୍ତେ ମୁଖ୍ୟମନ୍ତ୍ରୀଙ୍କ ସହିତ ସଂଘର ଖୁବ୍‌ଶୀଘ୍ର ବୈଠକ ବସିବ। ତା' ପରେ ସଂଘ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରିପୋର୍ଟ ଲେଖାହେବା ସୁଦ୍ଧା କ୍ୟୋତିରଞ୍ଜନ କହିଛନ୍ତି। ସୂଚନାଯୋଗ୍ୟ, ସୋମବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ବିଏମ୍‌ସି ମୁଖ୍ୟାଳୟ ଭିତରେ ୬ରୁ ୭ ବ୍ୟକ୍ତି ବିନା ଅନୁମତିରେ ସଭା କକ୍ଷରେ ପ୍ରବେଶ କରିଥିଲେ। ଅନ୍ୟ ଅଧିକାରୀ, କର୍ମଚାରୀ ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ଅତିରିକ୍ତ କମିଶନର ରତ୍ନାକରଙ୍କୁ ଘୋଷାରି ନେଇ ମାଡ଼ ମାରିଥିଲେ।

## ଘଟଣାର ନିନ୍ଦା କଲେ ମେୟର

ଅତିରିକ୍ତ କମିଶନର ରତ୍ନାକର ସାହୁ ଆକ୍ରମଣ ନେଇ ନିନ୍ଦା କରିବା ସହିତ ଏହା ଦୁର୍ଭାଗ୍ୟଜନକ କଥା ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ବିଏମ୍‌ସି କାର୍ଯ୍ୟାଳୟରେ ପଶି ୫ଜଣ ଯୁବକ ଜଣେ ଅଧିକାରୀଙ୍କୁ ଆକ୍ରମଣ କରିବା ସହିତ ଘୋଷାରି ଘୋଷାରି ନେବା ଘଟଣାର ରାଜ୍ୟରେ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା କିପରି ରହିଛି ତାହା ସ୍ପଷ୍ଟ ହୋଇଛି। ଯେଉଁଭଳି ଅମାନୁଷିକ ଭାବେ ବରିଷ୍ଠ ଅଧିକାରୀଙ୍କୁ ଆକ୍ରମଣ କରାଯାଇଛି ଏଥିରୁ ରାଜଧାନୀରେ ସର୍ବେ ଅସୁରକ୍ଷିତ ମନେ କରିବେ। ଅଭିଯୋଗ ଶୁଣାଣିରେ ୧୦୦ରୁ ଅଧିକ ଲୋକ ଥିଲେ। ସିସିଟିଭି ଫୁଟେଜରେ ଆକ୍ରମଣକାରୀଙ୍କ ଦୃଶ୍ୟ ରହିଛି। ଏହି ଆକ୍ରମଣ ପରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯିବା ସହିତ ଗମ୍ଭୀର ନିୟୋଜିତ ହେବା ଆବଶ୍ୟକ ବୋଲି ମେୟର କହିଛନ୍ତି।

# ଆରମ୍ଭ ହେଲା ଆଡ଼ପ ଦର୍ଶନ

## ଶ୍ରଦ୍ଧାଳୁଙ୍କୁ ମିଳିଲା ଆଡ଼ପ ଅବଢ଼ା

ପୁରୀ,୩୦।୬
(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ଶ୍ରୀମନ୍ଦିର ରତ୍ନସିଂହାସନ ଛାଡ଼ି ଏବେ ଜନ୍ମବେଦି ଆଡ଼ପମଣ୍ଡପରେ ବିଜେ କରିଛନ୍ତି। ରବିବାର ଆଡ଼ପ ପହଣ୍ଡି ପରେ ସୋମବାର ଅନ୍ୟାନ୍ୟ ନୀତି ହେବା ସହ ସାହାଣମେଲା ଦର୍ଶନ ଆରମ୍ଭ ହୋଇଛି। ବର୍ଷକ ପରେ ପୁଣି ଜନ୍ମବେଦିରେ ମହାପ୍ରଭୁଙ୍କ ଦର୍ଶନ କରି ଭକ୍ତମାନେ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ଦାରୁବିଗ୍ରହଙ୍କୁ ଦର୍ଶନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଭକ୍ତଙ୍କ ସୁଅ ଛୁଟୁଛି। ମହାପ୍ରଭୁଙ୍କ ଦର୍ଶନ କରି ଶ୍ରଦ୍ଧାଳୁମାନେ ବେଶ୍ ଆନନ୍ଦିତ ଥିବା କହିବା ସହ ଆଡ଼ପ ଅବଢ଼ା ପାଇ କୃତାର୍ଥ ହୋଇଛନ୍ତି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।



ଶ୍ରୀଗୁଣ୍ଡିଚା ମନ୍ଦିରରେ ଥିବା ଆଡ଼ପମଣ୍ଡପରେ ସୋମବାର ଶ୍ରଦ୍ଧାଳୁମାନେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ସାରି ଫେରିଛନ୍ତି।

ଶ୍ରୀଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର ପଟେ ଭକ୍ତଙ୍କ ଦର୍ଶନ ପାଇଁ ବାରିକେଡ୍ ବ୍ୟବସ୍ଥା ହୋଇଛି। ଭକ୍ତମାନେ ବାରିକେଡ୍‌ରେ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ମହାପ୍ରଭୁଙ୍କ ଦର୍ଶନ କରି ନାକଚଣା ଦ୍ୱାର ପଟେ ପ୍ରସ୍ଥାନ କରୁଛନ୍ତି।

ଅପରପକ୍ଷରେ ଶ୍ରୀମନ୍ଦିରରେ ଏବେ କୋଳାହଳ ଦେଖିବାକୁ ମିଳୁନି। କେବଳ ପାର୍ଶ୍ୱଦେବଦେବୀଙ୍କ ପୂଜାର୍ଚ୍ଚନା ଜାରି ରହିଛି। ଏଥିସହ ଦକ୍ଷିଣୀ ଘରେ ଥିବା ଠାକୁରଙ୍କୁ ପୂଜା କରାଯାଉଛି। ମହାପ୍ରସାଦ ହୋଇ ନ ଥାଏ, କେବଳ ଶୀତଳ ଭୋଗ ଲାଗି କରାଯାଉଛି। ଶ୍ରୀମନ୍ଦିରରେ ମହାପ୍ରଭୁ ନ ଥିବାବେଳେ ମହାପ୍ରସାଦ ଏବେ ଗୁଣ୍ଡିଚା ମନ୍ଦିରରେ ଭକ୍ତ ପ୍ରାପ୍ତ ହେଉଛନ୍ତି। ଭକ୍ତଙ୍କ ଭିଡ଼ ଓ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଶୃଙ୍ଖଳିତ ଦର୍ଶନ ପାଇଁ ସଶସ୍ତ୍ର ବନ୍ଧୁକଧାରୀ ମୁତୟନ କରାଯାଇଥିବା ବେଳେ ଗୁଣ୍ଡିଚା ମନ୍ଦିର ଚାରିପଟେ ପୋଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଛି। ମଙ୍ଗଳବାର ହେରାପଞ୍ଚମୀ ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗ ମଣ୍ଡପ ପରେ ସୋମବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଥିଲା। ଦତ୍ତମହାପାତ୍ର ସେବାୟତମାନେ ସିଂହାସନ ଉପରେ ଚଢ଼ି ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ଏହା ଏକ ଗୁପ୍ତନୀତି ହୋଇଥିବାରୁ ସାଧାରଣ ଦର୍ଶନ ବନ୍ଦ ରହିଥିଲା।

ସେହିପରି ଶ୍ରୀବିଗ୍ରହମାନେ ଆଡ଼ପ ମଣ୍ଡପକୁ ବିଜେ କରିବା ପରେ ଭକ୍ତମାନଙ୍କୁ ଆଡ଼ପ ଅବଢ଼ା ମିଳିଛି। ଶ୍ରୀବିଗ୍ରହମାନେ ରଥ ଉପରେ ଥିବାବେଳେ ଶୁଖିଲା ମହାପ୍ରସାଦ ଭୋଗ ଖାଉଥିଲେ। ୪ ଦିନ ପରେ ମହାପ୍ରଭୁଙ୍କ ପାଖରେ ଅନ୍ନପ୍ରସାଦ ଭୋଗ ଲାଗି ହୋଇଛି। ସକାଳ ଧୂପରେ ମହାପ୍ରଭୁଙ୍କୁ ଅବଢ଼ା, ଘିଅ ଅନ୍ନ, କାନିକା, ଖେଚୁଡ଼ି, ମେଣ୍ଢାମୁଣ୍ଡିଆ, ଅଦା ଓ ହେଙ୍ଗୁ ଖେଚୁଡ଼ି, ଡାଲମା, ବେସର, ମହୁର, ଶାଗ, ପିଠା, ଖଟା ଆଦି ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଲାଗି ହୋଇଥିଲା। ପରେ ଭକ୍ତମାନେ ଆନନ୍ଦବଜାରରେ ପାଇଛନ୍ତି ଆଡ଼ପ ଅବଢ଼ା। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରି ଆଡ଼ପ ଅବଢ଼ା ଖାଇଲେ ୧୦୦ ଜନ୍ମର ପାପ କ୍ଷୟ ହୁଏ ବୋଲି ପୌରାଣିକ ଆଖ୍ୟା ରହିଛି।

# ଅଗଷ୍ଟ ୧ରୁ ଆର୍‌ଆଇ, ଅମିନ ମେନ୍ ପରୀକ୍ଷା

## ପ୍ରତି ଜିଲାରେ ପରୀକ୍ଷା କେନ୍ଦ୍ର

ଭୁବନେଶ୍ୱର, ୩୦।୬ (ସୁଚିସ୍ମିତା ସାହୁ)

ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ରାଜସ୍ୱ ନିରୀକ୍ଷକ(ଆରଆଇ), ସହକାରୀ ନିରୀକ୍ଷକ(ଏଆର୍‌ଆଇ), ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ସୁପରଭାଇଜର ଓ ଅମିନ ମେନ୍ ପରୀକ୍ଷା ଅଗଷ୍ଟ ୧ରୁ ଆରମ୍ଭ ହେବ। ଏନେଇ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। କମ୍ପ୍ୟୁଟର ମୋଡ୍‌ରେ (ସିବିଆର୍‌ଇ) ପରୀକ୍ଷା କରାଯିବ ଓ ସମସ୍ତ ଜିଲାରେ ସେଣ୍ଟର ରହିବ। ସେପ୍ଟେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷା ପାଇଁ ଯୋଗ୍ୟ ବିଦ୍ୟାର୍ଥୀମାନେ ଓଏସ୍‌ଏସ୍‌ଏସ୍‌ସି ୱେବ୍‌ସାଇଟ୍‌ରେ ଆଇଡି ଓ ପାସ୍‌ୱାର୍ଡ ଲଗ୍ ଇନ କରି ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ପରୀକ୍ଷା ପାଇଁ ନିର୍ଦ୍ଦିଷ୍ଟ ତାରିଖ, ପରୀକ୍ଷା କେନ୍ଦ୍ର ସମ୍ବନ୍ଧୀୟ ସମସ୍ତ ସୂଚନା ଉକ୍ତ ଆଡ୍‌ମିଟ୍ କାର୍ଡରୁ ପାଇପାରିବେ ବୋଲି ସୂଚନା ଦିଆଯାଇଛି।

ବିଜ୍ଞପ୍ତି ଅନୁସାରେ, ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଉପରୋକ୍ତ ନିଯୁକ୍ତି ପାଇଁ ପ୍ରିଲିମ୍ ପରୀକ୍ଷା ୨୦୨୪ ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ତେବେ ଏଥିରେ ବିଭିନ୍ନ ପ୍ରକାର ଦୁର୍ନୀତି ଓ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ପରୀକ୍ଷାର୍ଥୀଙ୍କ ସହ ବିଭିନ୍ନ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏପରି କି ମାମଲା ଥାନା ଓ କୋର୍ଟକୁ ଯାଇଥିଲା। ରାଜ୍ୟ ସରକାର କଳା ତାଲିକାଭୁକ୍ତ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା, ପରୀକ୍ଷା କେନ୍ଦ୍ର ଚୟନରେ କେଲେଙ୍କାରୀ ଓ ନକଲି ସେଣ୍ଟର ମାଲିକ ଗିରଫ ଆଦିକୁ ପ୍ରସଙ୍ଗ କରି ଷ୍ଟୁଡେଣ୍ଟସ ଏଗ୍‌ନେଷ୍ଟ କରପ୍‌ଶନ ନେତୃତ୍ୱରେ ଆଶାୟୀମାନେ ଦୀର୍ଘମାସ ଧରି ଆନ୍ଦୋଳନ ଚଳାଇବା ସହ ପରୀକ୍ଷା ବାତିଲ ଦାବି କରିଥିଲେ। ତେବେ ଗତ ଅପ୍ରିଲ ୨୩ରେ ପ୍ରିଲିମ୍ ପରୀକ୍ଷା ଦେଇଥିବା ସମସ୍ତ ଚାକିରି ଆଶାୟୀଙ୍କୁ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଉତ୍ତୀର୍ଣ୍ଣ କରାଯାଇଥିଲା। ତେବେ ପ୍ରିଲିମ୍ ପରୀକ୍ଷାରେ କପିକରି ଧରାପଡ଼ିଥିବା ୯ଜଣ ମୁଖ୍ୟ (ମେନ୍) ପରୀକ୍ଷା ଦେଇପାରିବେ ନାହିଁ। ବାକି ସମସ୍ତ ଆଶାୟୀମାନେ ମେନ୍ ପରୀକ୍ଷା ଦେଇପାରିବେ ବୋଲି ଓଏସ୍‌ଏସ୍‌ଏସ୍‌ସି ସୂଚନା ଦେଇଥିଲା।

# ଅତିରିକ୍ତ କମିଶନରଙ୍କ ନାଁରେ ଯୁବ କଂଗ୍ରେସର ଥାନାରେ ଏତଲା

## ଗୋଡ଼ ବାଡ଼େଇ ଭାଙ୍ଗିବା ପ୍ରସଙ୍ଗ

ଭୁବନେଶ୍ୱର,୩୦।୬
(ରବିନାରାୟଣ ଜେନା)

ଯୁବ କଂଗ୍ରେସ ପକ୍ଷରୁ ରବିବାର ଆନ୍ଦୋଳନ ସମୟରେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ କର୍ମୀଙ୍କୁ ବାରିକେଡ୍ ଡେଇଁଲେ ଗୋଡ଼ ବାଡ଼େଇ ଭାଙ୍ଗିବାକୁ ଧମକ ଦେଲେ ବୋଲି ଅଭିଯୋଗ କରି କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି।

ସୋମବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦେଇଥିବା ଏତଲାରେ କହିଛନ୍ତି, ଯଦି ନରସିଂହ ଭୋଳଙ୍କ ବିରୋଧରେ ଯଥାଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଯୁବକଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ। ସେ କହିଛନ୍ତି, ରବିବାର ପ୍ରାୟ ଅପରାହ୍ନ ୫ଟା ବେଳେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ପୁରୀ ରଥଯାତ୍ରା ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା, ଦଳାଚକଟାରେ ତିନିଜଣ ଭକ୍ତଙ୍କ ମୃତ୍ୟୁ, ପ୍ରାୟ ୫୦ ଭକ୍ତଙ୍କର ଗୁରୁତର ଆହତ ଅବସ୍ଥା ଏବଂ ବିଶେଷ କରି ଶିଳ୍ପପତି ଗୌତମ ଆଦାନୀଙ୍କ ପାଇଁ ରଥଟଣା ବନ୍ଦ ପ୍ରଭୃତି ପ୍ରସଙ୍ଗରେ ଏହି ବିକ୍ଷୋଭ କରାଯାଇଥିଲା। ତେବେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ସେଠାରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ କହିଥିଲେ, ଯେଉଁ ଆନ୍ଦୋଳନକାରୀମାନେ ବାରିକେଡ୍ ଡେଇଁବେ ସେମାନଙ୍କ ଗୋଡ଼ ବାଡ଼େଇ ଭାଙ୍ଗିଦେବ। ସେ ଆହୁରି ମଧ୍ୟ କହିଥିଲେ, ଯିଏ ଗୋଡ଼ ବାଡ଼େଇ ଭାଙ୍ଗି ଦେବ ତାକୁ ପୁରସ୍କାର ମିଳିବ। ଏସିପି ଭୋଳଙ୍କର ଏହି ନିର୍ଦ୍ଦେଶ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ ହୋଇଛି।

ରଣଜିତ କହିଛନ୍ତି, ଯଦି ଯୁବକଂଗ୍ରେସ କର୍ମୀମାନେ ବାରିକେଡ୍ ନିକଟରେ ଆସି ଆନ୍ଦୋଳନ କରିଥାନ୍ତେ ତେବେ ଭୋଳଙ୍କ ନିର୍ଦ୍ଦେଶ ଅନୁଯାୟୀ ସେଠାରେ ଥିବା ପୋଲିସ କର୍ମଚାରୀମାନେ ଯୁବ କଂଗ୍ରେସ କର୍ମୀଙ୍କୁ ମାଡ଼ ମାରି ଲହୁଲୁହାଣ କରିଥାନ୍ତେ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ଜଣେ ପୋଲିସ ଅଫିସର ନିର୍ଦ୍ଦେଶ ଦେବା ସମ୍ପୂର୍ଣ୍ଣ ଭାବେ ବେଆଇନ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ବଦଳରେ ତାଙ୍କର ନିର୍ଦ୍ଦେଶ ପରିସ୍ଥିତିକୁ ଅଣାୟତ୍ତ କରିବାପାଇଁ ଉଦ୍ଦିଷ୍ଟ ଥିଲା। ଭୋଳଙ୍କ ନିର୍ଦ୍ଦେଶ ପଛରେ ବର୍ବରୋଚିତ କାଣ୍ଡ ଭିଆଇବା ଘଟଣା ଭଳି ଷଡ଼ଯନ୍ତ୍ର ଲୁଚି ରହିଛି। ତେଣୁ ତାଙ୍କ ବିରୋଧରେ ତୁରନ୍ତ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଛି ବୋଲି ରଣଜିତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପିସିସି ପୂର୍ବତନ ସାଧାରଣ ସମ୍ପାଦକ ମହମ୍ମଦ ଇମଦାଦ, ପ୍ରକାଶ ମିଶ୍ର ଓ ମନୋଜ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ବରିଷ୍ଠ ଅଧିକାରୀଙ୍କ ସହ ସ୍ଥିତି ଅନୁଧ୍ୟାନ କଲେ ଗର୍ଗ

## ଶରଧାବାଲିରେ ଦଳାଚକଟା ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ

**ଶରଧାବାଲି ରଥ ନିକଟରେ ରବିବାର ଭୋର ସମୟରେ ଦଳାଚକଟା ଘଟି ୩ଜଣ ଭକ୍ତଙ୍କ ମୃତ୍ୟୁ ଘଟିବା ସହ ୧୦ରୁ ଊର୍ଦ୍ଧ୍ୱ ଆହତ ହେବା ଘଟଣାର ସୋମବାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ଉନ୍ନୟନ କମିଶନର ଅନୁ ଗର୍ଗ ପୁରୀରେ ପହଞ୍ଚି ଶ୍ରୀଗୁଣ୍ଡିଚା ମନ୍ଦିର ଯାଇ ସେଠାରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହିତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏବଂ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏଥିସହିତ ତଦନ୍ତକୁ ନିର୍ଦ୍ଧାରିତ ସମୟରେ ଶେଷ କରି ଘଟଣା ପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉନ୍ନୟନ କମିଶନର ଗର୍ଗ କହିଛନ୍ତି।**



ଉନ୍ନୟନ କମିଶନର ଅନୁ ଗର୍ଗ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

ପୁରୀ,୩୦।୬
(ଅଜିତ୍ କୁମାର ମହାନ୍ତି)

ରଥ ନିକଟରେ ଦଳାଚକଟା ଘଟଣାର ପ୍ରଶାସନିକ ତଦନ୍ତ କରିବାକୁ ନିର୍ଦ୍ଦେଶ ପାଇଥିବା ଉନ୍ନୟନ କମିଶନର ଅନୁ ଗର୍ଗ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟକୁ ଗସ୍ତ କରି ଦଳାଚକଟା ଘଟଣାସ୍ଥଳରେ ଅନୁଧ୍ୟାନ କରିଛନ୍ତି। ତଦନ୍ତ କମିଶନ ଅଧ୍ୟକ୍ଷା ଗର୍ଗ କହିଛନ୍ତି, ଘଟଣାସ୍ଥଳ ନିକଟରେ ଥିବା ସମସ୍ତ ସିସିଟିଭି ଫୁଟେଜ ଓ ଭିଡିଓ ଫୁଟେଜକୁ ତଦନ୍ତ ପରିସରକୁ ନିଆଯାଇଛି। ଏଥିସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ବରିଷ୍ଠ ଅଧିକାରୀ, ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସହ ଆଲୋଚନା କରିଥିବା କହିଛନ୍ତି। ଅଘଟଣର ସମ୍ପୂର୍ଣ୍ଣ ତଦନ୍ତ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସମୟ ଦିଆଯାଇଛି। କେଉଁ କେଉଁ କାରଣ ପାଇଁ ଏପରି ଅଘଟଣ ଘଟିଲା ତାହାର ତଦନ୍ତ କରାଯାଉଛି। ଆଗକୁ ଯେପରି ଏଭଳି ଘଟଣା ନ ଘଟିବ ସେଥିପାଇଁ ଆଉ କ'ଣ କ'ଣ ପଦକ୍ଷେପ ଗ୍ରହଣ କରାଯାଇପାରିବ ସେନେଇ ବ୍ୟବସ୍ଥା କରାଯିବ। ତଦନ୍ତର ପ୍ରଥମ ଦିନରେ ସମସ୍ତଙ୍କ ସହ ଏନେଇ ପ୍ରାଥମିକ ଆଲୋଚନା କରିଛି। ଆସନ୍ତା ୩୦ ଦିନ ମଧ୍ୟରେ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରାଯିବ। ଦଇତାପତି, ସେବାୟତ, ମନ୍ଦିର କର୍ମଚାରୀ, ସ୍ଥାନୀୟ ଲୋକଙ୍କଠାରୁ ତଥ୍ୟ ଗ୍ରହଣ କରାଯିବ। ଏଥିସହିତ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ମୃତକଙ୍କ ପରିବାର, ସମ୍ପର୍କୀୟ, ଅଧିକାରୀମାନଙ୍କ ସହ ଆଲୋଚନା କରି ଭଲ ଭାବେ ସବୁ ବୁଝିବା ପରେ ଯାହା କହିହେବ ବୋଲି ଗର୍ଗ କହିଛି। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ଶେଷ କରିବା ପାଇଁ ସରକାରଙ୍କ ପକ୍ଷରୁ ନୂଆ ଟିମ୍ ଗଠନ କରାଯାଇଛି। ନୂଆ ଟିମ୍ ବର୍ତ୍ତମାନ ପୁରୀରେ ଉପସ୍ଥିତ ରହିଛନ୍ତି। ଅରବିନ୍ଦ ଅଗ୍ରୱାଲ ପୂର୍ବରୁ ପୁରୀର ଜିଲାପାଳ ରହିଥିଲେ। ଜିଲାପାଳ ଚଞ୍ଚଳ ରାଣାଙ୍କ ବହୁତ ଅଭିଜ୍ଞତା ରହିଛି। ସେହିପରି ପିନାକ ମିଶ୍ର ପୂର୍ବରୁ ଏସ୍‌ପି ଭାବରେ କାର୍ଯ୍ୟ କରିଛନ୍ତି, ତେଣୁ ନୂଆ ଟିମ୍ ସମ୍ପୂର୍ଣ୍ଣ ଅଭିଜ୍ଞ ରହିଛି। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ପ୍ରତ୍ୟେକ ଘଟଣାକୁ ଅନୁଧ୍ୟାନ କରାଯାଉଛି। ଆଶା ଅଛି ମହାପ୍ରଭୁଙ୍କ ଯାତ୍ରା ସମ୍ପୂର୍ଣ୍ଣ ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବ ବୋଲି ଉନ୍ନୟନ କମିଶନ ଅନୁ ଗର୍ଗ ସୂଚନା ଦେଇ କହିଛନ୍ତି। ସେହିପରି ରଥଯାତ୍ରାର ସମ୍ପୂର୍ଣ୍ଣ ତଦାରଖ ନିମନ୍ତେ ନିଯୁକ୍ତି ପାଇଥିବା ବରିଷ୍ଠ ଆଇଏଏସ୍ ଅଧିକାରୀ ଅରବିନ୍ଦ ଅଗ୍ରୱାଲ ଶ୍ରୀଗୁଣ୍ଡିଚା ମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଜିଲା ପ୍ରଶାସନ ସହିତ ରଥଯାତ୍ରା ନେଇ ସମୀକ୍ଷା ବୈଠକ କରିଥିଲେ। ପ୍ରକାଶ ଯେ, ରଥ ନିକଟରେ ଭୋର୍ ସମୟରେ ଦଳାଚକଟା ଘଟଣାରେ ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାକୁ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାରେ ତୁରନ୍ତ ଜିଲାପାଳ ଏବଂ ଏସ୍‌ପିଙ୍କୁ ବଦଳି କରାଯିବା ସହ ନୂଆ ଜିଲାପାଳ ଭାବେ ଚଞ୍ଚଳ ରାଣା ଏବଂ ପିନାକ ମିଶ୍ରଙ୍କୁ ଏସ୍‌ପିଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହିତ ବରିଷ୍ଠ ଆଇଏଏସ୍ ଅଧିକାରୀ ଅରବିନ୍ଦ ଅଗ୍ରୱାଲଙ୍କୁ ରଥଯାତ୍ରାର ସମ୍ପୂର୍ଣ୍ଣ ତଦାରଖ ନିମନ୍ତେ ନିଯୁକ୍ତ କରାଯାଇଛି। ସେହିପରି ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ଘଟଣାର ପ୍ରଶାସନିକ ତଦନ୍ତ କରି ସରକାରଙ୍କୁ ଏକ ମାସ ମଧ୍ୟରେ ରପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ସାପ କାମୁଡ଼ାରେ ୨ ମୃତ

ବଣାଇଁ,୩୦।୬
(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅନ୍ତର୍ଗତ ନରେନ୍ଦ୍ର ପଞ୍ଚାୟତରେ ସାପ କାମୁଡ଼ାରେ ସୋମବାର ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କରୁରିଧୁଆ ଗ୍ରାମର ଶୁକଦେବ ଓରାମଙ୍କ ନାବାଳିକା ଝିଅ ରଶ୍ମି ଓରାମ (୧୨) ଓ ବଡପଡା ଗ୍ରାମର ଅଜିତ ଓରାମ (୪୨)। ମିଳିଥିବା ସୂଚନା ଅନୁଯାୟୀ, ରବିବାର ରାତିରେ ରଶ୍ମି ତଳେ ଶୋଇଥିବା ବେଳେ କୌଣସି ଏକ ବିଷାକ୍ତ ସାପ ବେକ ପାଖରେ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅଜିତ ରାତିରେ ଘରୁ ବାହାରକୁ ଶୌଚ ପାଇଁ ଯାଇଥିବା ବେଳେ କୌଣସି ଏକ ବିଷାକ୍ତ ସାପ ଗୋଡ଼କୁ କାମୁଡ଼ି ଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବଣାଇଁ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ବଣାଇଁ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ପାଇଁ ସାଧାରଣରେ ଦାବି ହେଉଛି।

# ସୁରକ୍ଷାକର୍ମୀଙ୍କ ଗୁଳିରେ ୨ ମାଓବାଦୀ ନିହତ

## ଘଞ୍ଚ ଜଙ୍ଗଲରେ ମାଓବାଦୀ-ସୁରକ୍ଷାକର୍ମୀ ଗୁଳି ବିନିମୟ

ଫୁଲବାଣୀ/ବାଲିଗୁଡ଼ା,୩୦।୬
(ସଞ୍ଜୟ କୁମାର ପାଣିଗ୍ରାହୀ/ ରାକେଶ କୁମାର ରାଉତ)



ଜବତ ମାଓ ସାମଗ୍ରୀ।

ମାଓବାଦୀ ଦମନ ଅଭିଯାନ କ୍ଷେତ୍ରରେ କନ୍ଧମାଳ ଜିଲା ପୋଲିସକୁ ସୋମବାର ଏକ ବଡ଼ ସଫଳତା ମିଳିଛି। ଏହି ଅଭିଯାନରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨ଜଣ ଦୁର୍ଦ୍ଧାନ୍ତ ମାଓବାଦୀ ନିହତ ହୋଇଛନ୍ତି। ଏଥିସହ ଘଟଣାସ୍ଥଳରୁ ଗୋଟିଏ ରାଇଫଲ, ରିଭଲଭର, ଗୁଳି, ୱାକିଟକି, ବ୍ୟାଟେରି ଏବଂ ଅନ୍ୟାନ୍ୟ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ମୃତ ମାଓବାଦୀ ଦ୍ୱୟ ହେଲେ ମଙ୍କୁ ଏବଂ ଚନ୍ଦନ। ମଙ୍କୁ ହେଉଛନ୍ତି କନ୍ଧମାଳ ଜିଲାରେ ସକ୍ରିୟ ଥିବା ମାଓବାଦୀ ଗ୍ରୁପର ଏସିଏମ୍ କ୍ୟାଡର ଏବଂ ଚନ୍ଦନ ପାର୍ଟି ସଦସ୍ୟ ବୋଲି ପୋଲିସ ପ୍ରାରମ୍ଭିକ ସୂଚନା ପାଇଛି। ଉଭୟଙ୍କ ମୃତଦେହ ଜବତ କରାଯାଇଛି। ସନ୍ଧ୍ୟା ସୁଦ୍ଧା ସମ୍ପୃକ୍ତ ଅଞ୍ଚଳରେ ଏସ୍‌ଓଜି, ଡିଭିଏଫ୍ ଏବଂ ସିଆର୍‌ପିଏଫ୍‌ର ମିଳିତ ଅପରେଶନ ଜାରି ରହିଛି।

ବାଲିଗୁଡ଼ା ଥାନା ଅଧୀନସ୍ଥ ଇନ୍ଦ୍ରିସୁଗା ସଂରକ୍ଷିତ ଜଙ୍ଗଲ ନିକଟରେ କେତେଜଣ ମାଓବାଦୀ ଲୁଚି ରହିଥିବା ସଂକ୍ରାନ୍ତରେ ଜିଲା ପୋଲିସ ଗୋଇନ୍ଦା ସୂତ୍ରରୁ ଖବର ପାଇଥିଲା। ଏହାପରେ କନ୍ଧମାଳ ଏସ୍‌ପି ହରିଶ ବି.ସି.ଙ୍କ ନିର୍ଦ୍ଦେଶକ୍ରମେ ଜିଲାର ଡିଭିଏଫ୍ ଯବାନ ଟିମ୍ ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀ ବିରୋଧୀ ଅଭିଯାନ ଆରମ୍ଭ କରିଥିଲେ। ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଡିଭିଏଫ୍ ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଯବାନଙ୍କ ଗୁଳିରେ ମଙ୍କୁ ଏବଂ ଚନ୍ଦନଙ୍କ ମୃତ୍ୟୁ ଘଟିଛି।

ସୂଚନାଯୋଗ୍ୟ ପ୍ରାୟ ବର୍ଷେ ହେବ କେକେବିଏନ୍ ଟପ ନେତା ଦାସୁରୁ ପୋଲିସ ଗୁଳିରେ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଟପ କ୍ୟାଡର ସମାୟା ମାଡକାମ ଆତ୍ମ ସମର୍ପଣ କରିଥିଲେ। ଏବେ ଆଉ ୨ ଜଣଙ୍କ ମୃତ୍ୟୁ ପରେ ସଂଗଠନ ଦୁର୍ବଳ ହେଉଥିବା ଅନୁମାନ କରାଯାଉଛି।

# ଆରୋଗ୍ୟଦାତାଙ୍କୁ ସୁସ୍ଥ ରଖିବା

## ଆଜି ଜାତୀୟ ଚିକିତ୍ସକ ଦିବସ

ଚିକିତ୍ସକମାନେ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏପରି କୌଣସି ବ୍ୟକ୍ତି ନାହାନ୍ତି ଯେଉଁମାନଙ୍କର କି କୌଣସି ପ୍ରକାର ଡାକ୍ତରୀ ଚିକିତ୍ସା ବା ପରାମର୍ଶର ଆବଶ୍ୟକ ପଡ଼ିନାହିଁ। ୧୯୧୦ ମସିହା ବେଳକୁ ଶହେ ଜଣରେ ମାତ୍ର ୭ ଜଣ ଚିକିତ୍ସକ ଦରକାର ପଡୁଥିଲେ। କିନ୍ତୁ ଏବେ ଶହେ ଜଣରେ ପ୍ରାୟ ୯୦ରୁ ଊର୍ଦ୍ଧ୍ୱ ଚିକିତ୍ସକ ଦରକାର ପଡୁଛନ୍ତି। ଏବେ ପ୍ରାୟ ଏମିତି ଜଣେ ବ୍ୟକ୍ତି ନାହାନ୍ତି ଯାହାଙ୍କର କୌଣସି ରୋଗ ନାହିଁ।

ଡାକ୍ତରମାନେ କେବଳ ରୋଗର ଚିକିତ୍ସା କିମ୍ବା ଅସ୍ତ୍ରୋପଚାର (ଅପରେଶନ) କରନ୍ତି ନାହିଁ, ରୋଗ କେମିତି ହେବନାହିଁ ତାହାର ବ୍ୟବସ୍ଥା ମଧ୍ୟ କରିଥାଆନ୍ତି। ଆଗରୁ କୁହାଯାଉଥିଲା 'ରୋଗର ପ୍ରତିଷେଧକ ହେଉଛି ଏହାର ଚିକିତ୍ସା।' କିନ୍ତୁ ଏବେ କୁହାଯାଉଛି 'ରୋଗର ପ୍ରତିଷେଧକ ହିଁ ହେଉଛି ରୋଗର ପ୍ରକୃତ ଚିକିତ୍ସା।'

ସାଧାରଣତଃ ଡାକ୍ତରମାନେ ଅନ୍ୟମାନଙ୍କ ଅପେକ୍ଷା ଦୀର୍ଘ ସମୟ ଧରି ଓ ଅସମୟରେ କାମ କରିଥାଆନ୍ତି। ଛୁଟି ଓ ପର୍ବପର୍ବାଣିରେ ଏମାନଙ୍କର କାମ ବଢ଼ିଯାଇଥାଏ ଏବଂ ଏମାନେ ପରିବାର, ମାତାପିତା ଓ ପିଲାମାନଙ୍କ ପାଇଁ ଅଧିକ ସମୟ ଦେଇପାରନ୍ତି ନାହିଁ। ରୋଗୀମାନେ ସାଧାରଣତଃ ଉଦ୍‌ବେଗ ଓ ଆଶଙ୍କାରେ ରହିଥାଆନ୍ତି। ସେମାନଙ୍କ ସହ ଓ ସେମାନଙ୍କର ଆତ୍ମୀୟମାନଙ୍କ ସଙ୍ଗେ ସହୃଦୟତାର ସହିତ ବ୍ୟବହାର କରିବାକୁ ପଡ଼ିଥାଏ ଓ ସବୁ ସମୟରେ ରୋଗୀକୁ ଆରୋଗ୍ୟ କରିବା ଓ ଜୀବନ ରକ୍ଷା କରିବା ସମ୍ଭବ ହୋଇ ନ ଥାଏ, ଯାହାକି କେହି କେବେ ଚାହିଁ ନ ଥାନ୍ତି। ଅନେକ ସମୟରେ ଏଥିପାଇଁ ଅପ୍ରୀତିକର ପରିସ୍ଥିତି, ଗଣ୍ଡଗୋଳ ଓ ଡାକ୍ତରଙ୍କ ଉପରେ ଆରୋପ ଏବଂ ଆକ୍ରମଣ ହୋଇଥାଏ। ଜଟିଳ କ୍ଷେତ୍ରରେ ସମ୍ବେଦନା ଓ ଉପଯୁକ୍ତ ଚିକିତ୍ସା ବିଧାନକଲେ ମଧ୍ୟ



ଲୋକମାନେ ସନ୍ତୁଷ୍ଟ ହୋଇ ନ ଥାନ୍ତି।

ଡାକ୍ତରଙ୍କୁ ପ୍ରତ୍ୟେକ ଦିନ ଓ ସବୁ ସମୟରେ ଚିକିତ୍ସା ବିଜ୍ଞାନ ଓ ନୂଆ ନୂଆ କଥାର ଜ୍ଞାନ ଆହରଣ କରିବାକୁ ପଡ଼ିଥାଏ। ଫଳରେ ଜଣେ ଡାକ୍ତର ସବୁ ସମୟରେ ଜଣେ ଛାତ୍ର ଅବସ୍ଥାରେ ଥାଏ। ଏଥିଲାଗି ଡାକ୍ତର ଓ ରୋଗୀର ସମ୍ପର୍କ ପରସ୍ପର ବିଶ୍ୱାସ ଏବଂ ଭରସା ଉପରେ ପ୍ରତିଷ୍ଠିତ ହେବା ଉଚିତ। ଜଣେ ଡାକ୍ତର ଯିଏ ରୋଗୀକୁ ଉତ୍ତମ ରୂପେ ଜାଣିଥାନ୍ତି ତାଙ୍କୁ ସେ ଉପଯୁକ୍ତ ଚିକିତ୍ସା ବା ପରାମର୍ଶ ଦେଇପାରନ୍ତି।

ଡାକ୍ତରମାନଙ୍କର ଏବେ ମୁଖ୍ୟ ଭୂମିକା ହେଉଛି ଲୋକମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟିକରି ରୋଗର ବ୍ୟାପକତାକୁ ହ୍ରାସ କରିବା। ଅନ୍ୟପକ୍ଷରେ ଏବେ ପ୍ରାୟତଃ ଅନେକ ଲୋକ ସ୍ୱାସ୍ଥ୍ୟ ସଚେତନ ହେଲେଣି। ବର୍ତ୍ତମାନ ଅଧିକାଂଶ ସଂକ୍ରାମକ ରୋଗ ନିୟନ୍ତ୍ରଣରେ ରହିଛି। ଅନେକ ପ୍ରାଣଘାତକ ରୋଗର ସମ୍ପୂର୍ଣ୍ଣ ରୂପେ ବିନାଶ କରାଯାଇପାରିଛି ଓ ସମସ୍ତ ଅଣସଂକ୍ରାମକ ରୋଗର ପ୍ରଥମରୁ ନିରୂପଣ ଓ ଚିକିତ୍ସା କରାଯାଇ ନିୟନ୍ତ୍ରଣକୁ ଅଣାଯାଇପାରିଛି। ଏଥିପାଇଁ ଡାକ୍ତରମାନଙ୍କର ଭୂମିକା ପ୍ରଶଂସନୀୟ। ମାତ୍ର ଏହା ସତ୍ତ୍ୱେ ମଧ୍ୟ କାର୍ଯ୍ୟସ୍ଥଳରେ ଅନେକ ସ୍ଥାନରେ ଡାକ୍ତରମାନେ ନିଜକୁ ନିରାପଦ ମଣୁନାହାନ୍ତି।

ପ୍ରତିବର୍ଷ ଜୁଲାଇ ୧ ତାରିଖକୁ 'ଜାତୀୟ ଡାକ୍ତର ଦିବସ' ଭାବରେ ପାଳନ କରାଯାଇଥାଏ। ଏହି ଦିବସ ଅବସରରେ ଚଳିତ ବର୍ଷର ବାର୍ତ୍ତା ରହିଛି–''ଯେଉଁମାନେ ଆମକୁ ଆରୋଗ୍ୟ କରୁଛନ୍ତି ଆମେ ସେମାନଙ୍କୁ ମଧ୍ୟ ସୁସ୍ଥ ଓ ସ୍ୱଚ୍ଛନ୍ଦରେ ରଖିବା। ଏହି ଦିନଟି ଭାରତରତ୍ନ ତଥା ମହାନ୍ ଚିକିତ୍ସକ ଡା. ବିଧାନ ଚନ୍ଦ୍ର ରାୟଙ୍କର ଜନ୍ମ ଏବଂ ତିରୋଧାନ ଦିବସ (ଜନ୍ମ–ଜୁଲାଇ ୧, ୧୮୮୨, ତିରୋଧାନ–ଜୁଲାଇ ୧, ୧୯୬୨)। ସେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଥିଲେ। ଅନ୍ୟପକ୍ଷରେ ଭାରତୀୟ ଚିକିତ୍ସକ ସଂଘର ପ୍ରତିଷ୍ଠା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ସ୍ମୃତି ଓ ଡାକ୍ତରମାନଙ୍କର ସମାଜରେ ମହାନ୍ କାର୍ଯ୍ୟ ପାଇଁ ୧୯୯୧ ମସିହାରୁ ଏହି ଦିବସ ପାଳନ କରାଯାଇଆସୁଅଛି।

**–ଡା. ରାମଚନ୍ଦ୍ର ରାଉତ,**
ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର
ମୋ : ୮୨୪୯୦୮୭୯୯୫

AHANA GYNAECARE & IVF
Wishes You A
Happy Doctors' Day 2025
CERTIFIED
PESHCO-2023-7863
May 16, 2023 - May 15, 2025
NABH-Accredited Small Healthcare Organisation
1st and only exclusive gynaecology and maternity hospital in Bhubaneswar to get the honour.
Headed by **Dr. Sujit Kumar Behera**, Chief Gynaecologist & Advanced Laparoscopic Surgeon
**State-of-the-art IVF & Infertility** unit, headed by **Dr. Sanjeev Behera**
1st Hospital in Bhubaneswar with Permission from Govt. Authority towards undertaking Pre-implantation Genetic Testing (PGT), Screening (PGS), & Diagnosis (PGD)
Fully-equipped **Fetal Medicine Dept.**, headed by **Dr. Shweta Pani**
All Pregnancy Ultrasonography Scans like Fetal Echo, Genetic Counselling, Fetal Therapy and Invasive Procedures like Amniocentesis, CVS & Fetal Reduction
**Services offered:**
- Advanced Gynaecology Laparoscopic Procedures
- Fetal Medicine Unit with Invasive Procedures
- OPD services for Cardiology, Endocrinology & Ultrasound
- IVF-ET, ICSI, IUI & other Fertility services
- High-Risk Pregnancy handling
- Neonatal Unit with Level - 3 NICU
Facebook Page
Plot No. 119, District Center, C.S. Pur, Bhubaneswar-751016
0674 68 11 111 & 0674 23 00 888 91243 64151
ahanagynaecare@gmail.com | www.ahanagynaecare.com
Google Map

"ମଧ୍ୟଯୁଗ ଏକ ରାତ୍ରି ଥିଲା। ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ। ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ। ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ-ଅଧିକ ଖୋଜି ପାରିବ -ଅଧିକ ଶ୍ରମ କରିପାରିବ- ସେ ହିଁ ଅଧିକ ଶକ୍ତି ଲାଭ କରିବ। -ଶ୍ରୀଅରବିନ୍ଦ



# ଜନ ଓ ଗଣନା

ଭାରତର ଜନଗଣନା ୨୦୧୧ରେ ଶେଷଥର ପାଇଁ ହୋଇଥିଲା ଓ ସେହି ଅନୁଯାୟୀ ଦେଶର ଲୋକ ସଂଖ୍ୟା ପାଖାପାଖି ୧୨୧ କୋଟି ଥିଲା। ଜାତିସଂଘ ତଥ୍ୟ ଅନୁଯାୟୀ, ଏହି ସଂଖ୍ୟା ୧୪୨ କୋଟିରୁ ଊର୍ଦ୍ଧ୍ୱରେ ପହଞ୍ଚି କେବେଠାରୁ ଚାଇନାକୁ ଟପିଗଲାଣି। ବେସରକାରୀ ଭାବେ ଭାରତର ଜନସଂଖ୍ୟା ୧୫୦ କୋଟି ହେବ ବୋଲି କୁହାଯାଉଛି। ୨୦୧୧ ପରବର୍ତ୍ତୀ ଜନଗଣନା ୨୦୨୧ରେ ହୋଇଥାଆନ୍ତା। କିନ୍ତୁ ଏହାକୁ ବନ୍ଦ କରାଗଲା ଓ ଏହାର କାରଣ କୋଭିଡ୍ ମହାମାରୀ ବୋଲି ସରକାରୀ ଭାବେ କୁହାଗଲା। ମହାମାରୀ ଯିବାର ୩ବର୍ଷରୁ ଅଧିକ ସମୟ ବିତଗଲା ପରେ ନିକଟରେ କେନ୍ଦ୍ର ସରକାର ଜନଗଣନା ସହ ଜାତିଗଣନା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦେଖିବାକୁ ଗଲେ ୨୦୨୦ ମାର୍ଚ୍ଚ ପରେ ବିଶ୍ୱର ୧୪୩ଟି ଦେଶ ସେମାନଙ୍କ ଜନଗଣନା ଶେଷ କରିଥିବାବେଳେ ଭାରତ ଜନଗଣନା କରି ନ ପାରି ୟେମେନ, ଆଫଗାନିସ୍ତାନ, ସିରିଆ, ୟୁକ୍ରେନ ଏବଂ ଶ୍ରୀଲଙ୍କା ଭଳି ଦେଶଗୁଡ଼ିକ ସହ ତାଲିକାଭୁକ୍ତ ହୋଇଗଲା। ତେବେ ୧୪ ବର୍ଷ ପରେ ୧ ଏପ୍ରିଲ ୨୦୨୬ରେ ପ୍ରଥମ ପର୍ଯ୍ୟାୟ ଜନଗଣନା ହେବାକୁ ଯାଉଛି ବୋଲି ୨୯ ଜୁନ୍ ୨୦୨୫ରେ ଭାରତର ରେଜିଷ୍ଟ୍ରାର ଜେନେରାଲ ତଥା ଜନଗଣନା ଆୟୁକ୍ତ ସୂଚନା ଦେଇଛନ୍ତି। ଏହି ପର୍ଯ୍ୟାୟରେ ଗୃହଗଣନା କରାଯାଇ ତାଲିକାଭୁକ୍ତ କରାଯିବ। ଏଥିରେ ଘରର ଅବସ୍ଥା, ପରିବାରର ସମ୍ପତ୍ତି ଓ ପାଉଥିବା ସୁବିଧା ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯିବ। ଏହାପରେ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟରେ ୧ ଫେବୃଆରୀ ୨୦୨୭ରେ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ଅନ୍ୟାନ୍ୟ ବିବରଣୀ ସଂଗ୍ରହ କରାଯିବ।

ସାଧାରଣରେ ଜନଗଣନା ମାଧ୍ୟମରେ ଅର୍ଥ ବ୍ୟବସ୍ଥା ଓ ସମାଜର ବ୍ୟାପକ ପରିସଂଖ୍ୟାନଗତ ଅଧ୍ୟୟନ କରାଯାଇଥାଏ ଏବଂ ସେଥିରୁ ବିଶ୍ୱସନୀୟ ତଥ୍ୟ ମିଳେ। ସାର୍ବଜନୀନ ନୀତି ପ୍ରଣୟନ ନିମନ୍ତେ ଏହିସବୁ ଆଧାର ହୋଇଥାଏ। ଦେଶରେ ଦୀର୍ଘବର୍ଷ ହେଲା ତଥ୍ୟ ଅଭାବ ଯୋଗୁ ଅନେକ ସମସ୍ୟା ଦେଖା ଦେଉଛି। ଉଦାହରଣ ସ୍ୱରୂପ, ଜନଗଣନା ବିଳମ୍ବ ହେତୁ ନ୍ୟାଶନାଲ କଞ୍ଜପଶନ ଏକ୍ସପେଣ୍ଡିଚର ସୂଚକାଙ୍କ ସର୍ଭେ ପାଇଁ ପୁରୁଣା ଅର୍ଥାତ୍ ୨୦୧୧-୧୨ ତଥ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଆର୍ଥିକ ତଥ୍ୟ ନ ରହିବା ଦ୍ୱାରା ଜିଡିପି, ନିଯୁକ୍ତି ହାର ଓ ମୁଦ୍ରାସ୍ଫୀତି ଭଳି ଆକଳନ ସମ୍ପର୍କରେ ଯେତେ ତଥ୍ୟ ଓ ସଂଖ୍ୟା ପ୍ରକାଶ ପାଉଛି, ତାହା ସବୁ ବାସ୍ତବତା ଆଧାରିତ ହେଉ ନାହିଁ ବୋଲି ଅଭିଯୋଗ ହେଉଛି। ଜନଗଣନା ତଥ୍ୟ ମଧ୍ୟ ସମ୍ବଳ ସମବଣ୍ଟନ ପାଇଁ ଅପରିହାର୍ଯ୍ୟ। ଜନଗଣନାରେ ବିଳମ୍ବ ଯୋଗୁ ସରକାରୀ ସଂସ୍ଥାଗୁଡ଼ିକ ଦ୍ୱାରା କରାଯାଉଥିବା ସର୍ଭେ ଭରସାଯୋଗ୍ୟ ହୋଇପାରୁନାହିଁ। ଏହି ପରିପ୍ରେକ୍ଷୀରେ ଜନଗଣନା କରାଇବାକୁ ବିଳମ୍ବରେ ହେଉ ପଛେ ସରକାର ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ । କିନ୍ତୁ ସରକାର ଯେଉଁ ସବୁ ତଥ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି ତାହାର ସ୍ୱଚ୍ଛତା ଗୁରୁତ୍ୱପୂର୍ଣ୍ଣ। ଏହା ସତ୍ୟ ଯେ, ପରିବାରଗୁଡ଼ିକରୁ ଠିକ୍ ତଥ୍ୟ ମିଳିପାରିଲେ ତାହା ଦେଶର ଆର୍ଥିକ ଓ ସାମାଜିକ ପରିସଂଖ୍ୟାନ ପାଇଁ ଉପଯୋଗୀ ହୋଇପାରନ୍ତା। ତାହାକୁ ଆଧାର କରି ନୀତି ନିର୍ଦ୍ଧାରଣ ସହଜ, ସମୟୋପଯୋଗୀ ତଥା ଲକ୍ଷ୍ୟ ହାସଲରେ ସାହାଯ୍ୟ କରନ୍ତା। କିନ୍ତୁ ଦେଖାଯାଉଛି ସାଧାରଣ ଲୋକ ତଥ୍ୟ ଦେବା ବେଳେ ଅନେକ ସମୟରେ ଭୁଲ ସୂଚନା ଦେଉଛନ୍ତି। ନିଜର ଆୟ ସ୍ତରକୁ କମାଇ ଦେଲେ ଗରିବ ଭାବେ ନିଜକୁ ଦର୍ଶାଇ ଅଧିକ ସୁବିଧା ଓ ସୁଯୋଗ ପାଇପାରିବେ ବୋଲି ଅନେକେ ଧରି ନେଇଛନ୍ତି। ସେହିପରି ସଂରକ୍ଷଣ ଓ ଅଧିକ ପ୍ରତିଶତ ଦିବ୍ୟାଙ୍ଗ ବର୍ଗରେ ସାମିଲ ହେବା ପାଇଁ ମଧ୍ୟ କେତେ କୌଶଳ ଆପଣାଯାଉଥିବା ଶୁଣିବାକୁ ମିଳେ। ଫଳରେ ସାମାଜିକ ଓ ଆର୍ଥିକ ସ୍ଥିତି ଠିକ୍ ଭାବେ ଜଣାପଡ଼େ ନାହିଁ। ବାସ୍ତବ ତଥ୍ୟ ଉପଲବ୍ଧ ହେଉ ନ ଥିବାରୁ ଯୋଜନା ପ୍ରଣୟନ ଓ ତାହାର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠୁଛି।

ଏହି ପରିପ୍ରେକ୍ଷୀରେ ଜନଗଣନାକୁ ଦେଖିଲେ ସାମାଜିକ ନ୍ୟାୟ ପାଇଁ ଲଢ଼େଇ କରୁଥିବା ଦଳଗୁଡ଼ିକ ଢେର ସମୟ ଧରି ଏଥିରେ ଜାତିଭିତ୍ତିକ ଜନଗଣନା ଦାବି କରୁ ଆସୁଥିଲେ। ପରେ କଂଗ୍ରେସ ସେହି ସ୍ରୋତରେ ଭାସିଗଲା। ଭାଜପା ଏହାଠାରୁ ଦୂରେଇ ରହିଥିଲେ ମଧ୍ୟ ଭୋଟବ୍ୟାଙ୍କକୁ ଦେଖି ଏବେ ସବୁଠାରୁ ଆଗରେ ସାମିଲ ହୋଇଯାଇଛି। ସେହିପରି ବିହାରରେ ଆଗକୁ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଭାରତର ନିର୍ବାଚନ କମିଶନ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ୍ ବା ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ ଆରମ୍ଭ କରିଛନ୍ତି। ଏହା ଗଣତନ୍ତ୍ରର ମୂଳ ତତ୍ତ୍ୱକୁ ଦୁର୍ବଳ କରିଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି। କାରଣ ବିହାରରେ ପାଖାପାଖି ୨ କୋଟି ୯୩ ଲକ୍ଷ ଲୋକଙ୍କ ଜନ୍ମ ଓ ପୈତୃକ ସ୍ଥିତିର ମୂଳ ପ୍ରମାଣ ଖୋଜାଯିବ। ଯେଉଁମାନଙ୍କ ନାମ ଭୋଟର ତାଲିକାରେ ଅଛି ସେମାନଙ୍କ ପାଇଁ କିଛି ଅସୁବିଧା ନାହିଁ। କିନ୍ତୁ ଯେଉଁମାନେ ନୂଆକରି ଭୋଟର ତାଲିକାରେ ସାମିଲ ହେବାକୁ ଚାହୁଁଛନ୍ତି, ସେମାନେ ନିଜର, ମାତାପିତା ଓ ପୂର୍ବଜଙ୍କ ଜନ୍ମଠାରୁ ଆରମ୍ଭ କରି ସବୁ ତଥ୍ୟ ସରକାରଙ୍କୁ ପ୍ରମାଣ ଭାବେ ଯୋଗାଇବାକୁ ପଡ଼ିବ। ସମସ୍ୟା ହେଲା ଏହିସବୁ ତଥ୍ୟ ସରକାରୀ ସ୍ତରରେ ମଧ୍ୟ ମିଳିବା କଷ୍ଟକର। ତେଣୁ ଅନେକ ଲୋକ ଭୋଟର ତାଲିକାରୁ ବାଦ୍ ପଡ଼ିବେ ବୋଲି ଆଶଙ୍କା କରାଗଲାଣି। ଏହା ମଧ୍ୟ କୁହାଯାଉଛି ଯେ, କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କୁ ଏଥିରେ ବାଦ୍ ପକାଇବା ଲାଗି ଚେଷ୍ଟା ଚାଲିଛି। ଏଥିରୁ ରାଜନୀତି ସ୍ପଷ୍ଟ ବାରିହୋଇ ପଡୁଛି। ଆଜିର ସ୍ଥିତିରେ ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ନିର୍ବାଚନ କମିଶନ ଭୋଟର ତାଲିକାକୁ ସ୍ୱଚ୍ଛ କରିବା ଲାଗି ପଦକ୍ଷେପ ନେବାର ଆବଶ୍ୟକତା ଥିବା ବେଳେ ଜନଗଣନା ଆୟୁକ୍ତ ମଧ୍ୟ ତ୍ରୁଟିଶୂନ୍ୟ ତଥ୍ୟ ସଂଗ୍ରହ କରାଇବାରେ ବ୍ୟବସ୍ଥା କରିବା ଉଚିତ। ଏଥିରେ ଜନସାଧାରଣଙ୍କ ସକ୍ରିୟ ସହଯୋଗ ସହ ବାସ୍ତବ ତଥ୍ୟ ରୂପାୟନ ହୋଇପାରିଲେ ଯୋଜନାଗୁଡ଼ିକ ଫଳପ୍ରଦ ହୋଇପାରନ୍ତା।

# ଶହେବର୍ଷର ଆହ୍ୱାନ



ବିଚିତ୍ର ବିଶ୍ୱାଳ

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶକୁ ଶହେ ବର୍ଷ ପୂର୍ତ୍ତି ହେବାକୁ ଆଉ ଏଗାର ବର୍ଷ ବାକି ଅଛି। ଗୋଟିଏ ପ୍ରଦେଶକୁ ଶହେ ବର୍ଷ ପୂରଣ ହେବା ନିଶ୍ଚିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ। ଏହି ଅବସରରେ ରାଜ୍ୟ ସରକାର, ରାଜନୈତିକ ଦଳ ଓ ବିଭିନ୍ନ ସଙ୍ଗଠନମାନଙ୍କ ତରଫରୁ ଓଡ଼ିଶା ଶହେବର୍ଷକୁ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। କିନ୍ତୁ ପ୍ରଶ୍ନ ଉଠୁଛି, ଓଡ଼ିଶା ଶହେବର୍ଷକୁ କେବଳ କ'ଣ ଗୋଟେ ଉତ୍ସବ ଭାବେ ପାଳନ କରାଯିବ ନା ବାସ୍ତବ ଅର୍ଥରେ ଏକ ସଂପନ୍ନ ତଥା ବିକଶିତ ଓ ଅସଲ ଉପଲବ୍ଧିକୁ ପାଳନ କରାଯିବ! ୧୯୩୬ ମସିହା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନଠାରୁ ହିସାବ କଲେ ଆଜି ଅଣାନବେ ବର୍ଷରେ ପହଞ୍ଚିଥିବା ଓ ପ୍ରତିଦିନର ଖବରକାଗଜ ଖୋଲିଲେ ଆମ ଓଡ଼ିଶା ଅବସ୍ଥା ଯାହା ଦିଶୁଛି, ଖବରକୁ ଆସିପାରୁ ନ ଥିବା ଆହୁରି ଅନେକ ଘଟଣାକୁ ମିଶାଇଲେ ତା'ର ଦୁଃଖଦ ପରିସ୍ଥିତି ସ୍ପଷ୍ଟ ବିଦ୍ୟମାନ। ଦେଶ ଓ ରାଜ୍ୟ ଅର୍ଥନୈତିକ ପ୍ରଗତିର ଡେଙ୍ଗୁରା ପିଟୁଥିବା ବେଳେ ଓ ଗାଁ ଲୋକମାନେ ଚୁଆପାଣି ପିଇବା, ବିନା ବିଜୁଳିରେ କାଳ କାଟିବା, ଗର୍ଭବତୀ ମହିଳା ଭାରରେ ବୁହା ହୋଇ ଡାକ୍ତରଖାନା ଯିବା, ଚିକିତ୍ସା ଅଭାବରୁ ରୋଗୀ ମୃତ୍ୟୁବରଣ କରିବା, ରୋଜଗାର ପାଇଁ ଲକ୍ଷ ଲକ୍ଷ ଯୁବକ ଦାଦନ ଯିବା, ଋଣ ଭାରରେ ଚାଷୀ ଆତ୍ମହତ୍ୟା କରିବା, ସରକାରୀ ବିଦ୍ୟାଳୟରେ ଛାତ୍ରଙ୍କ ସଂଖ୍ୟା କମିବା, ପ୍ରାକୃତିକ ସମ୍ପଦର ଆଖିବୁଜା ଶୋଷଣ ହେବା ଓ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ଏବେ ବି ଏକ ବଡ଼ ଆହ୍ୱାନ ହୋଇ ଠିଆ ହୋଇଛି। ଏଇ ସବୁ ଘା'କୁ ଦେହରେ ବୁହାଇ ଓଡ଼ିଶା କ'ଣ ନିଜର ଶହେତମ ଜନ୍ମଦିବସ ପାଳନ କରିପାରିବ? ଶହେତମ ସ୍ୱନକ୍ଷତ୍ର ପାଳନ କରିବା ବେଳକୁ ଆମେ କ'ଣ ଓଡ଼ିଶାର ଏ ରୂପକୁ ବଦଳେଇପାରିବା ନାହିଁ? ଆସନ୍ତା ଏଗାର ବର୍ଷରେ ଏହା ହିଁ ଆମ ସମସ୍ତଙ୍କ ପାଇଁ ଆହ୍ୱାନ ହୋଇପାରିବ କି?

ସଂପ୍ରତି ରାଜ୍ୟ ସରକାର ଶହେ ବର୍ଷର ଓଡ଼ିଶା ୨୦୩୬ ପାଇଁ ଏକ ଭିଜନ ଦସ୍ତାବିଜ ପ୍ରସ୍ତୁତ କରି ପ୍ରକାଶିତ କରିଛନ୍ତି। ଏହି ଭିଜନ ଦସ୍ତାବିଜ ସେତେବେଳେ ପ୍ରକାଶ ହୋଇଛି, ଯେତେବେଳେ ସାରା ଓଡ଼ିଶା ଯାଜପୁରଠୁ ସୁନ୍ଦରଗଡ଼ଯାଏ ହଇଜା ଆତଙ୍କରେ ଆତଙ୍କିତ। ଗୋପାଳପୁରରେ ଜଣେ କଲେଜ ଛାତ୍ରୀ ତାଙ୍କ ପୁରୁଷବନ୍ଧୁଙ୍କ ସାମ୍ନାରେ ଗଣବଳାତ୍କାରର ଶିକାର ହୋଇଛନ୍ତି। ଗଞ୍ଜାମ ଜିଲାରେ ଦୁଇଜଣ ଦଳିତଙ୍କୁ ସ୍ୱଘୋଷିତ ଗୋରକ୍ଷକଙ୍କ ଦ୍ୱାରା ଲଣ୍ଡା କରି, ମାଡ଼ ମାରି, ବେକରେ ଚପଲମାଳ ପକେଇ ଅମାନବୀୟ ନିର୍ଯାତନା ଦିଆଯାଇଛି। କଳାହାଣ୍ଡି ଜିଲାର ଜଣେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଲାଞ୍ଚ ନେବାବେଳେ ଧରା ପଡ଼ିବା। ଯଦି କେବଳ ଏହି ତିନୋଟି ଘଟଣାକୁ ବିଚାରକୁ ନିଆଯାଏ, ତେବେ ୧୯୩୬ ମସିହାର



ଓଡ଼ିଶା ଅପେକ୍ଷା ଆଜିର ଓଡ଼ିଶା ଆହୁରି ଖରାପ ପରିସ୍ଥିତିରେ ଅଛି ବୋଲି ମାନିବାକୁ ପଡ଼ିବ। ୨୦୨୫ ମସିହାରେ ଯେତେବେଳେ ଜ୍ଞାନକୌଶଳ ଓ ସଞ୍ଚାରକ୍ରାନ୍ତିର ବିକାଶ ଚରମ ସୀମାରେ ପହଞ୍ଚିଛି, ସେତେବେଳେ ଓଡ଼ିଶା ଦୂଷିତ ପାନୀୟ ଜଳଜନିତ ରୋଗରେ ପଡ଼ି କେବଳ ଦୁର୍ଭାଗ୍ୟଜନକ ନୁହେଁ, ଆମ ବିକାଶର ବାହୁସ୍ଫୋଟ ଗାଲରେ ଏକ ଶକ୍ତ ଚାପୁଡ଼ା। ଗୋପାଳପୁର ପରି ପର୍ଯ୍ୟଟନସ୍ଥଳୀରେ ବି ମହିଳା ବଳାତ୍କାରର ଶିକାର ହେବା, ଦଳିତଙ୍କ ଉପରେ ଅମାନବୀୟ ଅତ୍ୟାଚାର ହେବା, ଉଚ୍ଚ ବେତନଭୋଗୀ ସରକାରୀ ଅଧିକାରୀ ଦୁର୍ନୀତିଗ୍ରସ୍ତ ହେବା, ଅବକ୍ଷୟମୁଖୀ ସାମ୍ପ୍ରତିକ ଓଡ଼ିଶାର ପରିଚୟ। ଏସବୁ ସମସ୍ୟାର ଉପଯୁକ୍ତ ସମାଧାନ କରିବା ହେଉଛି ଶହେବର୍ଷର ଓଡ଼ିଶା ସବୁଠାରୁ ବଡ଼ ଆହ୍ୱାନ।

ଆଜିକାଲି ସରକାରଙ୍କ ସବୁଠାରୁ ବଡ଼ କୌଶଳ ହେଉଛି ବର୍ତ୍ତମାନର ସଙ୍କଟଜନକ ପରିସ୍ଥିତିକୁ ଅସ୍ୱୀକାର କରିବା, ଗଣମାଧ୍ୟମକୁ ହାତ କରି ନିଜର ମହିମା ଗାନ କରିବା ଓ ଉତ୍ତରଦାୟିତ୍ୱକୁ ଏଡ଼ିଯାଇ ବିରୋଧୀ ଦଳକୁ କଟାକ୍ଷ କରିବା। ବର୍ତ୍ତମାନର ବାସ୍ତବିକ ପରିସ୍ଥିତିକୁ ଅସ୍ୱୀକାର କରି ଭବିଷ୍ୟତର ସ୍ୱପ୍ନ ଦେଖାଇବା କେବଳ ସ୍ୱପ୍ନର ମହଲ ଗଢ଼ିବା ସହିତ ସମାନ। କାରଣ ବର୍ତ୍ତମାନକୁ ସ୍ୱୀକାର କଲେ ହିଁ ସମସ୍ୟାର ସମାଧାନ କରି ଏକ ସୁନ୍ଦର ଭବିଷ୍ୟତ ଗଢ଼ିହେବ। ସଂପ୍ରତି ସରକାର ୨୦୩୬ ପାଇଁ ପ୍ରକାଶ କରିଥିବା ଦସ୍ତାବିଜ୍ ବର୍ତ୍ତମାନ ଓଡ଼ିଶାର ଦୁଃସ୍ଥ ପରିସ୍ଥିତିକୁ ସ୍ୱୀକାର କରୁଛି ବୋଲି ଜଣାପଡ଼ିବ। 'ବର୍ଷ ଏକ ଉପଲବ୍ଧି ଅନେକ' ସ୍ଲୋଗାନ୍ ଏହାର ଏକ ଜ୍ୱଳନ୍ତ ଉଦାହରଣ।

ସ୍ୱତନ୍ତ୍ର ଓଡ଼ିଶା ଶହେବର୍ଷ ପୂର୍ତ୍ତି ପାଳନ କରିବାକୁ ଯିବା ବେଳେ, ଓଡ଼ିଶାକୁ ବେଆଇନ ବାଂଲାଦେଶୀଙ୍କ କବଳରୁ ମୁକ୍ତ କରିବା ସହିତ ଦାଦନମୁକ୍ତ କରିପାରିବା କି? ଦଳିତ, ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବନ୍ଦ କରିପାରିବା କି? ପ୍ରାକୃତିକ ସମ୍ପଦର ଅସଲ ଜଗୁଆଳି ଓ ଆଦିବାସୀଙ୍କ ଜଙ୍ଗଲ, ପାହାଡ଼, ଝରଣା ଉପରେ କମ୍ପାନୀ ଶୋଷଣକୁ ବନ୍ଦ କରି ସେମାନଙ୍କୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଯାପନ କରିବା ପାଇଁ ଉପଯୁକ୍ତ ସୁଯୋଗ ଦେବା ନିମନ୍ତେ ସରକାର ପଦକ୍ଷେପ ନିଅନ୍ତୁ। ତଥାକଥିତ ଅର୍ଥନୈତିକ ବିକାଶ ଓ ହାତଗଣତି ପୁଞ୍ଜିପତିଙ୍କ ବିକାଶ ପାଇଁ ଆଖିବୁଜା ପ୍ରାକୃତିକ ସମ୍ପଦର ଲୁଣ୍ଠନ ବନ୍ଦ କରି ଏକ ଚିରନ୍ତନ ବିକାଶଖସଡ଼ା, ଯେଉଁଥିରେ ବ୍ୟକ୍ତି, ସମାଜ ଓ ପ୍ରକୃତି ସହିତ ସନ୍ତୁଳନ ବଜାୟ ରହୁଥିବ, ତାହା ଉତ୍କଳ ଜନନୀ ତା'ର ସନ୍ତାନମାନଙ୍କ ପାଖରୁ ଆଶା କରେ। ଏହିପରି ବିକଳ୍ପ ବିକାଶର ନକ୍ସା ଓଡ଼ିଶା ମାଟିରୁ ଆରମ୍ଭ ହୋଇ ସାରା ଦେଶକୁ ଆଲୋକ ଦେଖାଉ। ସ୍ଥାନୀୟ ଅଞ୍ଚଳର ସମ୍ବଳ ଓ ଉତ୍ପାଦନ ପ୍ରଥମେ ସ୍ଥାନୀୟ ଲୋକଙ୍କ ଉନ୍ନତି ପାଇଁ ବ୍ୟବହାର ହେଉ। ତା'ହେଲେ ଯାଇ ବେକାରି ସମସ୍ୟାକୁ ସମାଧାନ କରାଯାଇପାରିବ। ଗୋରକ୍ଷା ସହିତ ନାରୀ ସୁରକ୍ଷା ମଧ୍ୟ ଆମର ବ୍ରତ ହେଉ। ମହିଳାଙ୍କ ସାମାଜିକ ସୁରକ୍ଷା ବିନା ଅର୍ଥନୈତିକ ବିକାଶ ପଙ୍ଗୁ ଓ ଅଥର୍ବ। ସାଧାରଣ ଲୋକଟିଏକୁ କୌଣସି ବି ସରକାରୀ କାର୍ଯ୍ୟରେ ଲାଞ୍ଚ ଦେବାକୁ ପଡ଼ିବ ନାହିଁ କି ସରକାରୀ ବିକାଶମୂଳକ ପ୍ରକଳ୍ପରେ ପି.ସି. ପ୍ରଚଳନ ହେବ ନାହିଁ। ସରକାର ଏହାକୁ ନିଶ୍ଚିତ କରିପାରିବେ କି? ଶାସନରେ ସାଧାରଣ ଲୋକଙ୍କ ବାସ୍ତବିକ୍ ଭାଗୀଦାରି ହେଲେ ହିଁ ପ୍ରତ୍ୟେକ ବିକାଶ କାର୍ଯ୍ୟ ଲୋକାଭିମୁଖୀ ହୋଇପାରିବ। ଗ୍ରାମସଭା ଓ ପଲ୍ଲିସଭାକୁ ରାଜନୈତିକ ଦଳଙ୍କ ପ୍ରଭାବରୁ ମୁକ୍ତ କରିବା ପାଇଁ ପଦକ୍ଷେପ ନିଆଗଲେ ଗ୍ରାମସ୍ୱରାଜର ଅସଲ ଅବଧାରଣା ପ୍ରତିଷ୍ଠା ହୋଇପାରିବ। ଭୁବନେଶ୍ୱରରେ ବଡ଼ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ହେବା ସହିତ ଗ୍ରାମାଞ୍ଚଳରେ ଯେଉଁଠି ଜନସଂଖ୍ୟାର ବୃହତ୍ ଭାଗ ସ୍ୱାସ୍ଥ୍ୟ ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି, ତାଙ୍କ ପାଖରେ ତଥା ବ୍ଲକସ୍ତରରେ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଉପଲବ୍ଧି କରାନଗଲେ ଓଡ଼ିଶା ସ୍ୱାସ୍ଥ୍ୟ ସୁରକ୍ଷା ହେବ କିପରି? ଭାଷାଭିତ୍ତିରେ ଗଠନ ହୋଇଥିବା ଓଡ଼ିଶା ଶାସନ, ନିଯୁକ୍ତି, ଶିକ୍ଷା, ପରୀକ୍ଷା ଆଦି ଓଡ଼ିଆ ଭାଷାରେ ହେବା ଉଚିତ ନୁହେଁ କି! ଓଡ଼ିଶା ଅସ୍ମିତାର ଏହାଠାରୁ ବଡ଼ ପ୍ରତୀକ ଆଉ କ'ଣ ଅଛି?

ସ୍ୱତନ୍ତ୍ର ଓଡ଼ିଶା ଶହେବର୍ଷ ହେବା ବେଳକୁ ଯଦି ଏସବୁ ହୋଇନଥିବ, ତେବେ ସେ ଉତ୍ସବ କେବଳ ଉତ୍ସବରେ ହିଁ ସୀମିତ ରହିବ। ଉପରୋକ୍ତ ଲକ୍ଷ୍ୟ ସରକାରଙ୍କ ଦ୍ୱାରା ହାସଲ ହେବାର ସମ୍ଭାବନା କମ୍ ଦେଖାଯାଏ। କାରଣ ସରକାରଙ୍କ ବିକାଶ ଦର୍ଶନ, ଠିକ୍ ଏହାର ବିପରୀତ, ପୁଞ୍ଜିପତି ଓ ଧନିକ ବର୍ଗଙ୍କ ତୋଷଣ ନିମନ୍ତେ ଉଦ୍ଦିଷ୍ଟ। ସରକାରଙ୍କ ପ୍ରାଥମିକତାରେ ସାଧାରଣ ଓ ସ୍ୱାର୍ଥ ଏକ ବଡ଼ ବୃତ୍ତରେ ଛୋଟ ବିନ୍ଦୁ ସଦୃଶ। ତେଣୁ ଶହେବର୍ଷର ଓଡ଼ିଶାକୁ ବାସ୍ତବିକ ରୂପ ଦେବାର ପ୍ରକୃତ ସୈନିକ ଓ ହିତାଧିକାରୀ ହେଉଛନ୍ତି ସାଧାରଣ ଓଡ଼ିଶାବାସୀ। ସେମାନଙ୍କ ବିନା ଏହା ସମ୍ଭବ ନୁହେଁ। ତେଣୁ ସାଢ଼େ ଚାରିକୋଟି ଓଡ଼ିଶାବାସୀ ଏଥିପାଇଁ ଜାଗ୍ରତ ହେବାକୁ ହେବ। ଓଡ଼ିଆ ଉଠିଲେ ଓଡ଼ିଶା ଉଠିବ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

# ଆମ ସମବେଦନା କେତେ ନିରପେକ୍ଷ



ଡ. ଚିନ୍ତାମଣି ପଣ୍ଡା

ପର ଦୁଃଖରେ ଦୁଃଖୀ ହେବା ତଥା ସମବେଦନା ପରିପ୍ରକାଶ କରିବା ଏକ ସ୍ୱୟଂକ୍ରୀୟ ପ୍ରବୃତ୍ତି। ସେଥିପାଇଁ ଗୁଜରାଟୀ କବି ନରସିଂହ ମେହଟ୍ଟାଙ୍କ ଭାଷାରେ ''ବୈଷ୍ଣବ ଜନତୋ ତେନେ କହିଏ ଯୋପୀଡ଼ ପରାଇ ଜାନେରେ।'' କିନ୍ତୁ ଏହି ସହାନୁଭୂତିକୁ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଦଳୀୟ ଭିତ୍ତିରେ ଜ୍ଞାପନ କରିବା ମାନସିକ ବିକୃତି। ଅଧୁନା ପୀଡ଼ିତ ମଣିଷଟିକୁ ଦରଦ ଦେଖେଇବାରେ ଆମେ ଯେଉଁ ବାଛ ବିଚାରଭାବକୁ ଆପଣାଉଛେ ତଦ୍ୱାରା ସାମାଜିକ ଅଧୋଗତି ଯେ ନ ଘଟୁଛି କହିବା ବାହୁଲ୍ୟ ହେବ। ଦାଣ୍ଡରେ ଚାଲିଯିବାବେଳେ ଯଦି କେହି ଝୁଣ୍ଟିପଡ଼ି ଖଣ୍ଡିଆଖାବରା ହେଲା, ସେତେବେଳେ ସାହାଯ୍ୟ କରିବା ଆଗରୁ ଆମେ ଦେଖୁ ସେ ଆମ ନିଜ ଲୋକ କିମ୍ବା ଚିହ୍ନା ପରିଚିତ କି? ଅନ୍ୟଥା ଦେଖି ନ ଦେଖିଲା ପରି ବାଟକାଟି ଚାଲିଯାଉ। ଏହି ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ପହଲଗାମ୍ ନିକଟରେ ଘଟିଥିବା ପର୍ଯ୍ୟଟକଙ୍କ ଘୃଣିତ ହତ୍ୟାକାଣ୍ଡକୁ ବୁଝି ଯଦି ପଡ଼ୋଶୀ ଦେଶ ଆତଙ୍କବାଦୀଙ୍କ ବର୍ବରତାକୁ ନିନ୍ଦା କରିବା ସହ ସମୁଚିତ ସମବେଦନା ପ୍ରକାଶ କରିଥା'ନ୍ତା, ତେବେ ଆପାତତଃ ଯୁଦ୍ଧ ଭଳି ପରିସ୍ଥିତିକୁ ଏଡ଼େଇ ଦିଆଯାଇ ପାରିଥା'ନ୍ତା, କିନ୍ତୁ ହେଲାନାହିଁ। ଆମ ଦେଶରେ ମଧ୍ୟ ଏ ପ୍ରକାରର ମାନସିକତା କ୍ୱଚିତ୍ ଦେଖିବାକୁ ମିଳେ। ମେଘାଳୟରେ ମଧୁଯାତ୍ରା ବେଳେ ରାଜ ରଘୁବଂଶୀଙ୍କୁ ହତ୍ୟା କରି ଫିଙ୍ଗିଦେବା କଥା ଜଣାପଡ଼ିବା ପରେ ତାଙ୍କ ଶାଳକ ଓ ଶାଶୁଙ୍କର ନିଜ ଝିଅର ଦୋଷ ସ୍ୱୀକାର କରିବା ସହିତ ଅକୁଣ୍ଠ ସମର୍ଥନ, ଦୁଃସମୟରେ ସହାନୁଭୂତି ତଥା ତଦନ୍ତରେ ସହଯୋଗ ନିଶ୍ଚିତ ଭାବରେ ଉଚ୍ଚକୋଟୀର ସଂସ୍କାରକୁ ସୂଚାଏ। ଅପରପକ୍ଷରେ ସାରା ଦେଶରେ ଚହଳ ସୃଷ୍ଟି କରିଥିବା ଗୋପାଳପୁର ଗଣବଳାତ୍କାର ପୀଡ଼ିତା କିମ୍ବ ପୀଡ଼ିତାଙ୍କ ପରିବାରକୁ ଅଭିଯୁକ୍ତମାନଙ୍କ ପରିବାର ପକ୍ଷରୁ ଲେଶମାତ୍ର ସାନ୍ତ୍ୱନାର ସ୍ୱର ମିଳେ ନାହିଁ। ବରଂ ସେମାନେ ନିଜ ନିଜର ଅଭିଯୁକ୍ତ ପିଲାଙ୍କ ଦୋଷ ଲୁଚାଇବା ପାଇଁ ଅଯଥାରେ ପୀଡ଼ିତାଙ୍କ ପରିବାରର ଚରିତ୍ର ସଂହାର କରନ୍ତି। ଏପରି ଦୁର୍ଘଟଣା ଯଦି ତାଙ୍କ ନିଜ ଝିଅ ପ୍ରତି ଘଟିଥାନ୍ତା? ଜଘନ୍ୟ ଅପରାଧ ଘଟାଇ ଜେଲ୍‌ଦଣ୍ଡ ଭୋଗୁଥିବା ଅପରାଧୀର ପରିବାର ନିଜ ସଂସାର କେମିତି ଚଳିବ ସେନେଇ ସରକାରଙ୍କ ପାଖରେ ଦାବି ରଖୁଥିବା ବେଳେ ହତ୍ୟା ପୀଡ଼ିତର ପରିବାର ପ୍ରତି ଆଖି ବୁଜି ଦେଇଥା'ନ୍ତି। ନରହତ୍ୟାକାରୀକୁ ପୋଲିସ ଗୋଡ଼େଇବା ବେଳେ ସେ ଧରାପଡ଼ିବା ଆଗରୁ ଯଦି ପାଣିକୁ ଡେଇଁ ପଡିଲା କି ବିଷପାନ କରିଦେଲା, ତେବେ ସମସ୍ତ ସହାନୁଭୂତି ତା' ନିକଟକୁ ଚାଲିଯାଏ। ହତ୍ୟା ପୀଡ଼ିତଙ୍କୁ ପଚାରେ କିଏ? ଅପରାଧୀ ଯଦି ଜେଲ୍‌ରୁ ଖସିଯିବାକୁ ଚେଷ୍ଟା କରି ଜଖମ ହୁଏ, ଆମେ ଜେଲରଙ୍କୁ ସଙ୍ଗେ ସଙ୍ଗେ ଦୋଷୀ ସାବ୍ୟସ୍ତ କରିପକାଉ, ସତେଅବା ଅପରାଧୀଟି ଦେଶପ୍ରେମୀ ଥିଲା!



ମାଓବାଦୀମାନେ ଅନେକ ନିରୀହ ଜନତା ତଥା ପୋଲିସ କର୍ମୀ ତଥା ଯବାନଙ୍କୁ ହତ୍ୟା କରୁଥିବା ବେଳେ ମାନବାଧିକାର କର୍ମୀ ବୋଲାଉଥିବା ପଞ୍ଚାଏ ବ୍ୟକ୍ତି ଅସମ୍ଭବ ନୀରବତା ଅବଲମ୍ବନ କରୁଥା'ନ୍ତି, କିନ୍ତୁ ମୁହାଁମୁହିଁ ବେଳେ ଜଘନ୍ୟ ହତ୍ୟାକାରୀ ମାଓବାଦୀଟି ଟଳିପଡ଼ିଲେ ଉଇ ପିମ୍ପୁଡ଼ି ପରି ବହୁ ସଂଖ୍ୟାରେ ଗାତରୁ ବାହାରି ଏମାନେ ଆନ୍ଦୋଳନ, ଗଣଧାରଣାମାନ ସଂଘଟିତ କରାଇ ପ୍ରତିବାଦର ସ୍ୱରକୁ ଶାଣିତ କରନ୍ତି ଏବଂ ତଦନ୍ତ କମିଶନର ଦାବି ରଖନ୍ତି । ସେଥିପାଇଁ ଯଥାର୍ଥରେ ଉଚ୍ଚତମ ନ୍ୟାୟାଳୟ ଏ ପ୍ରକାର ମାନସିକତା ରଖୁଥିବା ବ୍ୟକ୍ତିଙ୍କୁ ମାନବାଧିକାର ଆତଙ୍କବାଦୀର ଆଖ୍ୟା ଦେଇଛନ୍ତି। ଖାଲି ସେତିକି ନୁହେଁ, ଯେଉଁ ରାଜନେତାମାନେ ଶାସକ ଦଳରେ ଥିବାବେଳେ ଅପରାଧ ପୃଷ୍ଠଭୂମିର ବ୍ୟକ୍ତିଙ୍କୁ ଖୋଲାଖୋଲି ପୃଷ୍ଠପୋଷକତା ଯୋଗାଇ ଆସୁଥିଲେ, ଆଉ ପୀଡ଼ିତଙ୍କର ଗୁହାରିକୁ ଅଣଦେଖା କରୁଥିଲେ, ବିରୋଧୀ ଦଳକୁ ଗଲା ପରେ ସେମାନେ ନିଜର ଭାବମୂର୍ତ୍ତିକୁ ମାଜିମୁଜି ଚିକ୍କଣ କରି ଅପରାଧ ଉପରେ ପ୍ରବଚନ ଦେବାର ଦୃଷ୍ଟାନ୍ତ ବିରଳ ନୁହେଁ । ସେଇ ସମାନ ଘଟଣା ପାଇଁ ସଦନରେ ତୁମ୍ବୀତୋଫାନ କରି ନିରପେକ୍ଷ ତଦନ୍ତ ଦାବି କରିବା ଦ୍ୱନ୍ଦ୍ୱାତ୍ମକ ସହାନୁଭୂତି ନୁହେଁ କି? ଲୋକ ଚରିତ୍ରରେ ଏ ପ୍ରକାର ବୈଚିତ୍ର୍ୟ ଅଧିକ ପ୍ରତିଫଳିତ ହୁଏ ଯେତେବେଳେ ଘଟଣାଟିରେ ନିଜର ଦୋଷ ଦୁର୍ବଳତା ପଦାରେ ପଡ଼ିବାର ଭୟଥାଏ। ନିକଟରେ ନୟାଗଡ଼ ଜିଲାରେ ଘଟିଥିବା ଏକ ସଂଘଟିତ ନରହତ୍ୟା ଏହାର ନିଚ୍ଛକ ଉଦାହରଣ। ପରକୀୟା ପ୍ରୀତି ସନ୍ଦେହରେ ମା' ଓ ପୁଅ ମିଶି ବାପାକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ସହ ତତ୍କାଳ ଶବଦାହ କରି ଚିହ୍ନ ବର୍ଣ୍ଣ ଲିଭେଇ ଦେବାର ବ୍ୟବସ୍ଥା କରିଦେଲେ। କିନ୍ତୁ ଯଦି ଡାକ୍ତରଖାନାରେ ଉକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥାନ୍ତା, ତେବେ ସବୁ ଦୋଷ ଆମ୍ବୁଲାନ୍ସ କିମ୍ବା ଡାକ୍ତରଙ୍କ ଉପରେ ଲଦିଦେଇ ଖସିଯିବାକୁ ଚେଷ୍ଟା କରିଥାନ୍ତେ। ଓଲଟା ରାଜପଥରେ ଶବ ରଖି ଚାକିରି ଦାବି କରିଥାନ୍ତେ। ସେହିପରି ବାର୍‌ହା ଫାଶରେ ଯଦି ଭୁଲ୍‌ବଶତଃ ଛନ୍ଦି ହୋଇ ମଣିଷଟିଏ ମରିଯାଏ, ତେବେ ଧରାପଡ଼ିବା ଭୟରେ ଆମେ ନିଜ ନିଜ ଭିତରେ ଚାନ୍ଦା ଆଦାୟ କରି ତାକୁ ଫଳେ ପୁଷ୍ପେ କ୍ଷତିପୂରଣ ଦେଇ ମୁହଁ ବନ୍ଦ କରି ଘଟଣାକୁ ଚପାଇ ଦେଇଥାଉ। କିନ୍ତୁ ସେଇ ବାର୍‌ହା ଆକ୍ରମଣରେ ଜୀବନ ଗଲେ ଶବ ରଖି କ୍ଷତିପୂରଣ ତଥା ଚାକିରି ପାଇଁ ଅଡ଼ିବସୁ। ତେଣୁ ଉଭୟ ଘଟଣାରେ ପୀଡ଼ିତଙ୍କୁ ସହାନୁଭୂତି ଦେଖାଇବାରେ ଆମେ ବାଛ ବିଚାରପୂର୍ଣ୍ଣ ମନୋବୃତ୍ତି ଆପଣାଇଥାଉ। ଅତଏବ ନିଜ-ପର ନିର୍ବିଶେଷରେ ଯଦି ସମସ୍ତଙ୍କୁ ସମଦୃଷ୍ଟିରେ ଦେଖାଯାନ୍ତା, ତେବେ ସେହି ହିସାବରେ ସହାନୁଭୂତି ବି ନିରପେକ୍ଷ ରହନ୍ତା। ଅନ୍ୟଥା ଏହା ପକ୍ଷପାତିତାପୂର୍ଣ୍ଣ ତଥା ନିଜକୁ ସୁହାଇଲା ଭଳି ହେବ ଏଥିରେ ଦ୍ୱିରୁକ୍ତି ନାହିଁ।

**ପ୍ରାକ୍ତନ ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ, ଭବାନୀପାଟଣା**
**ମୋ: ୮୧୪୪୦୬୬୦୧୬**

## ଏଇ ଭାରତରେ

ଚେନ୍ନାଇର ୩୬ ବର୍ଷୀୟା ଡି. ଉମାରାନୀ ଅସହାୟ ଲୋକଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ବିଶେଷକରି ଅନ୍ୟମାନଙ୍କ ଘରେ କାମ କରୁଥିବା ଗରିବ ମହିଳା, ଶ୍ରମିକ ଶ୍ରେଣୀର ଲୋକ କିମ୍ବା ପରିବାର ଛାଡ଼ି ଅସହାୟ ଅବସ୍ଥାରେ ରହୁଥିବା ୮୦୦ ଲୋକଙ୍କୁ ପ୍ରତିଦିନ ଦୁଇବେଳା ମାଗଣାରେ ଖାଇବାକୁ ଦେଉଛନ୍ତି। ଏଭଳି କାର୍ଯ୍ୟ ପାଇଁ ଲୋକେ ଉମାଙ୍କୁ 'ଅନ୍ନପୂରାଣୀ' ଅର୍ଥାତ୍ ଖାଦ୍ୟଦେବୀ ବୋଲି ସମ୍ବୋଧନ କରୁଛନ୍ତି। ଉମା ଚେନ୍ନାଇ କିଲକାଟାଲ୍ଲାଇର ଉଜଭାର ସନ୍ଧାଇ ନିକଟରେ ରହୁଛନ୍ତି। ସେ କୋଭିଡ୍ ମହାମାରୀ ପରେ ଏହି ସେବା ଆରମ୍ଭ କରିଥିଲେ। ସେତେବେଳେ ତିରୁଭାନ୍ମା ମଲାଇରେ ଜଣେ ନର୍ସିଂ ଟ୍ୟୁଟର ଭାବେ କାମ କରୁଥିବା ଉମା ତାଙ୍କ ସଞ୍ଚିତ ଅର୍ଥରେ ମାଗଣା ଖାଦ୍ୟ ଯୋଗାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ଏବେ ମଧ୍ୟ ତାହା ଜାରି ରଖିଛନ୍ତି। ଏଠାରେ ସେ ଅନ୍ନ, ସମ୍ବର, ପରିବା ତରକାରି, ମାଣ୍ଡିଆ ଯାଉ ଆଦି ଦେଉଛନ୍ତି। ଖାଇବାକୁ ଦେଉଥିବା ଜାଗାର ନାମ ରଖିଛନ୍ତି ଥାଭାମୋଝି ଅନ୍ନଧନ କୋଡାମ(ଥାଭାମୋଝି ମାଗଣା ଖାଦ୍ୟ କେନ୍ଦ୍ର)। ଖାଦ୍ୟ ପ୍ରସ୍ତୁତ କରିବାରେ କେତେଜଣ ସ୍ୱେଚ୍ଛାସେବୀ ସହଯୋଗ କରୁଛନ୍ତି। ଉମାଙ୍କ ଏପରି କାର୍ଯ୍ୟ ପାଇଁ କେତେଜଣ ବ୍ୟକ୍ତି ଆର୍ଥିକ ସହାୟତା ମଧ୍ୟ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧ ଜୁଲାଇ ୧୯୭୬**

- ଓଡ଼ିଶାର ଅପରକୋଲାବ ଜଳସେଚନ ପ୍ରକଳ୍ପ ଯୋଜନା କମିଶନ୍ ଦ୍ୱାରା ଅନୁମୋଦିତ।
- ଭାରତ ମହାସାଗର ଭିତରେ ଥିବା ସିଚେଲିସ ଦ୍ୱୀପପୁଞ୍ଜ ଦୀର୍ଘ ୧୬୨ ବର୍ଷ କାଳ ଇଂଲଣ୍ଡର ଉପନିବେଶ ହୋଇ ରହିବା ପରେ ସ୍ୱାଧୀନତା ଲାଭ କରିଛି।

## ଚିରନ୍ତନୀ

ଜଳିଉଠେ ବିଶ୍ୱକ୍ରୋଡ଼େ ପୁଣି କାହିଁ ଜୀବନର
ନବ ନବ କେତେ ଦୀପାବଳି,
ରଜନୀ-ଦିବସ ସମ ଜୀବନ-ମରଣ ଖେଳ
ସହଜରେ ଯାଏ ସେ ଯେ ଚଳି।
-(ଜଡ଼-ଦର୍ଶନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 2 | |
| | | 9 | 5 | | | | | |
| | | 4 | | | | 7 | | 1 |
| | 4 | 2 | | 8 | | | 7 | 6 |
| | | | | 6 | | | | |
| | 8 | 3 | | | 9 | 1 | | |
| 9 | 5 | | | | 3 | | 8 | |
| 7 | | 1 | | | | 3 | | |
| | | | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 8 | 9 | 7 | 1 | 4 | 5 | 6 |
| 4 | 9 | 5 | 6 | 8 | 2 | 3 | 7 | 1 |
| 7 | 6 | 1 | 3 | 5 | 4 | 2 | 8 | 9 |
| 3 | 8 | 4 | 7 | 6 | 9 | 5 | 1 | 2 |
| 6 | 5 | 7 | 2 | 1 | 8 | 9 | 4 | 3 |
| 9 | 1 | 2 | 4 | 3 | 5 | 8 | 6 | 7 |
| 1 | 2 | 9 | 5 | 4 | 6 | 7 | 3 | 8 |
| 8 | 4 | 3 | 1 | 9 | 7 | 6 | 2 | 5 |
| 5 | 7 | 6 | 8 | 2 | 3 | 1 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଲାଞ୍ଚ ନେବାର ପ୍ରବୃତ୍ତି

ମହାଶୟ,

କୁକୁର ଲାଞ୍ଜକୁ ଯେତେ ସିଧା କରିବାକୁ ଚେଷ୍ଟା କଲେ ବି ସିଏ ଜମା ସିଧା ହୁଏ ନାହିଁ। ବିଭିନ୍ନ ସରକାରୀ ଅଫିସରେ ଅର୍ଥ ପୈଠ କରିବାକୁ ଗଲେ ସେମାନେ ଅନ୍‌ଲାଇନ୍‌ରେ ଡିପୋଜିଟ୍ କରିବାକୁ କହୁଛନ୍ତି। ଯଦି ଅନ୍‌ଲାଇନ୍‌ରେ ଡିପୋଜିଟ୍ ନ ହୋଇପାରୁଛି କିମ୍ବା ପୈଠକର୍ତ୍ତାଙ୍କର ଅଜ୍ଞତାବଶତଃ ସମ୍ଭବ ନ ହୋଇପାରୁଛି ତେବେ ତାହା ପୈଠ ନ ହୋଇ ପଡ଼ିରହୁଛି ଏବଂ ପୈଠକର୍ତ୍ତାଙ୍କୁ ଫାଇନ୍ ଗଣିବାକୁ ପଡୁଛି। ଆର୍‌ଆଇ ଅଫିସରେ ଯଦି ନିଆଯାଉଛି ପ୍ରାପ୍ୟଠାରୁ ଢେର ଅଧିକ ଅର୍ଥ ରଖୁଛନ୍ତି। କେତେବେଳେ କହୁଛନ୍ତି ଖୁଚୁରା ଟଙ୍କା ନାହିଁ, କେତେବେଳେ କହୁଛନ୍ତି ଅପେକ୍ଷା କର। ସିଧାସଳଖ ଲାଞ୍ଚ ନେବା କଥା କହୁନାହାନ୍ତି। ଯେଉଁ ଲୋକଙ୍କ ଘର ପାଖରୁ ଆର୍‌ଆଇ ଅଫିସ ମାଇଲ ମାଇଲ ଦୂର ସେମାନଙ୍କ ପାଇଁ ଏହି ଡିପୋଜିଟ୍ କଷ୍ଟ ଅନେକ ପରିମାଣରେ ବାଧକ ସାଜୁଛି। ତେଣୁ ସରକାରଙ୍କୁ ଅନୁରୋଧ ଲୋକେ ତାଙ୍କର ଖଜଣା ନିକଟତମ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସରେ କେମିତି ଦେଇପାରିବେ ତାହାର ବ୍ୟବସ୍ଥା କଲେ ଲୋକେ ଉପକୃତ ହୁଅନ୍ତେ। ଲାଞ୍ଚ କାରବାରରୁ ମଧ୍ୟ ମୁକ୍ତି ମିଳନ୍ତା।

**-ଅକ୍ଷୟ ମହାନ୍ତି, କଳିଙ୍ଗ ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭୂବନ୍ଦୋବସ୍ତ ସହିତ ଜମି ପଟ୍ଟା ପ୍ରଦାନ ଦାବି

ନବରଙ୍ଗପୁର,୩୦।୬(ସଦାଶିବ ପ୍ରହରାଜ)


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ନବରଙ୍ଗପୁର ପୂର୍ବତନ ଏମ୍ପି, ଲୋକପ୍ରତିନିଧି, ଝରିଗାଁ ଗ୍ରାମବାସୀ।

### ସରକାରୀ ଜମିରୁ ଉଚ୍ଛେଦ ନ କରିବାକୁ ଜିଲାପାଳଙ୍କ ସହିତ ଆଲୋଚନା

ନବରଙ୍ଗପୁର ଜିଲା ଝରିଗାଁ ଅଞ୍ଚଳର କେତେକ ଲୋକେ ଦୀର୍ଘ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ସରକାରୀ ଜମିରେ ଘର କରି ରହିଆସୁଛନ୍ତି। ଏବେ ରାଜସ୍ୱ ବିଭାଗ ପକ୍ଷରୁ ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଛି। ଏହାକୁ ସ୍ଥାନୀୟ ଲୋକେ ନାପସନ୍ଦ କରିଛନ୍ତି। ଭୁବନ୍ଦୋବସ୍ତ ମାଧ୍ୟମରେ ପଟ୍ଟା ପ୍ରଦାନ ଦାବି ନେଇ ଜିଲା ଝରିଗାଁ ଗ୍ରାମବାସୀ, ନବରଙ୍ଗପୁର ପୂର୍ବତନ ଏମ୍ପି ରମେଶ ଚନ୍ଦ୍ର ମାଝୀ, ପ୍ରଦୀପ ମାଝୀ, ଏମ୍ପିଙ୍କ ପ୍ରତିନିଧି ଚନ୍ଦ୍ର ଭାନୁ ନାୟକ, ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝୀ ପ୍ରମୁଖ ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଆଲୋଚନା କରିଛନ୍ତି।

ବର୍ତ୍ତମାନ ବର୍ଷାଦିନ ନୋଟିସ୍ ଦିଆଯାଇଥିଲେ ମଧ୍ୟ ଉଚ୍ଛେଦ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ କହିଛନ୍ତି। ତେବେ କେଉଁମାନେ କେତେ ଜମି ଦଖଲ କରି ରହିଛନ୍ତି, ମୋଟ କେତେ ଜମି ରହିଛି ତାହାର ତାଲିକା କରି ଜଣାଇବାକୁ କୁହାଯାଇଛି। ଏ ନେଇ ସରକାରଙ୍କ ସହ ଆଲୋଚନା କରିବେ ବୋଲି ଜଣାଇଛନ୍ତି। ଅନ୍ୟପକ୍ଷରେ ଜଙ୍ଗଲ ଜମି ମଧ୍ୟରେ ଘର କରି ରହିଛନ୍ତି ତେବେ ଆବେଦନ କରିପାରିବେ। ଘର ଡ଼ିହ ନ ଥିବା ଲୋକ ୪ ଡିସିମିଲ ଜମି ସରକାରଙ୍କ ପ୍ରାବଧାନ ଅନୁସାରେ ପାଇପାରିବେ। ସରକାରୀ ଜମି ଦଖଲରେ ରହିବା ପରେ ଯେଉଁ କର ବାନ୍ଧିଛନ୍ତି ସେଥିରେ ସରକାରୀ ଜମି ଉଲ୍ଲେଖ ରହିଥିବ। ଭୁବନ୍ଦୋବସ୍ତ କରାଗଲେ ଉକ୍ତ ଜମି ସରକାରଙ୍କ ଖାତାକୁ ଚାଲିଯିବ। ଉମରକୋଟ ଓ ରାଇଘର ଅଞ୍ଚଳରେ ଭୁବନ୍ଦୋବସ୍ତ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିବା କହିଥିଲେ। ଝରିଗାଁରେ ମଧ୍ୟ ଭୂବନ୍ଦୋବସ୍ତ କରାଯିବ ବୋଲି ଜିଲାପାଳ କହିଥିଲେ। ପୂର୍ବତନ ଏମ୍ପି ରମେଶ ମାଝି କହିଥିଲେ ଯେ, ସରକାର ସଠିକ୍ ବ୍ୟବସ୍ଥା ଗ୍ରହଣ କରି ଲୋକେ କିଭଳି ପଟ୍ଟା ପାଇବେ ଓ ଭୁବନ୍ଦୋବାସ୍ତ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଘରଗୁଡିକ ଉଚ୍ଛେଦ କରାଗଲେ ଝରିଗାଁ ଶ୍ମଶାନ ତୁଲ୍ୟ ହୋଇଯିବ ବୋଲି କହିଥିଲେ। ପୂର୍ବତନ ଏମ୍ପି ପ୍ରଦୀପ ମାଝୀ କହିଥିଲେ ରାଇଘର, ଉମରକୋଟ ଓ ଝରିଗାଁ ବ୍ଲକରେ ଜମିଜମା ବିବାଦକୁ ନେଇ ହିଂସା ଓ ହତ୍ୟାକାଣ୍ଡ ଘଟୁଛି। ଝରିଗାଁରେ ଲୋକେ ଯେମିତି ନିଜର ହକ୍ ପାଇବେ ସେ ନେଇ ବ୍ୟବସ୍ଥା ଗ୍ରହଣ କରିବାକୁ ସେ ଜିଲାପାଳଙ୍କୁ କହିଥିଲେ। ପୂର୍ବତନ ସରପଞ୍ଚ ଚନ୍ଦ୍ରଭାନୁ ନାୟକ କହିଛନ୍ତି, ଘରବାଡ଼ି ବୋଲି ଆମର କିଛି ନାହିଁ। ୧୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପୂର୍ବ ପୁରୁଷ ଧରି ଝରିଗାଁରେ ରହି ଆସୁଛୁ। ଉଚ୍ଛେଦ କଲେ ପରିବାର ସହିତ ରାସ୍ତାରେ ଜୀବନ ଉତ୍ସର୍ଗ କରିଦେବୁ ବୋଲି କହିଛନ୍ତି। ୧୯୫୪ ପରେ ଝରିଗାଁ ଭୂ - ବନ୍ଦୋବସ୍ତ ହୋଇନାହିଁ। ୭୦ ବର୍ଷ ଧରି ଝରିଗାଁ ବ୍ଲକ ୨୩ ପଞ୍ଚାୟତରେ ୯୦ ପ୍ରତିଶତରୁ ଅଧିକ ଲୋକ ସରକାରୀ ଜାଗାରେ ବସବାସ କରୁଛନ୍ତି। ସେଗୁଡ଼ିକର ସ୍ଥାୟୀ ବନ୍ଦୋବସ୍ତ ପ୍ରଶାସନ କରିପାରିଲେ ନାହିଁ। ଉଚ୍ଛେଦ କଲେ ଝରିଗାଁ ବ୍ଲକ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯିବ। ଉଚ୍ଛେଦ କାର୍ଯ୍ୟାବଳୀକୁ ତୁରନ୍ତ ବନ୍ଦ କରିବାକୁ ଦାବି ହୋଇଛି। ଅସଲି ଅନଧିକୃତ ଦଖଲକାରୀଙ୍କୁ ଚିହ୍ନଟକରି ତଥ୍ୟ ଅନୁଯାୟୀ ସମସ୍ତବର୍ଗର ଲୋକଙ୍କୁ ପୁନଃ ଭୂବନ୍ଦୋବସ୍ତ କରି ପଟ୍ଟା ଦେବାକୁ ସେ ଦାବି କରିଛନ୍ତି। ଝରିଗାଁ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଜୀବନ ଜିବିକା ସକାଶେ ସରକାରୀ ଜାଗାରେ ଗଢ଼ି ଉଠିଥିବା ପ୍ରତିଷ୍ଠାନଗୁଡ଼ିକୁ ଜବର ଦଖଲକାରୀଙ୍କ ସହମତି ଭିତିରେ ପଞ୍ଚାୟତକୁ ହସ୍ତାନ୍ତର କରି ଭଡ଼ା ସୂତ୍ରରେ ସେହି ଦଖଲକାରୀ ଚୁକ୍ତିପତ୍ର ମାଧ୍ୟମରେ ଦିଆଯାଉ। ଯାହା ଫଳରେ ଜିବନ ଜିବୀକା ରହିବା ସହ ସରକାରଙ୍କୁ ରାଜସ୍ୱ ମଧ୍ୟ ମିଳିବ ବୋଲି ଝରିଗାଁ ଗ୍ରାମର ପ୍ରସନ୍ନ କୁମାର ମାଝୀ, ପ୍ରିୟରଞ୍ଜନ ଦାସଙ୍କ ସମେତ ଅନ୍ୟମାନେ ଜିଲାପାଳଙ୍କୁ ଜଣାଇଛନ୍ତି।


ନବରଙ୍ଗପୁର ଜିଲା ଇନ୍ଦ୍ରାବତୀସ୍ଥିତ ଗୋପାଳ ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ବରାହ ଅବତାର ବେଶ ।

# ନବରଙ୍ଗପୁର ଜିଲାରୁ ଯୋଗଦେଲେ ୬

ନବରଙ୍ଗପୁର, ୩୦।୬ (ସଦାଶିବ ପ୍ରହରାଜ)

### ସାମର୍ଥ୍ୟ ବୃଦ୍ଧି କାର୍ଯ୍ୟକ୍ରମ

୫୦୦ ଜଣ କ୍ଷେତ୍ର କର୍ମଚାରୀଙ୍କ ପାଇଁ ଭାରତ ନିର୍ବାଚନ ଆୟୋଗ ୨ ଦିନିଆ ସାମର୍ଥ୍ୟ ବୃଦ୍ଧି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜମେଣ୍ଟ (ଡିଇଏମ୍)ରେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍ଓ) ପର୍ଯ୍ୟବେକ୍ଷକଙ୍କ ପାଇଁ ତ୍ରୟୋଦଶ ବ୍ୟାଚ୍‌ର ତାଲିମ ଆରମ୍ଭ ହୋଇଛି। ଭାରତର ମୁଖ୍ୟ କମିଶନର ଜ୍ଞାନେଶ କୁମାର ୫୦୦ ଜଣ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଓଡ଼ିଶାରୁ ୫୩ ଜଣ ଏଥିରେ ଭାଗ ନେଇଛନ୍ତି। ନବରଙ୍ଗପୁର ଜିଲାରୁ ଉପଜିଲାପାଳ ପ୍ରକାଶ ମିଶ୍ର, ଝରିଗାଁ ତହସିଲଦାର ସୁମତା ପାତ୍ର, ଶିକ୍ଷକ (ବିଏଲ୍ଓ) ମୋତିଲାଲ ଗଣ୍ଡ, ସତ୍ୟବ୍ରତ କର, ସନ୍ତୋଷ ପାତ୍ର, ପ୍ରକାଶ ପଣ୍ଡା ଯୋଗ ଦେଇଥିବା ଡିଆଇପିଆର୍‌ଓ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଭାଷଣରେ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ ଭୋଟର ତାଲିକା ଓ ନିର୍ବାଚନ ପ୍ରସ୍ତୁତି କଡ଼ାକଡ଼ି, ଲୋକ ପ୍ରତିନିଧିତ୍ୱ ଆଇନ ୧୯୫୦, ୧୯୫୧, ଭୋଟର ପଞ୍ଜିକରଣ ନିୟମ ୧୯୬୦, ନିର୍ବାଚନ ଆଚରଣ ନିୟମ ୧୯୬୧ ଏବଂ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ କରିବା ପାଇଁ ଏହି ତାଲିମ କାର୍ଯ୍ୟକ୍ରମ ଜରୁରୀ ବୋଲି କହିଥିଲେ।

# ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଉମରକୋଟ, ୩୦।୬(ସନ୍ତୋଷ ଶତପଥୀ)

ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ବରିଷ୍ଠ ପ୍ରଧ୍ୟାପକ ଡକ୍ଟର.ରବୀନ୍ଦ୍ର ମିଶ୍ର ସୋମବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ କଲେଜରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ଯେଉଁଥିରେ ଅଧ୍ୟକ୍ଷ ଡକ୍ଟର ଅନୀଲ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ବିଦାୟକାଳୀନ କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗ ବରିଷ୍ଠ ପ୍ରଧ୍ୟାପକ ଦିବାକର ପଟ୍ଟନାୟକ, ରାମଶଙ୍କର ପଟ୍ଟନାୟକ, ଜି.ଧର୍ମେନ୍ଦ୍ର, ଡକ୍ଟର ପ୍ରଦୋଷ ପଟ୍ଟନାୟକ, ଡକ୍ଟର ଚିନ୍ମୟ ରାଉତ, ସମୀର ମହାନ୍ତି, ଅଶୋକ କୁଜୁର୍, ସୁରଭି ଦାସ, ରିତୁ ଦୋରା,ଡକ୍ଟର ପ୍ରିୟଙ୍କାଙ୍କ ସମେତ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ୧୯୯୦ ଅଗଷ୍ଟ ୧୪ରେ ଅଧ୍ୟାପକକଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୩୫ ବର୍ଷ ଧରି ଅଧ୍ୟାପନା କରିଥିଲେ। ସମସ୍ତ ଅଧ୍ୟାପକ ଡକ୍ଟର ରବି ମିଶ୍ରଙ୍କ ଦୃଢ ବ୍ୟକ୍ତିତ୍ୱ, ନିଷ୍ଠାପର ଶିକ୍ଷାଦାନ, କ୍ୟାମ୍ପସକୁ ସବୁଜିମା କରିବା, ଛାତ୍ରୀଛାତ୍ରଙ୍କ ପ୍ରତିଥିବା ସ୍ନେହ, କର୍ମଚାରୀଙ୍କ ପ୍ରତି ଥିବା ଉତ୍ତମ ସମ୍ପର୍କ ଓ ବ୍ୟବହାର ଉପରେ ମତବ୍ୟକ୍ତ କରିଥିଲେ। ବିଭାଗ ମୁଖ୍ୟ ଅଧ୍ୟାପକ ଅଶୋକ କୁଜୁର ଓ ଛାତ୍ରୀଛାତ୍ର ଡକ୍ଟର ମିଶ୍ରଙ୍କ ବିଭାଗର ବିକାଶ ପ୍ରତି ଥିବା ଅବଦାନ ଉପରେ ଆଲୋକପାତ କରିଥିଲେ। ସୋମବାର ଇଂରାଜୀ ବିଭାଗ ପକ୍ଷରୁ ମଧ୍ୟ ଡକ୍ଟର ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



କାର୍ଯ୍ୟକ୍ରମରେ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଅଧ୍ୟାପକ ଓ ଅନ୍ୟମାନେ।

### ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳିତ

# ୨୪ ଚାଷୀଙ୍କୁ ଋଣ

ପାପଡ଼ାହାଣ୍ଡି, ୩୦।୬ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସଦର ଲ୍ୟାମ୍ପ୍‌ସରେ ଆନ୍ତର୍ଜାତୀୟ ସମବାୟ ଦିବସ ସୋମବାର ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ତଥା ଲ୍ୟାମ୍ପ୍‌ସ ଡାଇରେକ୍ଟର ସୁଶାନ୍ତ କୁମାର ବେହେରା, ଲ୍ୟାମ୍ପ୍‌ସ ସଭାପତି ସଦାଶିବ ନାୟକ, ଯୁଧିଷ୍ଠିର ଯାନୀ, ଶାଖା ପରିଚାଳକ ପ୍ରଶାନ୍ତ କୁମାର ଦାଶ, ଏମ୍‌ଡି ଇସମାଇଲ ସୋନଫୁଲ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଋଣ ମେଳା ଓ ନୂତନ ସଭ୍ୟ ଗ୍ରହଣ ନେଇ ସଚେତନ କରାଯାଇଥିଲା। ଚାଷୀମାନେ ଗୋଟିଏ ସ୍ଥାନରୁ ଋଣ, ବିହନ ଓ ସାର ନେଇ ପାରିବେ। ଠିକ୍ ସମୟରେ ଋଣ ପରିଶୋଧ କଲେ ସୁଧ ଛାଡ଼ ହେବା ନେଇ ଅତିଥିମାନେ କହିଥିଲେ। ୨୪ ଜଣ ଚାଷୀଙ୍କୁ ଋଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ।



ଅତିଥିମାନେ ଜଣେ ମହିଳାଙ୍କୁ ଋଣ ପ୍ରଦାନ କରୁଛନ୍ତି।

# ଭତ୍ରା ସମାଜ ବିକାଶ ପରିଷଦ ବୈଠକ

ତେନ୍ତୁଳିଖୁଣ୍ଟି, ୩୦।୬ (ଚିଦାନନ୍ଦ ସାହୁ)

ନବବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଭତ୍ରା ସମାଜର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପର୍ଯ୍ୟବେକ୍ଷକ ଦାମୋଦର ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ବ୍ଲକ ସଭାପତିଭାବେ ସୂର୍ଯ୍ୟ ରନ୍ଧାରୀଙ୍କୁ ମନୋନୀତ କରାଯାଇଛି। ଚପଳ ନାୟକ ଉପସଭାପତି, ଶରତ ଚନ୍ଦ୍ର ରନ୍ଧାରୀ ସମ୍ପାଦକ, ଦୁଷ୍ମନ୍ତ ନାୟକ ଉପ ସମ୍ପାଦକ ଓ କୋଷାଧ୍ୟକ୍ଷଭାବେ ଉମେଶ ଚନ୍ଦ୍ର ନାୟକଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରିଣୀ ସଭ୍ୟ ଭାବେ ତ୍ରିନାଥ ନାୟକ, ମଦନମୋହନ ଦଳପତି, ଯୁଧେଷ୍ଠୀ ପୂଜାରୀ, ରଘୁନାଥ ମାଝୀ, ଆଶାରାମ ନାୟକ, ନୀଳକଣ୍ଠ ଦିଶାରୀ, ରଘୁନାଥ ପୂଜାରୀ, ସତ୍ୟନାରାୟଣ ନାୟକ, ପ୍ରଦୀପ କୁମାର ନାୟକ ଓ ଭୀମ ଭତରା ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି କମିଟିକୁ ଭତରା ସମାଜ ସ୍ୱାଗତ କରିଛି।


ନିର୍ବାଚିତ ସଦସ୍ୟ ଓ ଅନ୍ୟମାନେ।

# ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳପଡ଼ିଆରେ ଚାଷ

ତେନ୍ତୁଳିଖୁଣ୍ଟି, ୩୦।୬ (ଚିଦାନନ୍ଦ ସାହୁ)

### ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନେଉନି ପ୍ରଶାସନ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ଏକମାତ୍ର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ। ବିଦ୍ୟାଳୟ ଖେଳ ପଡ଼ିଆକୁ ପରଜାବାରଙ୍ଗ ପଦରର ଜଣେ ବ୍ୟକ୍ତି ଉକ୍ତ ନିଜ ପୈତୃକ ସମ୍ପତି ବୋଲି ଦାବି କରି ଚାଷ କରିଛନ୍ତି। ସେଠାରେ ମକା ଚାଷ କରିବେ ବୋଲି ଜଣାପଡ଼ିଛି। ତତ୍କାଳୀନ ପ୍ରକଳ୍ପ କର୍ତ୍ତୃପକ୍ଷ ଇନ୍ଦ୍ରାବତୀ ପ୍ରକଳ୍ପ କଲେଜକୁ ଅଫିସ ବିଲ୍ଡିଂ ଓ ତା ପରିସରରେ ଥିବା ସମୁଦାୟ ୧୬ ଏକର ପ୍ରକଳ୍ପ ଅଧିକୃତ ଜମି ଦେଇଥିଲେ। ଖେଳ ପଡ଼ିଆ ଉନ୍ନତିକରଣ ପାଇଁ ନିକଟ ଅତୀତରେ ବ୍ଲକ ପକ୍ଷରୁ ୨ ଥର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରାଯାଇଛି। ତେବେ କିଭଳି ବର୍ତ୍ତମାନ ଏହି ଖେଳ ପଡ଼ିଆ ଘରୋଇ ହେଲା ବୋଲି ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ। ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିନୟ ବେହେରା ଖେଳ ପଡ଼ିଆରେ ଚାଷ ନେଇ ସ୍ଥାନୀୟ ଥାନାରେ ଅଭିଯୋଗ କରିବା ସହ ତହସିଲଦାରଙ୍କୁ ଲିଖିତଭାବେ ଜଣାଇଛନ୍ତି।

ଏଠାରେ ଉଲ୍ଲେଖ କରାଯାଇପାରେଯେ ଇନ୍ଦ୍ରାବତୀ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ବେଳେ ବହୁ ବ୍ୟକ୍ତି ସେହି ସମୟ ଦରରେ ଅର୍ଥ ନେଇ ପ୍ରକଳ୍ପକୁ ଜମି ଦେଇଥିଲେ। କିନ୍ତୁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତା ଯୋଗୁ ମୂଳ ଜମି ମାଲିକଙ୍କ ପଟାରୁ ନାମ କଟି ପ୍ରକଳ୍ପ ଖାତାକୁ ଆସି ନାହିଁ। ଦୀର୍ଘ ବର୍ଷ ମୂଳ ଜମି ମାଲିକ ଚୁପ୍ ରହିଥିଲେ କିନ୍ତୁ ମଞ୍ଚା ଗାଁ ରାଜସ୍ୱ ସର୍କଲରେ ମୂଳ ଜମି ମାଲିକ ପ୍ରକଳ୍ପକୁ ଦେଇଥିବା ଜମି ପୁଣି ନିଜ ଅକ୍ତିଆରକୁ ନେଇ ଚାଷ କରିବା, ଇନ୍ଦ୍ରାବତୀ ରେ ମାର୍କେଟ କମ୍ପ୍ଲେକ୍ସ ଥିବା ଜମି ମୂଳ ମାଲିକ ବିକ୍ରି କରିବା ଓ ରେଜିଷ୍ଟ୍ରେସନ୍ କରାଇ ନେବା ପରେ ଧୀରେଧୀରେ ପ୍ରକଳ୍ପ ଅଧିଗୃହିତ ଜମି ବହୁ ସ୍ଥାନରେ ବିବାଦକୁ ଆସିଲାଣି। ଇନ୍ଦ୍ରାବତୀ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ବେଖାତିର ମନୋଭାବରେ ଅଧିଗୃହୀତ ଜମି ନିଜ ନାମରେ ନ କରିବା, ଉନ୍ନୟନ କାର୍ଯ୍ୟ ପାଇଁ ଜମି ମିଳୁନି ଏବଂ ଜମି ବିକ୍ରିବଟା ହେଉଛି । ଏଭଳି ଅନୁଷ୍ଠାନ ପାଇଁ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ଆସିଛି। ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟଙ୍କୁ ପଚାରିବାରୁ ସ୍କୁଲ ପଡ଼ିଆ ଘରୋଇ ଜମି ବୋଲି ଦାବି ହେଉଛି। ତଦନ୍ତ ପରେ ସତ୍ୟତା ଜଣାପଡ଼ିବ ବୋଲି ସେ କହିଛନ୍ତି।


ସ୍କୁଲ ଖେଳପଡ଼ିଆକୁ ଟ୍ରାକ୍ଟର ଲଗାଇ ହଳ କରାଯାଇଛି।

# ଚୋରି ଅଭିଯୋଗରେ ଯୁବକ ଗିରଫ

ଡାବୁଗାଁ, ୩୦।୬ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପୋଲିସ ଚୋରୀ ଅଭିଯୋଗରେ ଛତିଶଗଡ଼ ରାଜ୍ୟର ଜଣେ ଯୁବକଙ୍କୁ ସୋମବାର ଗିରଫ ସହ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ତିଶଗଡ ରାଜ୍ୟର କଣ୍ଡାଗାଁ ଜିଲା ର ଅନନ୍ତପୁର ଥାନା ଅଧୀନ ନେଉରା ଗ୍ରାମର ରାମ ବଗେଲ (୨୪)। ପୋଲିସ ସୂଚନାନୁଯାୟୀ, ଡାବୁଗାଁ ଥାନା ସିଂଶାରୀ ଫାଣ୍ଡି ଅଧୀନ ରାଜପୁର ଗ୍ରାମରେ ୨୪ ତାରିଖ ରାତିରେ ଗ୍ରାମର କୃଷ୍ଣ ଭତ୍ରାଙ୍କ ଏସ୍‌ବିଆଇ, ଭୋବେଶ ବଲଙ୍କ ବ୍ୟାଙ୍କ ଅଫ ବରୋଦାର ଗ୍ରାହକ ସେବା କେନ୍ଦ୍ର, କମଲୁ କୋଷ୍ଟାଙ୍କ ସାଇକେଲ ମାର୍ଟରୁ ଚୋରି ହୋଇଥିଲା । ଏଥିରେ ଭୋବେଶ ବଲଙ୍କ ର ୨୦ ହଜାର ଟଙ୍କା, କୃଷ୍ଣ ଭତ୍ରାଙ୍କର ୧୩ ହଜାର ଟଙ୍କା ଓ କମଲୁ କୋଷ୍ଟାଙ୍କର ୧୨ ହଜାର ଟଙ୍କା ଚୋରି ହୋଇଥିଲା। ଏନେଇ ୨୫ ତାରିଖରେ ଭୋବେଶ ବଲ ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ରବିବାର ରାତିରେ ଡାବୁଗାଁ ପୋଲିସ ନେଉରା ଗ୍ରାମରେ ଆନନ୍ତପୁର ପୋଲିସ ର ସହାୟତାରେ ଚଢାଉ କରି ଅ ରାମ ବଗେଲଙ୍କୁ ଧରିଥିଲା। ରାତିରେ ଥାନାକୁ ଆଣି ପଚରାଉଚରା କରିବା ପରେ ରାମ ଓ ଅନ୍ୟଜଣେ ମିଶି ଚୋରି କରିଥିବା ମାନିଥିଲେ। ତାଙ୍କଠାରୁ ୧୧ ହଜାର ଟଙ୍କା ଜବତ କରାଯାଇଛି। ସୋମବାର ଅପରାହ୍ନରେ ଅଭିଯୁକ୍ତ ରାମ ବଗେଲଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନା କେସ ନଂ ୧୩୮/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି।


ଗିରଫ ଅଭିଯୁକ୍ତ।

# ୩୪ ଅଭିଯୋଗ ଶୁଣିଲେ, ୪ ଦିବ୍ୟାଙ୍ଗଙ୍କୁ ସହାୟତା

ତେନ୍ତୁଳିଖୁଣ୍ଟି, ୩୦।୬(ଚିଦାନନ୍ଦ ସାହୁ)

### ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଏବଂ ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ତଥା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୩୪ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୨୭ ବ୍ୟକ୍ତିଗତ ଓ ୭ ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୪ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲଚେୟାର ପ୍ରଦାନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ଗୋବିନ୍ଦ କଁଅର, କନିଷ୍ଠ ଯନ୍ତ୍ରୀ କ୍ରାନ୍ତି ପଟ୍ଟନାୟକ, ବ୍ରଜବିହାରୀ ମହାକୁଡ, ଉମାଶଙ୍କର ସାହାଣୀ, ସିପି ଅଜିତ ମିଶ୍ର, ବିପିସି ଉମା ମାହେଶ୍ୱରୀଙ୍କ ସମେତ ବ୍ଲକ୍‌ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ପରେ ଜିଲାପାଳ ତେନ୍ତୁଳିଖୁଣ୍ଟି ସରକାରୀ ବାପୁଜୀ ନୋଡାଲ ବିଦ୍ୟାଳୟ ପରିଦର୍ଶନ କରିବା ସହ ପିଲାଙ୍କୁ ପଢ଼ାଇ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଏହି ସମୟରେ ଡିଇଓ ଛତ୍ରପତି ସାହୁ ଓ ଜିଲା ମଙ୍ଗଳ ଅଧିକାର ରବୀନ୍ଦ୍ର ପାଲକା ଉପସ୍ଥିତ ଥିଲେ। ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନକରି ରୋଗୀଙ୍କ ସହ କଥା ହୋଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ସମୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ ପଣ୍ଡାଙ୍କ ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ହିର୍ମିମୁଣ୍ଡାରେ ନିର୍ମାଣାଧୀନ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ କୋଠା ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ବିଳମ୍ବ ହେବାର କାରଣ ବୁଝିବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାରିବାକୁ ତାଗିଦ କରିଥିଲେ।


ସହାୟତା ପାଇଥିବା ହିତାଧିକାରୀଙ୍କ ସହ ଜିଲାପାଳ, ଏସ୍‌ପି, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. 16-KUR-TRD-OT-2025-26

କାର୍ଯ୍ୟର ନାମ : ଭୁବନେଶ୍ୱର ଷ୍ଟେସନର କୋଚିଂ କମ୍ପ୍ଲେକ୍ସରେ ଟ୍ରାମୱେ ପ୍ରକାର OHE ସହିତ IPL-1, IPL-2 ଏବଂ IPL-3 ର ବିଦ୍ୟୁତୀକରଣ ।

ବିଜ୍ଞାପିତ ମୂଲ୍ୟ (₹): 1,01,38,548.47, EMD (₹) : 2,00,700.00, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.01.07.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.07.2025 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-296/Q/25-26

## ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ସାଉଥ୍-୨୫-୨୬-୦୪ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜି.), ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ଅଫରଗୁଡ଼ିକ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରାଯିବ। **କାର୍ଯ୍ୟର ନାମ:** ବରିଷ୍ଠ ଡିଇଏନ୍ (ଦକ୍ଷିଣ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ, ପଦାପାହାଡ଼, ପଦାପାହାଡ଼-ଜରୋଲି, ପଦାପାହାଡ଼-ବଲାଣିଖାଦାନ ସେକ୍ସନରେ ୨୫.୬୩୭ କିମି ପାଇଁ ନୂଆ ୬୦ କିଗ୍ରା ୯୦ ୟୁଟିଏସ୍/ଆର୍‌୨୬୦ ରେଲ୍ (ଏଲ୍‌ଡବ୍ଲ୍ୟୁଆର୍) ସହ ପିଏସ୍‌ସି-୧୪ ସ୍ଲିପର୍ ଉପରେ ବିଦ୍ୟମାନ ବିଛାଯାଇଥିବା ୬୦ କିଗ୍ରା ୯୦ ୟୁଟିଏସ୍ ରେଳଧାରଣାର ଟିଏଫ୍‌ଆର୍ ସମେତ ଥ୍ରୁ ରେଲ୍ ନବୀକରଣ (ପ୍ରାଥମିକ)ର ଅବଶିଷ୍ଟ କାର୍ଯ୍ୟ (୪ର୍ଥ ଆହ୍ୱାନ) । **ଟେଣ୍ଡର ମୂଲ୍ୟ:** ₹୨,୨୧,୩୯,୬୩୭.୧୫ । **ଇଏମ୍‌ଡି:** ୨,୬୦,୭୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ₹୦ । **ଖୋଲାଯିବା ତାରିଖ:** ୨୧।୦୭।୨୦୨୫ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବ ଓ ସେମାନେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (କର୍ତ୍ତୃପକ୍ଷ- ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । (PR-332)

## भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान
## I.C.A.R-Central Institute of Freshwater Aquaculture
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha

Advertisement No.14/2025-26 Date of Insertion- 30.06.2025

**वॉक-इंन-इंटरव्यू**

भा.कृ.अनु.प– केन्द्रीय मीठाजल जीव पालन अनुसंधान संस्थान सीफा, कौशल्यागंग, भुवनेश्वर, ओडिशा में **01 (एक) यंग प्रोफेशनल–II** पद भर्ती के लिए दिनांक **11.07.2025** को **पू. 10.00** बजे वॉक–इंन–इंटरव्यू आयोजित किया जायेगा। अधिक जानकारी हेतु कृपया भा.कृ.अनु.प–सीफा वेबसाइट **http://www.cifa.nic.in** पर जाएं ।

**WALK-IN INTERVIEW**

A Walk-in-Interview will be held on **11.07.2025 at ICAR-CIFA, Bhubaneswar** at 10.00 A.M for **01 (One) nos. of Young Professional-II (YP-II),** (purely on contractual basis) work under the **ICAR Research Project "Genome Editing in Aquaculture"** at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to Institute website: **http://www.cifa.nic.in**.

मुख्य जाँचकर्ता/Principal Investigator

## EKLAVYA MODEL RESIDENTIAL SCHOOL
## KUCHINDA, DIST.-SAMBALPUR-768222 (ODISHA)
Email : emrskuchinda2018@gmail.com
Website : https://emrskuchinda.com

### TENDER NOTICE

Notice No. : 328 Date : 30.06.2025

Sealed tenders are invited from reputed and experienced manpower service providers/ firms/ agencies for outsourcing of manpower skilled/ unskilled (e.g., Housekeeping staff 03-one preferably Lady, Driver cum Watchman-01, Plumber cum Electrician-01, Cook cum Attendant -02, Head Cook -01 etc.) for **EKLAVYA MODEL RESIDENTIAL SCHOOL, KUCHINDA** as per the requirements of the authority for a period of one year which may be extended based on performance.

- Registered with appropriate government authorities (e.g., Labour Department, EPF, ESI, GST)
- Minimum 03 years of experience in similar field
- Should not have been blacklisted by any Govt./PSU organization

The tender document containing terms and conditions can be obtained from the office of the undersigned by downloaded from the website : https://emrskuchinda.com from 30.06.2025 to 18.07.2025.

- Last date and time for submission : **18.07.2025, up to 5.00 P.M.**
- Tender opening date : **19.07.2025 at 10.00 A.M.**
- Place of submission and opening : **EMRS, KUCHINDA PREMISES**

The undersigned reserves the right to reject any or all tenders without assigning any reason thereof.

Sd./- Principal
EMRS, Kuchinda

# ଜଳଯୋଗାଣ ଦାବିରେ ମହିଳାଙ୍କ ରାସ୍ତା ଅବରୋଧ

କଲ୍ୟାଣସିଂହପୁର,୩୦।୬
(ଦୀପକ କୁମାର ପରିଡ଼ା)


ମହିଳାମାନେ ଗରା, ମାଠିଆ ରଖି ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି।

■ ୩ ମାସ ହେଲା ଜଳଯୋଗାଣ ବନ୍ଦ
■ ନଦୀର ଦୂଷିତ ପାଣି ବ୍ୟବହାର କରୁଛନ୍ତି ଲୋକେ

ବିଶୁଦ୍ଧ ପାନୀୟ ଜଳଯୋଗାଣ ଦାବିରେ ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ସଦରରେ ସୋମବାର ସକାଳେ ମୁଖ୍ୟ ରାସ୍ତା ଉପରେ ଗରା, ମାଠିଆ ରଖି ରାସ୍ତାରୋକୋ କରିଥିଲେ ଶତାଧିକ ମହିଳା। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବିଶୁଦ୍ଧ ପାନୀୟ ଜଳଯୋଗାଣ ବନ୍ଦ ଥିବାରୁ ଗତ ୩ ମାସ ହେଲା ବାଧହୋଇ ନାଗାବଳୀ ନଦୀର ଦୂଷିତ ପାଣି ବ୍ୟବହାରକରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛୁ। ପାଣି ସମସ୍ୟା ନେଇ ପଞ୍ଚାୟତଠାରୁ ବ୍ଲକ୍ ପ୍ରଶାସନର ସମସ୍ତ ଅଧିକାରୀଙ୍କଠାରୁ ଆରମ୍ଭକରି ସ୍ଥାନୀୟ ରାଜନେତାଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ରହିଥିବା ଜାଣି ୩ଟି ସାହିର ମହିଳା ପୁରୁଷ ଏକତ୍ରିତ ହୋଇ ହାଣ୍ଡି, ଗରା ଏବଂ ବାଲ୍ଟି ଧରି ମୁଖ୍ୟ ଛକରେ ସକାଳ ୯ରୁ ରାସ୍ତା ଅବରୋଧ କରି ବସିରହିଥିଲେ। ଖବରପାଇ ମଧ୍ୟାହ୍ନ୧୨ଟାରେ ଜିଲାପାଳ ପାରୁଲ ପଟୱାରି, ଉପଜିଲାପାଳ ରମେଶ କୁମାର ଜେନା ଓ ତହସିଲଦାର ରଞ୍ଜନ କୁମାର ମାନସେଠ, ବିଡିଓ ମନୀଷା ଦାସଙ୍କ ସମେତ ସ୍ଥାନୀୟ ଥାନା ଅଧିକାରୀ ନୀଳକଣ୍ଠ ବେହେରା ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଉପଜିଲାପାଳ ଜେନା ସାହି ସାହି ବୁଲି ଦେଖିବା ପରେ ୩ଦିନ ମଧ୍ୟରେ ପାନୀୟ ଜଳ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, କଲ୍ୟାଣସିଂହପୁର ସଦରର ବଡ଼କୁମ୍ଭାର ସାହି, ପୁରୁଣା ବସ୍‌ଷ୍ଟାଣ୍ଡ ଛକ, ମାଳତୀ ସାହିର ଲୋକମାନେ ପ୍ରାୟ ୩ ମାସ ହେବ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ରହିଛନ୍ତି। ଫଳରେ ଲୋକେ ବାଧହୋଇ ନାଗାବଳୀ ନଦୀର ଦୂଷିତ ପାଣି ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଲଘୁଚାପ ଜନିତ ବର୍ଷା ହେଉଥିବା ଯୋଗୁ ନଦୀରେ ଗୋଳିଆ ପାଣି ଆସୁଛି। କିନ୍ତୁ କୌଣସି ଉପାୟ ନ ଥିବାରୁ ଉକ୍ତ ପାଣିକୁ ଛାଣି ବ୍ୟବହାର କରୁଛୁ ବୋଲି ସାହିବାସିନ୍ଦା କହିଛନ୍ତି। ଫଳରେ ଡାଇରିଆ, ମ୍ୟାଲେରିଆ, ହଇଜା ଆଦି ସଂକ୍ରମଣ ରୋଗକୁ ନେଇ ସାହିବାସିନ୍ଦା ଭୟଭୀତ ହୋଇପଡ଼ିଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ଦାବି କରିଛନ୍ତି। ଟ୍ୟାଙ୍କର ଯୋଗେ ସବୁ ସାହିରେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।


ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ର ଓ ଗୁଣପୁର ବଡ ଗୁଣ୍ଡିଚା ମନ୍ଦିରରେ ସୋମବାର ଶ୍ରୀଜୀଉଙ୍କ ବରାହ ଅବତାର ବେଶ।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ରାୟଗଡା,୩୦।୬(ଆଶିଷ ରଞ୍ଜନ ପଣ୍ଡା)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟା ଘଟଣାର ବିଚାର କରି ରାୟଗଡା ଜିଲା ଏବଂ ଦୌରାଜଜ୍ ସତ୍ୟନାରାୟଣ ଷଡଙ୍ଗୀ ସୋମବାର ଅଭିଯୁକ୍ତ ତିରୁ ମାଝିଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟେ ୧ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ମୋଟ ୧୭ଜଣଙ୍କ ସାକ୍ଷ୍ୟ ଏବଂ ପ୍ରମାଣକୁ ଭିତ୍ତିକରି ରାୟଗଡା ଜିଲା ଏବଂ ଦୌରାଜଜ୍ ଷଡଙ୍ଗୀ ଏହି ରାୟ ପ୍ରକାଶ କରିଛନ୍ତି। ଏହାସହ ମୃତକଙ୍କ ପରବାରକୁ କ୍ଷତିପୂରଣ ଦେବା ପାଇଁ ବ୍ୟବସ୍ଥା କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ଆଦେଶ ଦେଇଛନ୍ତି। ଉକ୍ତ ମାମଲାକୁ ସରକାରଙ୍କ ତରଫରୁ ଅଜିତ କୁମାର ପଟ୍ଟନାୟକ ଓ ବିକ୍ରମ କୁମାର କୁଣ୍ଡୁ ପରିଚାଳନା କରୁଥିଲେ ।

୨୦୨୧ ଫେବୃଆରୀ ୨୬ତାରିଖରେ କାଶୀପୁର ବ୍ଲକ୍ ଟିକିରି ଥାନା ଅଧୀନ ବଡପାକେଲ ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ତିରୁ ମାଝି ସେହି ଗ୍ରାମର ଗଜେନ୍ଦ୍ର ମାଝିଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ମୁଣ୍ଡକୁ ଆକ୍ରମଣ କରିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାକୁ କେନ୍ଦ୍ରକରି ଗଜେନ୍ଦ୍ରଙ୍କ ଭାଇ ଅଖିଳ ମାଝି ଟିକିରି ଥାନାରେ ଏତଲା ଦେଇଥିଲେ । ଏ ନେଇ ତତ୍କାଳୀନ ଟିକିରି ଥାନା ଅଧିକାରୀ ବନ୍ଦନା ନାୟକ କେସ୍ ନଂ .୨୯/୨୧ରେ ମାମଲା ରୁଜୁକରି ନିଜେ ଏହି ଘଟଣାର ତଦନ୍ତ କରିଥିଲେ।

# ୩୭ ଅଭିଯୋଗ ଶୁଣିଲେ ଜିଲାପାଳ


ଶିବିରରେ ଜିଲାପାଳ ,ଏସ୍‌ପିଙ୍କ ସହ ଉପସ୍ଥିତ ଅନ୍ୟ ଅଧିକାରୀ।

## କଲ୍ୟାଣସିଂପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କଲ୍ୟାଣସିଂପୁର,୩୦।୬ (ଦୀପକ କୁମାର ପରିଡ଼ା)

ରାୟଗଡା ଜିଲା କଲ୍ୟାଣସିଂପୁର ବ୍ଲକ ପରିସରରେ ସୋମବାର ଜଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ପାରୁଲ ପଟୱାରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍ କୁମାର, ଉପଜିଲାପାଳ ରମେଶ ଚନ୍ଦ୍ର ଜେନା, ପିଏଆଇଟିଡିଏ ଚନ୍ଦ୍ରକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ । ଏଥିରେ ମୋଟ ୩୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୩୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୭ଟି ଗୋଷ୍ଠୀଭିତ୍ତିକ ଗ୍ରାମବାସୀଙ୍କ ଅଭିଯୋଗ ରହିଥିଲା। ଉକ୍ତ ଶିବିରରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ବିଡ଼ିଓ ମନୀଷା ଦାସ, ତହସିଲଦାର ମାନସ ରଞ୍ଜନ ମାନସେଠ, ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ମଦ ବାର୍‌ରେ କାମ କରୁଛନ୍ତି ଶିଶୁ ଶ୍ରମିକ

## ଗାଡ଼ିରୁ ମଦ ପେଟି ବୋହୁଛନ୍ତି ଶିଶୁ

ରାୟଗଡ଼ା/କଲ୍ୟାଣସିଂହପୁର,୩୦।୬
(ଆଶିଷ ରଞ୍ଜନ ପଣ୍ଡା/ଦୀପକ କୁମାର ପରିଡ଼ା)

ଶିଶୁଙ୍କୁ କାମରେ ନିୟୋଜିତ କରିବା ଏକ ଦଣ୍ଡନୀୟ ଅପରାଧ ହୋଇଥିବାବେଳେ ରାୟଗଡ଼ା ଜିଲା କଲ୍ୟାଣସିଂହପୁର ସଦର ବ୍ଲକ୍‌ସ୍ଥିତ ମଦ ବାରରେ ବିଭିନ୍ନ କାମ ପାଇଁ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି। ୮ରୁ ୧୨ ବର୍ଷର ଶିଶୁ ଗାଡ଼ିରୁ ମଦ ପେଟି ଅନଲୋଡ୍ କରି ବାରରେ ରଖୁଥିବା ଦେଖିବାକୁ ମିଳିଛି । ମଦ ବାର୍‌ରେ କିଭଳି ଶିଶୁଙ୍କୁ କାମରେ ଲଗାଯାଉଛି ତାହା ଅବକାରୀ ବିଭାଗର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପଟେ ନିକଟରେ ନାବାଳକ କିଭଳି ନିଶା ଦ୍ରବ୍ୟଠାରୁ ଦୂରେଇ ରହିବେ ଏବଂ ଅପମିଶ୍ରିତ ମଦ ବର୍ଜନ ପାଇଁ ଅବକାରୀ ବିଭାଗ ପକ୍ଷରୁ ମାସେ ବ୍ୟାପି ସଚେତନତା ଅଭିଯାନ ହୋଇଥିଲା। ଏହାସତ୍ତ୍ୱେ ମଦ ବାରରୁ ବେଆଇନ ଭାବେ ନିକଟସ୍ଥ ଗାଁମାନଙ୍କରେ ମଦ ବିକ୍ରି କରାଯାଉଥିବା ଏବଂ ଶିଶୁଙ୍କୁ ବେଆଇନ ଭାବେ କାର୍ଯ୍ୟରେ ନିୟୋଜିତ କରିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। ଏ ସମ୍ପର୍କରେ ରାୟଗଡ଼ା ଅବକାରୀ ଅଧୀକ୍ଷକ ସନ୍ତୋଷ ଧଳସାମନ୍ତଙ୍କୁ ଫୋନ୍ କରିଥିଲେ ହେଁ ସେ ଫୋନ୍ ଉଠାଇ ନ ଥି ଲେ। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାଦେବ ଚିଟୁଆନଙ୍କୁ ପଚାରିବାରୁ ଶିଶୁଙ୍କୁ ଶ୍ରମ ଖଟାଇବା ଦଣ୍ଡନୀୟ ଅପରାଧ ଏବଂ ଏ ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ଲଗାଣ ବର୍ଷାରେ ଗଛ ଉପୁଡ଼ି ରାସ୍ତା ଅବରୋଧ


ରାସ୍ତା ଉପରେ ଭାଙ୍ଗି ପଡ଼ିଥିବା ଗଛ।

ଟିକିରି,୩୦।୬ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ ଗତ ୩ ଦିନ ହେଲା ଲଗାଣ ବର୍ଷା ଲାଗି ରହିଛି। ବର୍ଷା ଯୋଗୁ ଦୁଡୁକାବାଲ ପଞ୍ଚାୟତ ସର୍ଗୀଗୁଡା ଗ୍ରାମ ନିକଟ ମୁଖ୍ୟ ରାସ୍ତା ଉପରେ ସୋମବାର ସକାଳୁ ଏକ ବିରାଟ ଆମ୍ବ ଗଛ ଭାଙ୍ଗି ପଡ଼ିଥିଲା। ଫଳରେ ଟିକିରିଠାରୁ ରାୟଗଡା ୪୪ ନଂ ରାଜ୍ୟ ରାଜପଥ ସର୍ଗୀଗୁଡାଠାରେ ଚଳାଚଳ ଠପ ହୋଇଯାଇଥିଲା। ଟିକିରି ପୋଲିସ ଓ ଦମକଳ ବାହିନୀ କର୍ମଚାରୀ ସେଠାରେ ପହଞ୍ଚି ଗଛ କାଟିଲା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

# କୁମ୍ଭେଇଗୁଡ଼ାରୁ ବାହାରି ଆରବି ଜଙ୍ଗଲରେ ହାତୀପଲ

## ହାତୀଙ୍କ ସୁରକ୍ଷା ପାଇଁ ବିଦ୍ୟୁତ୍‌କାଟ୍

ରାୟଗଡ଼ା, ୩୦।୬ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ବନାଞ୍ଚଳ ଅନ୍ତର୍ଗତ କୁମୁଡିପେଣ୍ଟ ସେକ୍ସନର ଖରିଗୁଡା-ଫକିରୀ ମଧ୍ୟରେ ଥିବା କୁମ୍ଭେଇଗୁଡା ଜଙ୍ଗଲରେ ରବିବାର ରାତିରେ ବୁଲୁଥିବା ୩ ଟିକିଆ ହାତୀପଲ ସୋମବାର ବଡଖିଲାପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଆରବି ଜଙ୍ଗଲ ଉପର ଭାଗରେ ବୁଲୁଥିବା ଜଣାପଡ଼ିଛି। ବନ ବିଭାଗ ହାତୀଙ୍କ ପାଦ ଚିହ୍ନ ଟ୍ରାକ୍ କରି ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛି । ହାତୀପଲ ସନ୍ଧ୍ୟା ଓ ରାତ୍ର ସମୟରେ ବୁଲାବୁଲି କରୁଥିବାରୁ ପାହାଡ ଅଞ୍ଚଳରେ ଥିବା ଗ୍ରାମବାସୀ ଘରୁ ନ ବାହାରିବା ପାଇଁ ବନ ବିଭାଗ ପକ୍ଷରୁ ସଚେତନ କରାଯାଉଥିବା କୁମୁଡିପେଣ୍ଟ ସେକ୍ସନ ବନପାଳ ପ୍ରଦ୍ୟୁମ୍ନ କୁମାର ବେହେରା ପ୍ରକାଶ କରିଛନ୍ତି । ହାତୀପଲ ପୂର୍ବରୁ ଯେଉଁ ବାଟ ଦେଇ ଆସିଥିଲେ ସେହି ବାଟ ଦେଇ ଫେରି ଯାଇପାରିନ୍ତି ବୋଲି ସେ କହିଛନ୍ତି। ଏଥିପୂର୍ବରୁ ମୁନିଗୁଡା ରେଞ୍ଜ ଅଧିନସ୍ଥ ଦୁର୍ଗୀ ଓ ବିଷମକଟକ ସେକ୍ସନରେ ଉକ୍ତ ହାତୀପଲଙ୍କ ଗତିବିଧି ରହିଥିବାବେଳେ ବନ ବିଭାଗ କର୍ମଚାରୀମାନେ ହାତୀପଲର ଗତିବିଧିକୁ ଟ୍ରାକ୍ କରି ଆସୁଥିଲେ । କୁମୁଡିପେଣ୍ଟ ସେକ୍ସନ ବନପାଳ ବେହେରାଙ୍କ ସମେତ ଫରେଷ୍ଟ ଗାର୍ଡ ପ୍ରସାଦ ବେହେରା ଓ ଅନ୍ୟ ବନ କର୍ମଚାରୀ ଉପସ୍ଥିତ ରହି ହାତୀପଲର ଗତିବିଧି ଉପରେ ନଜର ରଖିଥିବା ଜଣାପଡିଛି। ହାତୀପଲଙ୍କ ଗତିବିଧିକୁ ନେଇ ଆବଶ୍ୟକସ୍ଥଳେ ଅଞ୍ଚଳରେ ବିଦ୍ୟୁତ ବିଭାଗ ପକ୍ଷରୁ ବିଦ୍ୟୁତ୍‌କାଟ କରାଯାଉଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଲୋକଙ୍କ ଧନଜୀବନର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଥିବାରୁ ଲୋକେ ଅନ୍ଧାରରେ ରହି ବିଭାଗୀୟ ପଦକ୍ଷେପକୁ ସହଯୋଗ କରୁଛନ୍ତି ବୋଲି ବନପାଳ ବେହେରା କହିଛନ୍ତି ।


ବନକର୍ମଚାରୀ ଲୋକଙ୍କୁ ବାହାରକୁ ନ ବାହାରିବା ପାଇଁ ସଚେତନ କରୁଛନ୍ତି।

# ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବିଷମକଟକ,୩୦।୬(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଦୁର୍ଗୀସ୍ଥିତ ଗୁଣ୍ଡିଚା ମନ୍ଦିର ନିକଟରେ ଥିବା ଆମ୍ବ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ସୋମବାର ଜବତ କରିଛି। ମୃତକ ହେଲେ ପିଣ୍ଟୁ କଲକା (୨୧) ।

ସୂଚନା ଅନଯାୟୀ, ଡୁମୁନେଲି ପଞ୍ଚାୟତ ଲଟାଗୁଡ଼ା ଗ୍ରାମର ଜଗୁଲୁ କଲକାଙ୍କ ପୁଅ ପିଣ୍ଟୁ ରଥଯାତ୍ରା ଦେଖିବାକୁ ଶୁକ୍ରବାର ଦୁର୍ଗୀ ଆସିଥିଲେ। ରାତି ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ନିଜ ବନ୍ଧୁବାନ୍ଧବ, ସାଙ୍ଗସାଥିଙ୍କୁ ପଚରାଉଚରା କରିବା ସହ ଖୋଜାଖୋଜି କରିଥିଲେ ମଧ୍ୟ କିଛି ଖବର ପାଇ ନ ଥିଲେ। ସୋମବାର ଅପରାହ୍ନରେ ଦୁର୍ଗୀ-ଡୁମୁନେଲି ରାସ୍ତାରେ ଲୋକେ ଯିବା ଆସିବା ସମୟରେ ଦୁର୍ଗନ୍ଧ ଆସିବାରୁ ସେମାନେ ଖୋଜାଖୋଜି କରଥିଲେ। ନିକଟରେ ଏକ ଗଛରେ ଏକ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ସେହି ସମୟରେ କୌଣସି ସୂତ୍ରରୁ ଖବରପାଇ ପରିବାର ଲୋକ ଆସି ପିଣ୍ଟୁଙ୍କ ମୃତଦେହ ଚିହ୍ନଟ କରି ଥିଲେ । ଏ ନେଇ ପରିବାର ଲୋକେ ବିଷମ କଟକ ଥାନାରେ ଲିଖିତ ଅଭଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରଜୁ କରି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।

# ଓକିଲଙ୍କ ବିୟୋଗରେ ଶୋକସଭା

ଗୁଣପୁର,୩୦।୬(ପ୍ରଦୀପ କୁମାର ପାଢୀ)

ରାୟଗଡ଼ା ଜିଲା ଗୁଣପୁର ଓକିଲ ମୁକୁନ୍ଦ ଶବରଙ୍କ ବିୟୋଗରେ ସୋମବାର ଓକିଲ ସଂଘ କାର୍ଯ୍ୟାଳୟଠାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୌରୀ ଶଙ୍କର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କର ତୈଳଚିତ୍ର ନିକଟରେ ଦୀପ ପ୍ରଜ୍ୱଳନ କରିବା ସହ ନୀରବ ପ୍ରାର୍ଥନା କରାଯାଇଥିଲା । ଉପସଭାପତି ରମେଶ ଚନ୍ଦ୍ର ଲିମା, ସମ୍ପାଦକ ପ୍ରବୀଣ ପଟ୍ଟନାୟକ, କୋଷାଧ୍ୟକ୍ଷ କୈଳାସ ଶବର, ବରିଷ୍ଠ ଓକିଲ ରାଜେନ୍ଦ୍ର ପ୍ରସାଦ ସାହୁ, ଏସ୍.ଗଣପତି ରାଓଙ୍କ ସମେତ ବହୁ ବରିଷ୍ଠ ଏବଂ କନିଷ୍ଠ ଓକିଲ ଉପସ୍ଥିତ ଥିଲେ । ସେହିପରି ଶବର ସାଂସ୍କୃତିକ ସଂଘ ପକ୍ଷରୁ ମଧ୍ୟ ଶୋକ ପ୍ରକାଶ କରାଯାଇଥିଲା। ସଭାପତି ଚକ୍ରପାଣି ଶବର, ସମ୍ପାଦକ ବଳରାମ ଶବର, ଜେକେପୁର ବନବାସୀ ବନ ବିଦ୍ୟାଳୟର ସଭାପତି ବିଦ୍ୟାଧର ଶବର, ଲୋକନାଥ ଓ ଧର୍ମେନ୍ଦ୍ର ଶବର ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ସୂଚନାଯୋଗ୍ୟ, ଗତ ୨୭ ତାରିଖରେ ମୁକୁନ୍ଦଙ୍କ ଦେହାନ୍ତ ହୋଇଥିଲା।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗୁଣପୁର,୩୦।୬
(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସହର ମରାଠିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ପଣ୍ଡା ସୋମବାର ଚାକିରିରୁ ଅବସର ନେଇଛନ୍ତି । ଏଥିପାଇଁ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି ତାଙ୍କର ସୁସ୍ଥ ଜୀବନ କାମନା କରିଥିଲେ । ଶିକ୍ଷୟିତ୍ରୀ ପଣ୍ଡା ପଦ୍ମପୁର ବ୍ଲକର ଖିଲାମୁଣ୍ଡା ପ୍ରାଥମିକ ବିଦ୍ୟାଳୟରୁ ୧୯୮୭ରୁ ଶିକ୍ଷକତା ଆରମ୍ଭ କରିଥିଲେ। ସେ ମରାଠିଗୁଡା ବିଦ୍ୟାଳୟରେ ୨୪।୧୦।୨୦୨୦ରୁ ପ୍ରଧାନ ଶିକ୍ଷୟତ୍ରୀ ଦାୟିତ୍ୱ ତୁଲାଇ ଆସୁଥିଲେ ।

# ଘର ଭାଙ୍ଗିଲେ, ଧାନ, ଚାଉଳ ଖାଇଲେ ହାତୀପଲ

କଲ୍ୟାଣସିଂହପୁର,୩୦।୬
(ଦୀପକ କୁମାର ପରିଡ଼ା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସିଙ୍ଗାରି ପଞ୍ଚାୟତରେ ରବିବାର ରାତିରେ ହାତିପଲଙ୍କ ଉତ୍ପାତ ଦେଖିବାକୁ ମିଳିଛି। ରବିବାର ବିଳମ୍ବିତ ରାତିରେ ହାତିପଲ ଟିକରପଡା ଗାଁରେ ପଶି ଝୁମୁରା କୁଟୁରୁକା, ଲକ୍ଷ୍ମୀ କୁଟୁରକା ଏବଂ ସଦନ ପ୍ରପେକାଙ୍କ ଘର ଭାଙ୍ଗିବା ସହ ଘରେ ଥିବା ଧାନ, ଚାଉଳ, ମାଣ୍ଡିଆ, ଖୁସଲା ଖାଇବା ସହ ନଷ୍ଟ କରିଦେଇଛନ୍ତି। ସଦନ ପ୍ରେପକା କହିବା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ପ୍ରାୟ ୧୦ରୁ ୧୫ଟି ହାତୀ ଗାଁ ଭିତରକୁ ଆସିଥିଲେ। ହାତୀପଲଙ୍କୁ ଦେଖି ଆମ ଦୁଇଟି ପରିବାର ଲୋକ ପାଖ ଗାଁକୁ ଦୌଡି ପଳାଇଥିଲୁ। ସକାଳୁ ଆସି ଦେଖିଲାବେଳକୁ ଘର ଭାଙ୍ଗିବା ସହ ଘରେ ଥିବା ସମସ୍ତ ଜିନିଷପତ୍ର ନଷ୍ଟ କରି ଦେଇଛନ୍ତି। ଗ୍ରାମ ନିକଟରୁ ହାତୀପଲଙ୍କୁ ଘଡାଇବା ପାଇଁ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ ମଧ୍ୟ ସେମାନେ କୌଣସି ପଦକ୍ଷେପ ନେଇ ନ ଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି ।


ହାତୀପଲ ଭାଙ୍ଗିଥିବା ଘର।

# ସୁସମ୍ପର୍କ ସ୍ଥାପନ, ଅଞ୍ଚଳର ବିକାଶ ପାଇଁ ମେଳି

ମୁନିଗୁଡା,୩୦।୬
(ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା ନିକଟସ୍ଥ ମୁନିଖୋଲସ୍ଥିତ କନିକା ପରମେଶ୍ୱରୀ ମନ୍ଦିର ପରିସରରେ ସୋମବାର ୨୨ଖଣ୍ଡ ଗ୍ରାମର ଗରିବ ଆଦିବାସୀ, ହରିଜନ ଓ ପଛୁଆ ବର୍ଗର ଲୋକେ ରାଜନୀତିଠାରୁ ଦୂରରେ ରହି ପରସ୍ପର ମଧ୍ୟରେ ସୁସମ୍ପର୍କ ଓ ଅଞ୍ଚଳର ବିକାଶ ପାଇଁ ମେଳି କରିଛନ୍ତି। ଏହି ଅବସରରେ ଏନ୍.ସୂର୍ଯ୍ୟା ରାଓଙ୍କ ଆବାହକତ୍ୱରେ ମୁନିଗୁଡା ବ୍ଲକ୍‌ର ମେର୍କାବଣ୍ଡଲୀ, ଚେରାଙ୍ଗପାଇ, କୁନାବଣ୍ଡଲୀ, ଭାଲିଆପଦର, ବୁରୁଜୁଗୁଡା, ଶ୍ରାମ୍ଭୀ, କନ୍ଧ ଗଡିଗୁଡା ସମେତ ଅନ୍ୟ ଅଞ୍ଚଳର ନେତୃତ୍ୱବୃନ୍ଦ ଉପସ୍ଥିତ ରହି ରାଜନୀତି ଯୋଗୁ ପ୍ରତି ଗାଁରେ ମତଭେଦ ସୃଷ୍ଟି ହେଉଛି। ଗାଁର ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଓ ପରିବାର ପରିବାର ମଧ୍ୟରେ ଦ୍ୱେଷ ଓ ମନୋମାଳିନ୍ୟ ସୃଷ୍ଟି କରୁଥିବାରୁ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି ପରସ୍ପର ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ଏବଂ ଆଗାମୀ ଦିନରେ ପରସ୍ପରର ସୁଖ, ଦୁଃଖ ଏପରିକି ରୋଗରେ ପୀଡ଼ିତ ଲୋକଙ୍କୁ ପରସ୍ପର ସହାୟତା କରିବାକୁ ଏହି ସମାବେଶରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏ ନେଇ ଏକ କମିଟି ଗଠନ କରାଯାଇ ସର୍ବସମ୍ମତିକ୍ରମେ ସଭାପତି ଭାବେ ଏନ୍.ସୂର୍ଯ୍ୟା ରାଓ, ଉପସଭାପତି ଶିର ମଣ୍ଡାଙ୍ଗୀ, ସମ୍ପାଦକ ସୁନିତା ବାଗ ଓ ସୁରେନ୍ଦ୍ର ନୁନ୍ଦ୍ରୁକା, ଦେବେନ୍ଦ୍ର ଡଙ୍ଗରି, ନରି ଜାକେସିକା, ଦେବେନ୍ଦ୍ର କୁଟ୍ରୁକା ଭଳି ପ୍ରତ୍ୟେକ ଗ୍ରାମରୁ ୨ଜଣ ସକ୍ରିୟ ସଦସ୍ୟ ଚୟନ ହେବା ସହ ପ୍ରତ୍ୟେକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଗାମୀ ଦିନରେ ଆମର ସଙ୍ଗଠନ କିପରି ମଜଭୁତ ହୋଇ କାର୍ଯ୍ୟ କରିବ ଏବଂ ମୁନିଗୁଡ଼ା ବ୍ଲକ ସମେତ ପଡୋଶୀ ବ୍ଲକ ବିଷମକଟକ ଓ ଚନ୍ଦ୍ରପୁରକୁ ଏଥିରେ ସାମିଲ କରାଯିବ ବୋଲି ନୂତନ ଭାବେ ଚୟନ ହୋଇଥିବା କମିଟିର କର୍ମକର୍ତ୍ତା ପ୍ରକାଶ କରିଥିଲେ ।


କନିକା ପରମେଶ୍ୱରୀ ମନ୍ଦିର ପରିସରରେ ଏକାଠି ହୋଇଥିବା ୨୨ଖଣ୍ଡ ଗ୍ରାମର ଲୋକେ।

### ଦେଶୀ ମଦ ଚାଲାଣ, ଜଣେ ଗିରଫ

ଜୟପୁର,(ପବନ ପାଣିଗ୍ରାହୀ)- ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ତରଗେଇ ଗ୍ରାମର ସୁନାଧର କମାର(୫୦)। ମଦ ଚାଲାଣ ହେଉଥିବା ସୂଚନା ପାଇ ତରଗେଇ ଗ୍ରାମ ରାସ୍ତାରେ ଚଢ଼ାଉ କରି ୯.୨ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଅଭିଯୁକ୍ତଙ୍କୁ ସୋମବାର ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ଗୁପ୍ତେଶ୍ୱର ମନ୍ଦିରରେ ବନ୍ଦ ହେଲା ଟିକେଟ୍ ବ୍ୟବସ୍ଥା

ଜୟପୁର,୩୦।୬(ପବନ ପାଣିଗ୍ରାହୀ)

ବାରମ୍ବାର ଦାବି ପରେ ଶେଷରେ ବନ୍ଦ ହେଲା କୋରାପୁଟ ଜିଲାର ଗୁପ୍ତେଶ୍ୱର ମନ୍ଦିରରେ ଦର୍ଶନ ଟିକେଟ୍ ବ୍ୟବସ୍ଥା । ବନ୍ଦ କରିବା ପାଇଁ ଭକ୍ତ ଓ ବିଭିନ୍ନ ସଂଗଠନ ଦାବି କରୁଥିଲେ। ଜିଲାସ୍ତରୀୟ ଶୁଣାଣିରେ ମଧ୍ୟ ଟିକେଟ ବ୍ୟବସ୍ଥା ଉଚ୍ଛେଦ ପାଇଁ ଅଭିଯୋଗ ହେଉଥିଲା। ଏହାକୁ ଗୁରୁତର ସହ ନେଇ ଟିକେଟ୍ ବ୍ୟବସ୍ଥା ବନ୍ଦ କରାଯାଇଥିବା କୋରାପୁଟ ଜିଲାପାଳ ଭି.କୀର୍ତ୍ତିଓ୍ୱାସନ ସୂଚନା ଦେଇଛନ୍ତି। ଗୁପ୍ତେଶ୍ୱର ମନ୍ଦିରରେ ଦର୍ଶନ ପାଇଁ ଟିକେଟ ଟେଣ୍ଡର ବ୍ୟବସ୍ଥା କରାଯାଇଥିଲା। ଏହି ଟେଣ୍ଡର ଜୁନ୍ ୨୪ରେ ଅବଧି ଶେଷ ହୋଇଥିଲା। ଆଉ ଟେଣ୍ଡର ଡକାଯାଇନାହିଁ ବୋଲି ଦେବୋତ୍ତର ବିଭଗ ପକ୍ଷରୁ ସୂଚନା ରହିଛି। ଗୁପ୍ତେଶ୍ୱରପୀଠ ମୁଖ୍ୟ ପ୍ରବେଶ ଦ୍ୱାରରେ ବିନା ଟିକେଟ୍‌ରେ ଠାକୁର ଦର୍ଶନ ହୋଇପାରୁନଥିଲା। ଓଡ଼ିଶାର ପ୍ରମୁଖ ସ୍ଥଳୀରେ ଏପରି ପ୍ରବେଶ ଟିକେଟ୍‌ର ବ୍ୟବସ୍ଥା ନ ଥିବା ବେଳେ ଗୁପ୍ତେଶ୍ୱର ମନ୍ଦିରରେ ଦର୍ଶନ ପାଇଁ ଟିକେଟ୍ ବ୍ୟବସ୍ଥା ଥିଲା। ଏହାକୁ ବିଭିନ୍ନ ସଂଗଠନ ବିରୋଧ କରୁଥିଲେ। ଦେବୋତ୍ତର ବିଭାଗ ପକ୍ଷରୁ କମିଶନରଙ୍କୁ ଅବଗତ କରାଯିବ।

### ଶିକ୍ଷକ, ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନନ୍ଦପୁର,୩୦।୬(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକରେ କାର୍ଯ୍ୟରତ ଶିକ୍ଷକ ଆନନ୍ଦ ଚନ୍ଦ୍ର ପରିଡ଼ା ଓ ସ୍ୱାସ୍ଥ୍ୟ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ସୁଆର(ଭାଗି)ଙ୍କୁ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆନନ୍ଦ ଜିରା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ଅବସରକାଳୀନ ପ୍ରମାଣପତ୍ର, ଉପଢୌକନ ଓ ଉପହାର ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ପୂର୍ଣ୍ଣଚନ୍ଦ୍ର ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟରତ ଥିଲେ। ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଦୁବରାଜ ମୁର୍ମୁ, ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପଟ୍ଟାଙ୍ଗି,୩୦।୬(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଗାଙ୍ଗରାଜପୁର ପଞ୍ଚାୟତ ସାକିରାଇ ଏନୟୁପିଏସ୍ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ କୁମାର ଜେନାଙ୍କୁ ଛତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ



ଗ୍ରାମବାସୀ ସୋମବାର ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି ସାନ ସଡାପାଲି ପ୍ରଧାନଶିକ୍ଷକ ଜେନାଙ୍କ କାର୍ଯ୍ୟ ଶୈଳୀ ସମ୍ପର୍କରେ କହିଥିଲେ। ତାଙ୍କର ଗ୍ରାମବାସୀଙ୍କ ସହ ସୁସମ୍ପର୍କ ରଖିବା ସହ ସେମାନଙ୍କ ସୁଖଦୁଃଖ ପଚାରି ବୁଝିବା ମନେ ପଡ଼ିବ ବୋଲି କହିଥିଲେ। ପ୍ରଧାନଶିକ୍ଷକ ଜେନା ୧୯୮୮ରେ ଶିକ୍ଷକତା ଆରମ୍ଭ କରିଥିଲେ। ୨୦୨୦ ରୁ ୨୦୧୯ ପର୍ଯ୍ୟନ୍ତ ଶିକ୍ଷକତା ସହ ସିଆରସିସି ଦାୟିତ୍ୱରେ ରହି ବିଭିନ୍ନ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ତଦାରଖ କରୁଥିଲେ। ସେ ୨୦୨୪ରେ ବ୍ଲକର ଉତ୍ତମ ଶିକ୍ଷକ ଭାବେ ସମ୍ମାନିତ ହୋଇଥିଲେ। ୨୦୦୮ରେ ଜିଲାରେ ଜଣେ ସାହିତ୍ୟିକ ଓ ଡ୍ରାମା ନିର୍ଦ୍ଦେଶକ ଭାବେ ସମ୍ମାନିତ ହୋଇଥିଲେ।

# ଜନଶୁଣାଣି ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

### ମୋବାଇଲ ଟାୱାର ଦାବି ପୂରଣ ନ ହେବାରୁ ଗ୍ରାମବାସୀ ଉତ୍ତ୍ୟକ୍ତ

ସେମିଲିଗୁଡା/ସୁନାବେଡ଼ା,୩୦।୬ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସେମିଲିଗୁଡା ବ୍ଲକ୍ ଖୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ସହ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଥିଲା। କିନ୍ତୁ ଏହା ପୂର୍ବରୁ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିବା ଦେଖିବାକୁ ମିଳିଛି। ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ଉନ୍ନୟନ ଅଧିକାରୀ(ଜିପିଡିଓ) ଅଜିତ କୁମାର ହୋତା ଓ ଅନ୍ୟ ବିଭାଗୀୟ ସହଯୋଗୀ ଅଧିକାରୀମାନେ ଶିବିରରେ ଯୋଗଦେବା କାର୍ଯ୍ୟକ୍ରମ ରହିଥିଲା। ବିଭାଗୀୟ ଅଧିକାରୀମାନେ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ବେଳକୁ ଗାଁ ଲୋକେ ସେଠାରେ ତାଲା ପକାଇ ଦେଇଥିବା ଦେଖିବାକୁ ମିଳିଥିଲା। ପ୍ରତିଥର ଅଭିଯୋଗ ଶୁଣାଣିରେ ମୋବାଇଲ ଟାୱାର ନିର୍ମାଣ ପାଇଁ ଦାବି କରାଯାଇଥିଲେ





ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ।

ସୁଦ୍ଧା ତାହା ପୂରଣ ହୋଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ନେଟୱର୍କ ନ ଥିବାରୁ ପିଲାଙ୍କ ପାଠପଢ଼ା ସହ ଜରୁରୀକାଳୀନ ପରିସ୍ଥିତିରେ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗାଁର ଶତାଧିକ ଯୁବକ ଓ ବୟୋଜ୍ୟେଷ୍ଠ ଏକତ୍ରିତ ହୋଇ କାର୍ଯ୍ୟାଳୟରେ ତାଲା ପକାଇ ଶିବିର ହେବାକୁ ଦେଇନଥିଲେ। ଅଧିକାରୀମାନେ ବହୁ ବୁଝାଶୁଝା କରିବା ସତ୍ତ୍ୱେ ଲୋକେ ଜିଦ୍‌ରେ ଅଟଳ ରହିଥିଲେ। ଅଧିକାରୀମାନେ ଫେରି ଯାଇଥିଲେ। ମୋବାଇଲ ଟାୱାର ନ ବସିବା ଯାଏ କୌଣସି ଅଧିକାରୀଙ୍କୁ ଗାଁକୁ ଆସିବାକୁ ଦେବୁନାହିଁ ଓ ଶିବିର କରିବାକୁ ଦେବୁ ନାହିଁ ବୋଲି କେତେକ ଗ୍ରାମବାସୀ କହିଛନ୍ତି। ବର୍ଷ ବର୍ଷ ଧରି ବ୍ଲକ୍ ପ୍ରଶାସନ, ଜିଲା ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କୁ ଗୁହାରି କରିବା ସତ୍ତ୍ୱେ ଟାୱାର ବସୁନାହିଁ। ଡିଜିଟାଲ ଯୁଗରେ ଗାଁରେ ମୋବାଇଲ ଟାୱାର ନ ଥିବା ଦୁଃଖ ଏବଂ ପରିତାପର ବିଷୟ ବୋଲି ଖୁଡ଼ି ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀରାଣୀ ଜାନି କହିଛନ୍ତି। ଏଥିରେ ନୀଳ ଗୋଲରୀ, ସାଗର ମହିତା ଓ ଚନ୍ଦ୍ର ବାଙ୍କା ପ୍ରମୁଖ ସାମିଲହୋଇଥିଲେ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି

ନନ୍ଦପୁର,୩୦।୬(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ୍ ପ୍ରଶାସନ ପକ୍ଷରୁ କୁଲାବିର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସଚେତନତା ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସରପଞ୍ଚ ସଇତା ସମେଲି, ସମିତିସଭ୍ୟ ରୁପମା ଖିଲ, ସମସ୍ତ ୱାର୍ଡ ସଭ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ଝସ କେତନ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଦୁବରାଜ ମୁର୍ମୁ ଓ ସହକାରୀ ଶିକ୍ଷାଧିକାରୀ ଗୁରୁନାଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରୀମାନେ ବିଭିନ୍ନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଯୋଜନା ନେଇ ଲୋକଙ୍କୁ ଅବଗତ କରିଥିଲେ। ପଞ୍ଚାୟତବାସୀ ପାଡୁଆ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କର୍ତ୍ତୃପକ୍ଷ ବାର୍ଷିକ ଚୁକ୍ତିଭିତ୍ତିକ ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇଁ ଖବର କାଗଜରେ ବିଜ୍ଞାପନ ପ୍ରକାଶ କରୁ ନ ଥିବା ଓ ସ୍ଥାନୀୟ ଯୋଗ୍ୟ ଆବେଦନକାରୀଙ୍କୁ ଉପେକ୍ଷା କରି ନିଜ ସମ୍ପର୍କୀୟଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଉଥିବା ଅଭିଯୋଗ କରିଥିଲେ। କୁଲାବିର ପ୍ରାଥମିକ ସ୍କୁଲଠାରୁ ହରିଜନ ସାହି ମାଟି ରାସ୍ତାକୁ ପକ୍କା କରିବା ଓ ଡିପିକ୍ୟାମ୍ପ ଅଞ୍ଚଳ ରାସ୍ତାକଡରେ ବସବାସ କରୁଥିବା କେତେକ ଲୋକ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଦ୍ୱାରା ବିଛା ଯାଇଥିବା ପାଣି ପାଇପକୁ କାଟି ନିଜ ଘରକୁ ପାଣି ନେଉଥିବାରୁ କୁଲାବିର ଗ୍ରାମବାସୀ ପାନୀୟ ଜଳ ସମସ୍ୟାରେ ପଡୁଥିବା ଅଭିଯୋଗ କରିଥିଲେ। ୩ ଅଭିଯୋଗ ପତ୍ର ପଞ୍ଜୀକୃତ କରାଯାଇଥିବା ବିଡିଓ ଦୋରା କହିଛନ୍ତି। ଜିଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି ଦୋରା ସୂଚନା ଦେଇଛନ୍ତି।




ଶିବିରରେ ଉପସ୍ଥିତ ବିଡିଓ ଏବଂ ଅନ୍ୟ ଅଧିକାରୀମାନେ।

# ୪୪ ଅଭିଯୋଗ ଶୁଣିଲେ ଜିଲାପାଳ



ଶିବିରରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତିଓ୍ୱାସନ, ଜୟପୁର ଉପଜିଲାପାଳ ଏ.ଶସ୍ୟା ରେଡ୍ଡୀ, ଏସ୍‌ପି ରୋହିତ ବର୍ମା ଓ ଅନ୍ୟମାନେ।

ବୈପାରିଗୁଡ଼ା,୩୦।୬(କଳ୍ପତରୁ ମହାନ୍ତି)

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ବୈପାରିଗୁଡ଼ା ବ୍ଲକ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହରେ ଜିଲାପାଳଙ୍କ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲାପାଳ ଭି.କୀର୍ତ୍ତିଓ୍ୱାସନ ୪୪ ଅଭିଯୋଗ ଶୁଣିଥିଲେ। ସେଥିରୁ ୨୯ଟି ଗୋଷ୍ଠୀଗତ ଓ ୧୫ଟି ବ୍ୟକ୍ତିଗତ ଅଭିଯୋଗ ଦାଖଲ ହୋଇଥିଲା। ଏଥିରେ ସ୍ଥାନୀୟ ଛକରେ ଟ୍ରାଫିକ୍ ପୋଷ୍ଟ ପ୍ରତିଷ୍ଠା,ନୋଡାଲ ସ୍କୁଲ ଘର ବିଲ୍ଡିଂ ନିର୍ମାଣ, ଦୈନିକ ବଜାର ଭିତ୍ତିଭୂମି ନିର୍ମାଣ ଓ ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବନିର୍ମିତ ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା ଆଦି ଲୋକେ ଅଭିଯୋଗ କରିଥିଲେ। ଶୁଣାଣିରେ ଜିଲା ପୋଲିସ ଏସ୍‌ପି ରୋହିତ ବର୍ମା, ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ ତଥା ବ୍ଲକ୍ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା ଓ ବ୍ଲକ୍ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ରାସ୍ତା ଶୋଚନୀୟ, ଫସିଲା ଆମ୍ବୁଲାନ୍ସ

କୋରୁକୋଣ୍ଡା, ୩୦।୬(ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତରେ ରାସ୍ତା ଶୋଚନୀୟ ଯୋଗୁ ସୋମବାର ଏକ ଆମ୍ବୁଲାନ୍ସ ଫସି ଯାଇଥିଲା। ନାକାମାମୁଡି ପଞ୍ଚାୟତ ହାତୀଆମ୍ବଠାରୁ ଗନ୍ଧିଗୁଡା ରାସ୍ତା ଶୋଚନୀୟ ହୋଇପଡିଛି। ଏହି ରାସ୍ତାରେ ଯାତାୟାତ କଷ୍ଟକର ହୋଇ ପଡିଥିବା ବେଳେ ଗନ୍ଧିଗୁଡା ଗ୍ରାମରେ ଜଣେ ରୋଗୀଙ୍କୁ କୋରୁକୋଣ୍ଡା ଚିକିତ୍ସାଳୟକୁ ଆଣିବା ପାଇଁ ଯାଉଥିବା ଆମ୍ବୁଲାନ୍ସଟି ଅଧା ରାସ୍ତାରେ ଫସି ଯାଇଥିଲା। ଦୀର୍ଘ ସମୟ ଧରି ନ ଆସିବାରୁ ଲୋକେ ଫୋନରେ ଯୋଗଯୋଗ କରି ଆମ୍ବୁଲାନ୍ସ ଅଧା ରାସ୍ତାରେ ଫସିଥିବା ଜାଣିଥିଲେ। ବର୍ଷା ହେବାରୁ କାଦୁଅରେ ଅଟକି ରହିଥିବା ବେଳେ ସ୍ଥାନୀୟ ଲୋକେ ଟ୍ରାକ୍ଟର ନେଇ



ଟାଣି ବାହାର କରିଥିଲେ। ପରେ ସେଥିରେ ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

# ୨ ପୃଥକ ସ୍ଥାନରେ ଗଛ ଉପୁଡ଼ି ରାସ୍ତା ଅବରୋଧ

ନନ୍ଦପୁର, ୩୦।୬(ତୁଷାର କାନ୍ତ ମହାନ୍ତି)

ଲଘୁଚାପ ଜନିତ ବର୍ଷା ପ୍ରଭାବରେ ନନ୍ଦପୁର ବ୍ଲକ ବିଲାପୁଟ ପଞ୍ଚାୟତ ଶଗର–ଜୋଲାପୁଟ ରାସ୍ତାର ୨ ପୃଥକ ସ୍ଥାନରେ ୨ ଗଛ ଉପୁଡ଼ି ରବିବାର ରାତିରୁ ରାସ୍ତା ଅବରୋଧ ହୋଇଛି। ସୂଚନା ପାଇ ସୋମବାର ସକାଳେ ନନ୍ଦପୁର ଅଗ୍ନିଶମ ବାହିନୀର କର୍ମକର୍ତ୍ତା ପହଞ୍ଚି ବିଲାପୁଟ ପଞ୍ଚାୟତ କାର୍ଯ୍ୟାଳୟ ଓ ଜୋଲାପୁଟ ୟୁଜିବି ବ୍ୟାଙ୍କ ନିକଟରେ ପଡ଼ିଥିବା ୨ ଗଛକୁ କାଟି ରାସ୍ତା ଅବରୋଧ ହଟାଇଥିଲେ। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। କେନ୍ଦ୍ରାଧିକାରି ହେମନ୍ତ କୁମାର ସାମଲ, ଫାୟାରମେନ୍ ଦିଲେଶ୍ୱର ସେଠିଆ, ଦୁଃଖନାସନ ଖଡ଼ିଆ, ପ୍ରକାଶ କିସାନ ଓ ଥବିର ଭୋଇ ପ୍ରମୁଖ ସାମିଲ ହୋଇଥିଲେ।



ଅଗ୍ନିଶମ କର୍ମଚାରୀମାନେ ଗଛ କାଟି ସଫା କରୁଛନ୍ତି।

# ୧୧ ଆମିଷ ଦୋକାନ ସିଲ୍ କଲା ପୌର ପ୍ରଶାସନ

କୋରାପୁଟ,୩୦।୬ (ଅମିତାଭ ବେହେରା)

### ପରିବେଶ ସ୍ୱଚ୍ଛ ନ ରଖିଲେ ଜରିମାନା ଆଦାୟ ତାଗିଦା

କୋରାପୁଟ ସହରର ବିଭିନ୍ନ ଆମିଷ ଦୋକାନରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୌର ପରିଷଦ ପକ୍ଷରୁ ସୋମବାର ଚଢ଼ାଉ କରାଯାଇଛି। ସହରରେ ୧୧ଟି ମାଛ, ମାଂସ, ଚିକେନ୍ ଦୋକାନକୁ ସିଲ୍ କରାଯାଇଥିବା ପୌର ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ସୂଚନା ଦେଇଛନ୍ତି। ବାରମ୍ବାର ଆମିଷ ବିକ୍ରେତାଙ୍କୁ ଦୋକାନ ସ୍ୱଚ୍ଛ ରଖିବାକୁ ତାଗିଦା କରାଯାଇଥିଲେ ସୁଦ୍ଧା ବ୍ୟବସାୟୀ ଏଥିପ୍ରତି ଧ୍ୟାନ ଦେଉ ନ ଥିଲେ। ଏ ନେଇ ସହରରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆଜି ପୌର ପରିଷଦ ଟିମ୍ ଆମିଷ ଦୋକାନଗୁଡିକରେ ସ୍ୱଚ୍ଛତାରେ



ଦୋକାନଗୁଡ଼ିକରେ ଚଢ଼ାଉ କରାଯାଉଛି।

ବ୍ୟାପକ ଅନିୟମିତତା ହେଇଥିବା ଦେଖି ସେଗୁଡ଼ିକୁ ସିଲ୍ କରି ଜରିମାନା ଆଦାୟ କରିଛନ୍ତି। ଆଗାମୀ ଦିନରେ ପ୍ରତି ଆମିଷ ଦୋକାନ ସମ୍ମୁଖରେ ବିକ୍ରି ଦର ତାଲିକା ଟାଙ୍ଗିବା ସହ ଦୋକାନର ବର୍ଜ୍ୟ ବସ୍ତୁ ନାଳରେ ନ ପକାଇ ଡଷ୍ଟବିନ୍ ରଖିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ମାର୍କେଟ ନିର୍ମିତ ଗାଡି ପାର୍କିଂ ସ୍ଥାନରୁ ପନିପରିବା ଓ ମାଛ ଦୋକାନକୁ ଉଠାଇବାକୁ ମ୍ୟୁନିସିପାଲିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ କେହି ଖିଲାପ କରିଲେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇ ଦୋକାନ ଲାଇସେନ୍ସ ରଦ୍ଦ କରିବାକୁ ପଦକ୍ଷେପ ନିଆଯିବ। ଏହି ଚଢ଼ାଉ ଆଗକୁ ଜାରି ରହିବ ବୋଲି ପୌର ନିର୍ବାହୀ ଅଧିକାରୀ କହିଛନ୍ତି। ଚଢ଼ାଉରେ କୋରାପୁଟ ଜିଲା ସ୍ୱଚ୍ଛତା ନିରୀକ୍ଷକ ଅଧିକାରିଣୀ ସୁପ୍ରଭା ମଲ୍ଲିକ ଓ ପୌର ପରିଷଦ ସ୍ୱଚ୍ଛତା ଅଧିକାରୀ ଭରତ ହାଲୁବା, ପୋଲିସ କର୍ମୀ ଓ ପୌର କର୍ମୀମାନେ ସାମିଲ ହୋଇଥିଲେ।

# ବିଭିନ୍ନ ମୌଳିକ ସମସ୍ୟାର ଶୁଣାଣି

ଜୟପୁର,୩୦।୬(ପବନ ପାଣିଗ୍ରାହୀ)

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର ବ୍ଲକ୍ ଅନ୍ତର୍ଗତ ଗଡପଦରରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧିକାରୀମାନେ ବିଭିନ୍ନ ମୌଳିକ ସମସ୍ୟାର ଶୁଣାଣି କରିଥିଲେ। ଶିବିରରେ ଜୟପୁର ଏବିଡିଓ ମନୋଜ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ, ସହକାରୀ ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ଜିପିଓ ସ୍ମୃତିରଞ୍ଜନ ନାୟକ, ସରପଞ୍ଚ,ସମିତି ସଭ୍ୟା, ଜିଆରଏସ୍ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍, କୃଷି ବିଭାଗ, ଯୋଗାଣ ସହାୟକ ଓ ଅନ୍ୟ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଆରଡି ରାସ୍ତା ଓ ଅଙ୍ଗନୱାଡି କେନ୍ଦ୍ର ମରାମତି ନେଇ ଅଭିଯୋଗ କରିଥିଲେ। ଲୋକେ ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବା ନେଇ ଅଧିକାରୀମାନେ ସଚେତନ କରିଥିଲେ। ରାବଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା।



ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ୬ ଘଣ୍ଟା ରାସ୍ତା ଅବରୋଧ କଲେ ଲୋକେ

ସେମିଲିଗୁଡା/ସୁନାବେଡା, ୩୦।୬ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

### ସଡ଼କ ଦୁର୍ଘଟଣାରେ ଜଣେ ମୃତ,୨ ଗୁରୁତର

ସେମିଳିଗୁଡ଼ା ଗେରୁଗାଡ଼ ନିକଟରେ ରବିବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ରହିଛନ୍ତି। ମୃତକ ହେଲେ ସେମିଳିଗୁଡ଼ା ବ୍ଲକ ଦଳେଇଗୁଡ଼ା ପଞ୍ଚାୟତ କୁଡୁଗାଁର ମୋତି ନନ୍ଦିବାଲି(୬୫)। ୨ ଗୁରୁତର ହେଲେ ମୋତିଙ୍କ ସ୍ୱାମୀ ରାମ ସୁବୁଦ୍ଧି ଓ ଝିଅ ରାଧାମଣି। ଏ ନେଇ ଗ୍ରାମବାସୀ କ୍ଷତିପୂରଣ ଦାବି କରି ୬ ଘଣ୍ଟା ରାସ୍ତାରୋକୋ କରିଥିଲେ। ସୂଚନା ଅନୁଯାୟୀ, ରବିବାର ରାତିରେ ରାମ ତାଙ୍କ ସ୍ତ୍ରୀ ଓ ଶାଶୁ ମୋତିଙ୍କୁ ନେଇ ବାଇକ୍(ଓଆର-୧୦ଏଚ୍-୬୭୧୯) ଯୋଗେ ସେମିଳିଗୁଡ଼ାରୁ ଗାଁକୁ ଫେରୁଥିଲେ। ଏହି ସମୟରେ କୋରାପୁଟ ଅଭିମୁଖେ ଯାଉଥିବା ଏକ ଟ୍ରକ୍(ଏପି-୩୯ୟୁଏଲ୍-୩୪୪୪)ର ଚକା ତଳେ ପଡ଼ିଯିବାରୁ ଘଟଣାସ୍ଥଳରେ ମୋତିଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ସେମିଳିଗୁଡା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରଙ୍କୁ ମେଡିକାଲକୁ ପଠାଇଥିଲେ। ଘଟଣା ପରେ ଗ୍ରାମବାସୀ କ୍ଷତିପୂରଣ ଦାବି କରି ୬ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାସ୍ତାରୋକ କରିଥିଲେ। ଘଟଣାସ୍ଥଳରେ ସେମିଳିଗୁଡା ଥାନା ଅଧିକାରୀ ଅନିତା କୁଜୁର, ସୁନାବେଡା ଏସଡିପିଓ ସୁମିତ୍ରା ଜେନା, ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କରାତି, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ନାୟକ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଏ ନେଇ ସେମିଳିଗୁଡ଼ା ଥାନାରେ କେସ ନଂ ୭୯/୨୫ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛି। ପୋଲିସ ୨ ଗାଡ଼ିକୁ ଜବତ କରି ଥାନାରେ ରଖିଛି। ଟ୍ରକ୍ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ତଦନ୍ତ ଦାୟିତ୍ୱରେ ଥିବା ଥାନା ଏସ୍‌ଆଇ ବାବଜି ଚରଣ କୁହଁର ସୂଚନା ଦେଇଛନ୍ତି।



ଲୋକେ ରାସ୍ତାରୋକୋ କରିଛନ୍ତି।

# ସହରକୁ ସ୍ୱଚ୍ଛ, ସୁନ୍ଦର କରିବାକୁ ସଂକଳ୍ପ

### କୋରାପୁଟ ମ୍ୟୁନିସିପାଲିଟି, ଚାମ୍ବର୍ସ ଅଫ କମର୍ସ କର୍ମକର୍ତ୍ତା ବୈଠକ

କୋରାପୁଟ,୩୦।୬ (ଅମିତାଭ ବେହେରା)

କୋରାପୁଟ ମ୍ୟୁନିସିପାଲିଟି ସମ୍ମିଳନୀ କକ୍ଷରେ ପୌର ପ୍ରଶାସନ ଓ ଚାମ୍ବର୍ସ ଅଫ କମର୍ସ କର୍ମକର୍ତ୍ତାଙ୍କ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ଚାମ୍ବର୍ସ ଅଫ କମର୍ସର ସଭାପତି ଟି.କିରଣ କୁମାର ଓ ବହୁ ସଦସ୍ୟ ଉପସ୍ଥିତ ଥିଲେ। ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାକୁ ନିଷ୍ପତ୍ତି ହୋଇଥିଲା। ସହର ମୁଖ୍ୟ ରାସ୍ତାର ଚଉଡ଼ା କରିବା ଓ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ସ୍ୱଚ୍ଛତା ଅବଲମ୍ବନ କରିବାକୁ ମ୍ୟୁନିସିପାଲିଟି ସହ ହାତ ମିଳାଇ କାର୍ଯ୍ୟ କରିବେ ବୋଲି ସହମତି ଜଣାଇଥିଲେ। ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ସମସ୍ତ ବ୍ୟବସାୟୀଙ୍କ ଟ୍ରେଡ ଲାଇସେନ୍ସ ବାଧ୍ୟତାମୂଳକ କରିବା, ଡଷ୍ଟବିନ ବ୍ୟବହାର କରିବା ଓ ସିଙ୍ଗଲ ୟୁଜ ପଲିଥିନ ନିଷେଧ କରିବା ନେଇ କର୍ମକର୍ତ୍ତାଙ୍କୁ ବୈଠକରେ ପରାମର୍ଶ ଦିଆଯାଇଥିବା ନିର୍ବାହୀ ଅଧିକାରୀ ତ୍ରିପାଠୀ କହିଛନ୍ତି। କର୍ମକର୍ତ୍ତାମାନେ ମଧ୍ୟ ସହରକୁ ସୁନ୍ଦର ରଖିବାକୁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ କୋରାପୁଟ ପୌର ପରିଷଦର ବହୁ ଅଧିକାରୀ ଓ ବ୍ୟବସାୟୀ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ପୌରାଧିକାରୀ ଓ ଚାମ୍ବର୍ସ କମର୍ସର କର୍ମକର୍ତ୍ତାମାନେ।

# କୋଟିପତି ଅଧିକାରୀଙ୍କ ୮୪ ଏକର ଜମି ଠାବ

## ଭୁବନେଶ୍ୱର, କଳାହାଣ୍ଡି, ନବରଙ୍ଗପୁରର ୮ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ

■ନବରଙ୍ଗପୁରରେ ଦୁଇ ଫାର୍ମହାଉସ

■ ୨ କୋଠା, ଗୋଟିଏ ଫ୍ଲାଟ, ୫୮ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା


ଦୟାନିଧି ବାଗ

ନବରଙ୍ଗପୁର,(ସଦାଶିବ ପ୍ରହରାଜ)/ ଭୁବନେଶ୍ୱର,୩୦।୬(ସତ୍ୟଜିତ୍ ରାଉତ)

ରାୟଗଡ଼ା ଜଳ ବିଭାଜିକା ପ୍ରକଳ୍ପର ପୂର୍ବତନ ନିର୍ଦ୍ଦେଶକ (ପିଡି) ତଥା ବର୍ତ୍ତମାନ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗ ସୋମବାର ଭିଜିଲାନ୍ସ ଜାଲରେ ଫସିଛନ୍ତି। ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଦୟାନିଧିଙ୍କ ଭୁବନେଶ୍ୱର, କଳାହାଣ୍ଡି ଓ ନବରଙ୍ଗପୁରର ୮ଟି ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ ହୋଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଦୟାନିଧିଙ୍କ କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ କୁପାଗାଁସ୍ଥିତ ଘର, ଧର୍ମଗଡ଼ ଥାନା ଅନ୍ତର୍ଗତ ବିକ୍ରମଗଡ଼ସ୍ଥିତ ଶ୍ୱଶୁର ଘର, ଭୁବନେଶ୍ୱରସ୍ଥିତ ଅଫିସ ଚାମ୍ବର ଆଦି ରହିଛି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହେଉଥିବାବେଳେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୮ଟି ଟିମ୍‌ରେ ୧୦ଜଣ ଡିଏସ୍‌ପି, ୮ ଇନ୍ସପେକ୍ଟର, ୧୦ ଏଏସ୍ଆଇ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ଦୟାନିଧିଙ୍କ ବହୁ ପ୍ଲଟ୍, ଫ୍ଲାଟ ସମେତ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଭିଜିଲାନ୍ସ ଠାବ କରିଛି। ଦୟାନିଧିଙ୍କ ମୋଟ ୮୪ ଏକର ଜମି ଠାବ ହୋଇଥିବା ବେଳେ ଭିଜିଲାନ୍ସ ଇତିହାସରେ ଏହା ସବୁଠୁ ଅଧିକ ବୋଲି ସୂଚନା ଦିଆଯାଇଛି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଦୟାନିଧିଙ୍କ ଭୁବନେଶ୍ୱର ଗୋଠପାଟଣାସ୍ଥିତ ମହାନଦୀ ଆପାର୍ଟମେଣ୍ଟରେ ଏକ ୩ ବିଏଚ୍‌କେ ଫ୍ଲାଟ(ନଂ.୧-ଡି), ନବରଙ୍ଗପୁର ଟାଉନସ୍ଥିତ ମାଝିଗୁଡ଼ା ଛକ ନିକଟରେ ୩ହଜାର ବର୍ଗଫୁଟରେ ଏକ ନିର୍ମାଣାଧୀନ ଘର, ନବରଙ୍ଗପୁର ଟାଉନରେ ୧୪୦୦ ବର୍ଗଫୁଟରେ ୫ଟି ଦୋକାନ ଘର ବିଶିଷ୍ଟ ସପିଂ କମ୍ପ୍ଲେକ୍ସ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ହାଉସିଂବୋର୍ଡକଲୋନୀରେ ଗୋଟିଏ କୋଠା ଠାବ ହୋଇଛି। ସେହିପରି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ତହସିଲ ଅଧୀନ ବିଜରାଗୁଡ଼ାରେ ୪୦ ଏକର ପରିମିତ ଏକ ଫାର୍ମ ହାଉସ ହୋଇଛି। ଏଥିରେ ଫାର୍ମ ଉପକରଣ ଓ କୃଷି ସାମଗ୍ରୀ ସମେତ ୧କୋଟି ଟଙ୍କାର ନିବେଶ ହୋଇଛି। ସେହିପରି ନବରଙ୍ଗପୁର ତହସିଲ ଅଧୀନ ପଟାକୋଟ ଗ୍ରାମରେ ୬ ଏକର ଜମିରେ ଫାର୍ମ ହାଉସ୍ ଠାବ ହୋଇଥିବାବେଳେ ଏଥିରେ ୪୬.୧୨ଲକ୍ଷ ଟଙ୍କାର ଟଙ୍କା ଖର୍ଚ୍ଚ କରାଯାଇଛି। ନବରଙ୍ଗପୁର ଜିଲାରେ ୨୭ ଏକର ଜମି ଓ ଭବାନୀପାଟଣା ଟାଉନରେ ୧୧ ଏକର ଜମି ଠାବ ହୋଇଛି। ଭିଜିଲାନ୍ସ ଟେକ୍‌ନିକାଲ ଉଇଙ୍ଗ କୋଠା, ଫ୍ଲାଟ ଓ ଫାର୍ମହାଉସ ଆଦିର ପ୍ରକୃତ ମୂଲ୍ୟ ଜାଣିବାକୁ ପ୍ରୟାସ କରୁଛି। ଏଥିସହ ଦୟାନିଧିଙ୍କ ଘରୁ ୩୧୨ ଗ୍ରାମର ସୁନା ଅଳଙ୍କାର ମିଳିଥିବା ବେଳେ ସେ ୫୮ ଲକ୍ଷ ୪୧ ହଜାର ୪୨୨ ଟଙ୍କାର ବ୍ୟାଙ୍କ ଜମା ରଖିଥିବା ଜଣାପଡ଼ିଛି। ଦୟାନିଧିଙ୍କ ଘରୁ ଗୋଟିଏ ବେନାମି ଚାରିଚକିଆ ଯାନ (ବ୍ରିଜା) ଓ ଗୋଟିଏ ଦୁଇ ଚକିଆ ଯାନ ଏବଂ ୯ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ ହୋଇଛି।

### ୪ ଅଧିକାରୀଙ୍କ ଗିରଫ ପରେ ସ୍କାନରରେ ଥିଲେ ଦୟାନିଧି

**ପୋଖରୀ ଖନନ ନାଁରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ମାମଲା**

ସରକାରୀ ଟଙ୍କା ଆତ୍ମସାତ ଅଭିଯୋଗରେ ଦୟାନିଧି କାର୍ଯ୍ୟ କରୁଥିବା ପୂର୍ବ କାର୍ଯ୍ୟାଳୟର ୪ଜଣ ଅଧିକାରୀ ଗିରଫ ହେବାପରେ ଭିଜିଲାନ୍ସ ସ୍କାନରରେ ଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ପୋଖରୀ ଖନନ ନାଁରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ଅଭିଯୋଗରେ ରାୟଗଡ଼ା ଜିଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ୪ଜଣ ଅଧିକାରୀ ଗତ ମେ' ୨୨ତାରିଖରେ ଭିଜିଲାନ୍ସ ଜାଲରେ ଫସିଥିଲେ। କୋରାପୁଟ ଭିଜିଲାନ୍ସ ଥାନାରେ ଏନେଇ ମାମଲା (ନଂ.୨୦/୨୦୨୫) ରୁଜୁ କରାଯାଇ ଜିଲା ଜଳଛାୟା ପ୍ରକଳ୍ପର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ (ଏପିଡି) ରାଜେନ୍ଦ୍ର ନାଥ ନାୟକ, ଓଭରସିଅର ଯୋଗେନ୍ଦ୍ର ଖୋସ୍‌ଲା, ଦୀପକ କୁମାର ସାହୁ ଏବଂ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ ଅଧିକାରୀ ଶ୍ରୀକୁମାର ନାୟକଙ୍କୁ ଗିରଫ କରାଯାଇଥିଲା। ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ପୋଖରୀ ଖନନ ନାଁରେ ସରକାରୀ ପାଣ୍ଠି ଆତ୍ମସାତ ହୋଇଥିଲା। ମାମଲା ପରେ ଦୟାନିଧିଙ୍କ ବଦଳି ହୋଇଯାଇଥିଲା। ଟଙ୍କା ହଡ଼ପରେ ପ୍ରକଳ୍ପ ନିର୍ଦ୍ଦେଶକ ଥିବା ଦୟାନିଧିଙ୍କ ହାତ ଥିବା ସନ୍ଦେହ କରି ଭିଜିଲାନ୍ସ ତାଙ୍କୁ ସ୍କାନରରେ ରଖିଲା ବୋଲି ସୂଚନା ଦିଆଯାଇଛି।


ନବରଙ୍ଗପୁରରେ ୧୪୦୦ ବର୍ଗଫୁଟରେ ଥିବା ସପିଂ କମ୍ପ୍ଲେକ୍ସ

# ବଚସାରୁ ଯୁବକଙ୍କୁ ହତ୍ୟା

ଦିଗପହଣ୍ଡି,୩୦।୬(ଅଶେଷ ନାଥ ମିଶ୍ର)

ସାମାନ୍ୟ ବଚସାକୁ କେନ୍ଦ୍ରକରି ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଧୀନ ଭୀଷ୍ମଗିରି ଗ୍ରାମ ଉଷାକୋଠି ସାହିର ଜଣେ ଯୁବକଙ୍କୁ ସୋମବାର ହତ୍ୟା କରାଯାଇଛି। ସେ ହେଲେ ବି.ରାମଚନ୍ଦ୍ର ପାତ୍ର ଓରଫ ଟୁଲୁ (୪୦)। ଏହି ଘଟଣାରେ କେ. ସନ୍ତୋଷ ପାତ୍ର(୩୨)ଙ୍କୁ ପୋଲିସ ଦିଗପହଣ୍ଡି ବସ୍‌ଷ୍ଟାଣ୍ଡରୁ ଫେରାର ହୋଇଯାଉଥିବା ବେଳେ ଧରି ଆଣି ଅଟକ ରଖି ପଚରାଉଚରା କରୁଛି। ଘଟଣା ସମ୍ପର୍କରେ ଜାଣିବା ପରେ ଏସ୍‌ପି ଡା. ସର୍ବଣା ବିବେକ ଏମ୍. ଘଟଣାସ୍ଥଳ ପରିଦର୍ଶନ କରି ଥାନାରେ ପହଞ୍ଚି ଅନୁଧ୍ୟାନ କରି ଫେରିଛନ୍ତି।

ଖବରରୁ ପ୍ରକାଶ, ଭୁବନେଶ୍ୱରରେ ଦିନ ମଜୁରିଆ ଭାବେ କାମ କରୁଥିବା ରାମଚନ୍ଦ୍ର ମାସେ ହେଲା ଗାଁକୁ ଫେରିଥିଲେ। ଗତ ଶୁକ୍ରବାରଠାରୁ ରାମଚନ୍ଦ୍ର ଏବଂ ତାଙ୍କ ସମ୍ପର୍କୀୟଙ୍କ ପକ୍ଷରୁ ଘରେ ଶ୍ରୀନୃସିଂହ ମହାପ୍ରଭୁଙ୍କ ପୂଜା କାର୍ଯ୍ୟ ଚାଲିଥିଲା। ଘରେ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ରାମଚନ୍ଦ୍ର ସନ୍ତୋଷ ଓ ତାଙ୍କ ପରିବାର ଲୋକଙ୍କୁ ପୂଜା କାର୍ଯ୍ୟରେ ସାମିଲ ହେବାକୁ ନିମନ୍ତ୍ରଣ କରି ନ ଥିଲେ। ରବିବାର ସନ୍ଧ୍ୟାରେ ସନ୍ତୋଷ ଏନେଇ ରାମଚନ୍ଦ୍ରଙ୍କୁ ପଚାରିଥିଲେ। କଥାବାର୍ତ୍ତାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇ ମାରପିଟ୍ ଯାଏ କଥା ଯାଇଥିଲା। ପରେ ଉଭୟଙ୍କ ସମ୍ପର୍କୀୟ ଏବଂ ଜାତି କୁଳମୁଖିଆଙ୍କ ହସ୍ତକ୍ଷେପ ପରେ ଘଟଣାର ଆପୋସ ସମାଧାନ ହୋଇଥିଲା। ରାମଚନ୍ଦ୍ର ଘରେ ଶୋଇଥିବା ବେଳେ ରାତି ପ୍ରାୟ ୨ଟାରେ ଲାଇନ କଟିଯାଇଥିଲା। ଗରମ ଯୋଗୁ ସେ ବାହାରକୁ ଆସି ପିଣ୍ଡାରେ ଶୋଇଥିଲେ। ଭୋର ସମୟରେ ତାଙ୍କୁ ସନ୍ତୋଷ ଠେଙ୍ଗାରେ ପିଟିପିଟି ହତ୍ୟା କରିବା ପରେ ସେ ଗାଁରୁ ଫେରାର ହୋଇଯାଇଥିଲେ। ଖବରପାଇ ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ବ୍ରହ୍ମପୁରରୁ ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ ଆସି ସରଜମିନ ତଦନ୍ତ କରି ଫେରିଛନ୍ତି। ଏନେଇ ଏତଲା ହେବା ପରେ ନଂ. ୨୩୬/୨୫ରେ ପୋଲିସ ଏକ ମାମଲା ରୁଜୁ କରି ସନ୍ତୋଷଙ୍କ ୨ଜଣ ସମ୍ପର୍କୀୟଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରି ପରେ ଉଭୟଙ୍କୁ ଛାଡିଦେଇଛି। ତେବେ ସୂଚନା ପାଇ ପୋଲିସ ଦିଗପହଣ୍ଡି ବସ୍‌ଷ୍ଟାଣ୍ଡରୁ ସନ୍ତୋଷଙ୍କୁ ଧରିଛି। ଅନ୍ୟପକ୍ଷରେ ହତ୍ୟାରେ ବ୍ୟବହୃତ ଠେଙ୍ଗାକୁ ପୋଲିସ ତଦନ୍ତ ବେଳେ ନିକଟସ୍ଥ ଡ୍ରେନରୁ ଜବତ କରିଛି।

# ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

ଢେଙ୍କାନାଳ,୩୦।୬(ରତନ ନାୟାର)

**୨ ହାତ କାଟି ହତ୍ୟା ଉଦ୍ୟମ ମାମଲା**

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଚନ୍ଦ୍ରଶେଖରପ୍ରସାଦ ଅଞ୍ଚଳର ରଜତ କୁମାର ରାଉତଙ୍କ ୨ ହାତ କାଟି ହତ୍ୟା ଉଦ୍ୟମ କରାଯିବା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଏହି ମାମଲାର ରାୟ ପ୍ରକାଶ କରି ଅତିରିକ୍ତ ସେସନ ଜଜ୍ ତଥା ମହିଳା ଅଦାଲତ ବିଚାରପତି ସୁନିତା ରାଉତ ଅଭିଯୁକ୍ତ ସୁଶାନ୍ତ ଧଳଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ, ୨୦୧୬ ଅକ୍ଟୋବର ୨୮ ରାତି ପ୍ରାୟ ୧୨ଟାରେ ଚନ୍ଦ୍ରଶେଖର ପ୍ରସାଦ ଗ୍ରାମ ପୋଖରୀରୁ ମାମଲାର ୨ ଅଭିଯୁକ୍ତ ସୁଶାନ୍ତ ଓ ପ୍ରଶାନ୍ତ ଧଳ ମାଛ ମାରୁଥିବା ଦେଖି ରଜତ ବିରୋଧ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ଦ୍ୱୟ ରଜତଙ୍କୁ ଆକ୍ରମଣ କରିଥିଲେ। ଏକ ପାଇଖାନା ଭିତରେ ପୂରାଇ ବେକରେ ଜିଆଇ ତାର ଗୁଡ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ। ୨ ହାତକୁ ଦଉଡ଼ିରେ ବାନ୍ଧି ହାଣି ଅଲଗା କରିଦେଇଥିଲେ। ଖବରପାଇ ବାପା ରସାନନ୍ଦ ଓ ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ରଜତଙ୍କୁ ଉଦ୍ଧାର କରି ଜଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ପଠାଯାଇଥିଲା। ୩ମାସ ଚିକିତ୍ସା ପରେ ମଧ୍ୟ ରଜତଙ୍କ ହାତ ଆଉ ଯୋଡ଼ାଯାଇ ପାରି ନ ଥିଲା। ରସାନନ୍ଦଙ୍କ ଅଭିଯୋଗ ପରେ ସଦର ଥାନାରେ ନଂ. ୩୮୨/୧୬ରେ ଏକ ମାମଲା ରୁଜୁ କରାଯାଇଥିଲା। ମୋଟ ୧୮ଜଣଙ୍କ ସାକ୍ଷ୍ୟ ଓ ଅନ୍ୟ ପ୍ରମାଣକୁ ବିଚାରକୁ ନେଇ ସିଟି ସେସନ୍ସ କେସ୍ ନଂ-୬୩/୧୭ର ବିଚାର କରି ଅତିରିକ୍ତ ସେସନ୍ସ ଜଜ୍ ଅଭିଯୁକ୍ତ ସୁଶାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଢେଙ୍କାନାଳର ପୂର୍ବତନ ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା ମାମଲା ପରିଚାଳନା କରିଥିବା ବେଳେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୂର୍ଯ୍ୟ ନାରାୟଣ ତ୍ରିପାଠୀ ସହାୟତା କରିଥିଲେ।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

ବାରିପଦା,୩୦।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ସୋମବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପୂର୍ଣ୍ଣିମା ଜେନା ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଝାରପୋଖରିଆ ଥାନା ଅଧୀନ ପାଣ୍ଡରା ଗ୍ରାମର କାହ୍ନୁ ସିଂ(୩୬)। ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଏପ୍ରିଲ ୨୨ରେ କୌଣସି କାରଣକୁ ନେଇ କାହ୍ନୁ ସହିତ ତାଙ୍କ ସ୍ତ୍ରୀ ଅଞ୍ଜଳିଙ୍କ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ କାହ୍ନୁ ଏକ କାଠରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ଅଞ୍ଜଳିଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଅଞ୍ଜଳିଙ୍କ ଭାଇ ଝାରପୋଖରିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ବାଂଲାଦେଶୀ ଦମ୍ପତି ଅଟକ

**ଭିଜା ଯାଞ୍ଚ ପରେ ଛାଡ଼ିଲା ପୋଲିସ**

ବାସୁଦେବପୁର,୩୦।୬(ନାରାୟଣ ପ୍ରସାଦ ବାରିକ୍): ଭଦ୍ରକ ଜିଲା ବାସୁଦେବପୁର ବ୍ଲକର କଷିଆ ସାମୁଦ୍ରିକ ଥାନା ଅଧୀନ ବିନୋବାଭାବେନଗର ଗ୍ରାମକୁ ନିଜ ଭାଇଙ୍କ ଘରକୁ ଆସିଥିବା ଏକ ବାଂଲାଦେଶୀ ଦମ୍ପତି ସୋମବାର ହଟହଟା ହୋଇଛନ୍ତି। କଷିଆ ସାମୁଦ୍ରିକ ଥାନା ପୋଲିସ ସେମାନଙ୍କୁ ଅଟକ ରଖି ଭିଜା ଯାଞ୍ଚ କରିବା ପରେ ଛାଡ଼ିଛି। ଉକ୍ତ ଦମ୍ପତି ହେଉଛନ୍ତି ସୁପାଦ କୁମାର ବାଇ(୬୦) ଓ ତାଙ୍କ ସ୍ତ୍ରୀ ଛବିରାଣୀ ବାଇ(୪୭)। ସୂଚନା ଅନୁଯାୟୀ, ବାଂଲାଦେଶର ଖୋଲନା ଜିଲା ଶୁକବାରିଆ ଗାଁର ସୁପାଦ ହୃଦ୍‌ରୋଗ ଚିକିତ୍ସା ପାଇଁ ଭିଜା ନେଇ କୋଲକାତାକୁ ଆସିଥିଲେ। ତାଙ୍କୁ ସହାୟତା ପାଇଁ ଆଟେଣ୍ଡାଣ୍ଟ ଭିଜା କରି ତାଙ୍କ ସ୍ତ୍ରୀ ଛବିରାଣୀ ମଧ୍ୟ ତାଙ୍କ ସହ ଆସିଥିଲେ। ସୁପାଦଙ୍କର ଜଣେ ଭାଇ ଅରୁଣ କୁମାର ବାଇ ଦୀର୍ଘବର୍ଷ ଧରି ବିନୋବାଭାବେନଗରରେ ରହିଆସୁଛନ୍ତି। ସୁପାଦ ଓ ତାଙ୍କ ସ୍ତ୍ରୀ ରବିବାର ରାତିରେ ଅରୁଣଙ୍କ ଘରକୁ ଆସିଥିଲେ।

**Business**

# ରେକର୍ଡ ସ୍ତରରେ ଜିଏସ୍‌ଟି ସଂଗ୍ରହ

ନୂଆଦିଲ୍ଲୀ,୩୦।୬ (ଅଭୟ ଦାଶ)




■୨୦୨୪-୨୫ ବର୍ଷରେ ୨୨.୮ ଲକ୍ଷ କୋଟି

■ଜିଏସ୍‌ଟିକୁ ୮ବର୍ଷ ପୂର୍ତ୍ତି

ଦେଶର ଅର୍ଥ ବ୍ୟବସ୍ଥାକୁ ମଜଭୁତ କରିବା ଓ ଏକକ ଟିକସ ସଂଗ୍ରହ ଲକ୍ଷ୍ୟରେ କେନ୍ଦ୍ର ସରକାର ୨୦୧୭ ଜୁଲାଇରେ ସାମଗ୍ରୀ ଓ ସେବା ଟିକସ ବା ଜିଏସ୍‌ଟିର ଅୟ ଆରମ୍ଭ କରିଥିଲେ। ଏହାରି ମଧ୍ୟରେ ଜିଏସଟି ଲାଗୁ ବା କାର୍ଯ୍ୟକାରୀକୁ ୨୦୨୫ ଜୁଲାଇ ପହିଲାରେ ଆଠ ବର୍ଷ ପୂରଣ ହେଉଛି। ବିଶେଷ କରି ଆର୍ଥିକ ଏକୀକରଣ ଉଦ୍ଦେଶ୍ୟ ନେଇ ୨୦୧୭ ଜୁଲାଇ ୧ରେ ଜିଏସଟି ଆଇନ କାର୍ଯ୍ୟକାରୀ ହୋଇଥିଲା। ଏହା ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାକୁ ଏକକ, ସମନ୍ୱିତ ଏବଂ ସୁବ୍ୟବସ୍ଥିତ କରିଛି। ସେହିଭଳି ଏହା ଟିକସ ଅନୁପାଳନକୁ ସହଜ କରିବା ସହିତ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ଖର୍ଚ୍ଚ ହ୍ରାସ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଏସଟିକୁ ନୂତନ ଭାରତର ଏକ ଯୁଗାନ୍ତକାରୀ ଆଇନ ଭାବେ ଅଭିହିତ କରିଛନ୍ତି। ସେହିପରି ଗତ ୮ବର୍ଷ ମଧ୍ୟରେ ଜିଏସଟି ଅନେକ ଉପଲବ୍ଧି ହାସଲ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ସକଳ ଜିଏସଟି ସଂଗ୍ରହ ରେକର୍ଡ ସହ ୨୨.୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଏହା ପୂର୍ବ ବର୍ଷ ତୁଳନାରେ ୯.୪% ବୃଦ୍ଧି ପାଇଛି। ଏହି ବର୍ଷ ହାରାହାରି ମାସିକ ସଂଗ୍ରହ ୧.୮୪ ଲକ୍ଷ କୋଟି ଟଙ୍କା ରହିଥିଲା। ଏହି ବୃଦ୍ଧି ଟିକସ ଅନୁପାଳନରେ ସୁଧାର ଏବଂ ଅର୍ଥ ବ୍ୟବସ୍ଥାର ଆନୁଷ୍ଠାନିକ କାରଣ କରିଛି। ଅପରପକ୍ଷରେ ଜିଏସଟି ସଂଗ୍ରହ ମଧ୍ୟ ପ୍ରତ୍ୟେକ ବର୍ଷ ବଢ଼ିବାରେ ଲାଗିଛି। ୨୦୨୦-୨୧ରେ ୧୧.୩୭ ଲକ୍ଷ କୋଟି ଟଙ୍କା, ଏହାର ପରବର୍ଷ ୧୮.୦୮ ଲକ୍ଷ କୋଟି ଟଙ୍କା, ୨୦୨୨-୨୩ରେ ୧୮.୦୮ ଲକ୍ଷ କୋଟି ଟଙ୍କା ଏବଂ ୨୦୨୩-୨୪ରେ ୨୦.୧୮ ଲକ୍ଷ କୋଟି ଟଙ୍କାର ଜିଏସଟି ସଂଗ୍ରହ କରାଯାଇଥିଲା। ଏହା ଅନୁପାଳନ ଏବଂ ଆର୍ଥିକ କାର୍ଯ୍ୟ କଳାପରେ ସ୍ଥିର ଅଭିବୃଦ୍ଧିକୁ ଦର୍ଶାଉଛି। ସକ୍ରିୟ କରଦାତାଙ୍କ ସଂଖ୍ୟାରେ ମଧ୍ୟ ତୀବ୍ର ବୃଦ୍ଧି ଘଟିଛି। ୨୦୨୫ ଏପ୍ରିଲ ୩୦ ସୁଦ୍ଧା ୧.୫୧ କୋଟିରୁ ଅଧିକ ସକ୍ରିୟ ଜିଏସଟି ପଞ୍ଜୀକରଣ ରହିଛି।

ନିକଟରେ ଡେଲଏଟ ସଂସ୍ଥାର ଏକ ରିପୋର୍ଟରେ ଜିଏସଟି ବ୍ୟବସ୍ଥାକୁ ଉଚ୍ଚପ୍ରଶଂସା କରାଯାଇଛି। ସମୟୋଚିତ ସଂସ୍କାର, ଟିକସଦାତାଙ୍କର ମାର୍ଗଦର୍ଶନ, ଜିଏସଟି ପୋର୍ଟାଲର ସ୍ଥିର ବିକାଶ ପାଇଁ ଏହି ସଂସ୍ଥା ସରକାରଙ୍କୁ ଶ୍ରେୟ ଦେଇଛି। ଜିଏସଟି ଟିକସ ବ୍ୟବସ୍ଥାକୁ ଦୃଢ଼ କରିବା ସହିତ ବ୍ୟବସାୟିକ ସୁଗମତାରେ ସୁଧାର ଆଣିଛି। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ ସହିତ ଜିଏସଟି ପରିଷଦ ଜିଏସଟି ଟିକସ ଦର ନିର୍ଦ୍ଧାରଣ କରିଥାଏ। ବର୍ତ୍ତମାନ ଦେଶରେ ବିଭିନ୍ନ ସାମଗ୍ରୀ ଏବଂ ସେବା ପାଇଁ ୫, ୧୨, ୧୮ ଏବଂ ୨୮% ହାରରେ ଜିଏସଟି ଲାଗୁ ହେଉଛି।

ଜିଏସଟି ଦ୍ୱାରା ଏକ ରାଷ୍ଟ୍ର ଏକ ଟିକସ' ସଂକଳ୍ପ ସାକାର ହୋଇଛି, ବହିର୍ଶୁଳ୍କ, ସେବାଶୁଳ୍କ, ଭାଟ୍ ଏବଂ ଅନ୍ୟାନ୍ୟ ଜଟିଳ ଶୁଳ୍କ ପରିବର୍ତ୍ତେ ଗୋଟିଏ ଜିଏସଟି ଲାଗୁ ହେଉଛି।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୩୦।୬

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୪୫୨(୪୫୨.୪୪) ପଏଣ୍ଟ ହ୍ରାସ ଘଟି ୮୩,୬୦୬ (୮୩,୬୦୬.୪୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୧୨୧ (୧୨୦.୭୫) ପଏଣ୍ଟ କମି ୨୫, ୫୧୭ (୨୫,୫୧୭.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ବିଓଏମ୍‌ର ନୂତନ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୩୦।୬

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ନୂତନ ଶାଖା ଝାରସୁଗୁଡ଼ା ଜିଲାର ମୁଙ୍ଗପଡାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରରେ ବିଓଏମ୍ ଆଞ୍ଚଳିକ ପ୍ରବନ୍ଧକ ଦିଲ୍ଲୀପ କୁମାର ରାଉଳ ଏବଂ ଶାଖା ପ୍ରବନ୍ଧକ କୋଳୟ ବିରୁଳି ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ବିଓଏମ ଆଞ୍ଚଳିକ ପ୍ରବନ୍ଧକ ରାଉଳ ଭୁବନେଶ୍ୱର ଅଞ୍ଚଳରେ ବ୍ୟାଙ୍କର ଶାଖା ସମ୍ପ୍ରସାରଣ ସମ୍ପର୍କରେ ନିଜର ମତ ରଖିଥିଲେ। ସେହିପରି ଏହି ନୂତନ ଶାଖାଟି ଝାରସୁଗୁଡା ଜିଲାର ଦ୍ୱିତୀୟ ଏବଂ ରାଜ୍ୟର ୫୯ତମ ଶାଖା ବୋଲି ବ୍ୟାଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଓଏମ୍ ଭୁବନେଶ୍ୱର ଅଞ୍ଚଳରେ ଏହାର ଉପସ୍ଥିତିକୁ ସୁଦୃଢ଼ କରିବା ସହ ଗ୍ରାହକଙ୍କ ନିକଟତର ହେବା ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଛି।

## ଇଲେକ୍ଟ୍ରିକ ମୋବିଲିଟିରେ ନୂଆ ସମ୍ଭାବନା

ଭୁବନେଶ୍ୱର,୩୦।୬

ଓବେନ ଇଲେକ୍ଟ୍ରିକର ବହୁ ପ୍ରତିକ୍ଷୀତ ତଥା ୨୪ଘଣ୍ଟିଆ କଷ୍ଟମର ସପୋର୍ଟ ହେଲପଲାଇନର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ଇଭି ମାଲିକାନାରେ ଅନୁଭବ ଅତୁଳନୀୟ କରିବା ସହିତ ନିଜର ପ୍ରତିବଦ୍ଧତା ସୁଦୃଢ଼ କମ୍ପାନୀ କରିଛି। ଏହି ପଦକ୍ଷେପ ଓବେନର ପ୍ରତିକ୍ରିୟାଶୀଳ, ସ୍ୱଚ୍ଛ ଏବଂ ବ୍ୟକ୍ତିଗତ ବିକ୍ରୟ ପରବର୍ତ୍ତୀ ସହାୟତା ଉପରେ ବିଶେଷ ଧ୍ୟାନକୁ ରେଖାଙ୍କିତ କରିଛି, ଯାହା ଇଭି ମାଲିକମାନଙ୍କ ମଧ୍ୟରେ ଦୀର୍ଘକାଳୀନ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ହେଲପଲାଇନ ଦିନରାତି ପ୍ରକୃତ ସମୟରେ ବିଶେଷଜ୍ଞ ଏବଂ ସହାନୁଭୂତିପୂର୍ଣ୍ଣ ସହାୟତା ପ୍ରଦାନ କରିଥାଏ। ଗତ ୩ମାସରେ ସମସ୍ତ ସର୍ଭିସ କେସ୍‌ଗୁଡ଼ିକର ୯୦% ୭୨ଘଣ୍ଟା ମଧ୍ୟରେ ସମାଧାନ ହୋଇଛି। ଏ ସମ୍ପର୍କରେ ଓବେନ ଇଲେକ୍ଟ୍ରିକର ପ୍ରତିଷ୍ଠାତା ସିଇଓ ମଧୁମିତା ଅଗ୍ରୱାଲ କହିଛନ୍ତି,ଇଲେକ୍ଟ୍ରିକ ମୋବିଲିଟିରେ ଆମେ ନୂଆ ସମ୍ଭାବନା ଆରମ୍ଭ କରିଛୁ। ଏପରିକି ଆମର ୨୪ ଘଣ୍ଟିଆ ଗ୍ରାହକ ସେବା ହେଲପଲାଇନ ଏବଂ ଏକୀକୃତ ଓବେନ କେୟାର ସେବା କେନ୍ଦ୍ର ଆମର ଏହି ସଂକଳ୍ପକୁ ସଠିକ ଭାବେ ଦର୍ଶାଉଛି। ସେହିଭଳି ଆମେ ଦ୍ରୁତ, ପାରଦର୍ଶୀ ଏବଂ ବ୍ୟକ୍ତିଗତ ସହାୟତା ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ଆମର ବିଶ୍ୱାସ ଏହି ଦୃଷ୍ଟିକୋଣ କେବଳ ଯେ ସମସ୍ୟାର ଶୀଘ୍ର ସମାଧାନ କରିଥାଏ ତାହା ନୁହେଁ ବରଂ ଇଲେକ୍ଟ୍ରିକ ମୋବିଲିଟିରେ ଦୀର୍ଘକାଳୀନ ଆତ୍ମବିଶ୍ୱାସ ଏବଂ ଆନୁଗତ୍ୟ ମଧ୍ୟ ବଢ଼ାଇଥାଏ। ସେହିପରି ଏହାର ମାଲିକାନା ଉଚ୍ଚ-କ୍ଷମତା ସମ୍ପନ୍ନ ଲିଥିୟମ୍ ଆଇରନ୍ ଫସଫେଟ୍ (ଏଲଇପି) ବ୍ୟାଟେରୀ, ମୋଟର, ଯାନବାହନ ନିୟନ୍ତ୍ରଣ ୟୁନିଟ୍ (ଭିସିୟୁ) ଏବଂ ଚାର୍ଜର ଭଳି ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ କମ୍ପାନୀ ଦ୍ୱାରା ଡିଜାଇନ୍ ଏବଂ ନିର୍ମିତ କରାଯାଉଛି। ଏହି ସମନ୍ୱୟ ଦ୍ରୁତ ସମସ୍ୟା ସମାଧାନ ଏବଂ ଅଧିକ ସ୍ୱଚ୍ଛତାକୁ ସକ୍ଷମ କରିଥାଏ।

## ସିପେଟ୍‌ରେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୩୦।୬




ଭାରତ ସରକାରଙ୍କ ବିକଶିତ ଭାରତ-୨୦୪୭ ଅଭିଯାନ ଅନ୍ତର୍ଗତ ୧୦୦ ଦିନିଆ କାର୍ଯ୍ୟ ଅଧୀନରେ କେମିକାଲସ୍ ଓ ପେଟ୍ରୋକେମିକାଲସ୍ ବିଭାଗ, କେମିକାଲ୍ ଓ ଫର୍ଟିଲାଇଜର୍ ମନ୍ତ୍ରାଣାଳୟ ପକ୍ଷରୁ କେମିକାଲସ୍ ଓ ପେଟ୍ରୋକେମିକାଲସ୍ କ୍ଷେତ୍ରରେ ସୁରକ୍ଷା ମାନକ ସୁନିଶ୍ଚିତ କରିବା ଲାଗି ତାଲିମକୁ ପ୍ରାଥମିକତା ଦିଆଯାଇଛି। ଏହି ପଦକ୍ଷେପ ସୁରକ୍ଷା, ସ୍ଥିରତା ଏବଂ ଦାୟିତ୍ୱ ପ୍ରତି ସରକାରଙ୍କ ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏପିରିକି ସୁରକ୍ଷିତ ଏବଂ ପରିବେଶଗତ ଦାୟୀତ୍ୱବାନ ଶିଳ୍ପ ପରିବେଶକୁ ସୁରକ୍ଷିତ ରଖିଥାଏ। ଆର୍ଥିକ ଅଭିବୃଦ୍ଧିରେ କେମିକାଲ ଏବଂ ପେଟ୍ରୋକେମିକାଲ ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଏହି କାର୍ଯ୍ୟକ୍ରମ ଦ୍ୱାରା ବିପଦପୂର୍ଣ୍ଣ ପଦାର୍ଥ ସହିତ ସୃଷ୍ଟି ହେଉଥିବା ବିପଦକୁ ଗମ୍ଭୀରତାର ସହ ଆଲୋଚନା କରାଯାଇ ଜୀବନ ଓ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଦୃଢ଼ ସୁରକ୍ଷା ନୀତି ଗ୍ରହଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିପେଟ୍) ପକ୍ଷରୁ କୋଲକାତା ସ୍ଥିତ ଯାଦବପୁର ବିଶ୍ୱବିଦ୍ୟାଳୟର ଡ. ଏଚ.ଏଲ୍.ରାୟ ଅଡିଟୋରିୟମରେ କେମିକାଲ୍ ଓ ପେଟ୍ରୋକେମିକାଲ୍ ଉଦ୍ୟୋଗର ସୁରକ୍ଷାକୁ ନେଇ ଏକ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦଘାଟନ ସମାରୋହରେ ସେଣ୍ଟ୍ରାଲ ପଲ୍ୟୁସନ୍‌କଣ୍ଟ୍ରୋଲ ବୋର୍ଡ, କୋଲକାତାର ଆଞ୍ଚଳିକ ନିର୍ଦ୍ଦେଶକ ମୃଣାଳକାନ୍ତି ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହିଥିଲେ। ସେହିପରି ସିପେଟ୍ ସିଏସଟିଏସ୍ ବାଲେଶ୍ୱରର ନିର୍ଦ୍ଦେଶକ କେ. କେ ମହାପାତ୍ର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ, ଇଣ୍ଡିଆନ୍ କେମିକାଲ କାଉନସିଲ, କୋଲକାତାର ଆଞ୍ଚଳିକ ଅଧ୍ୟକ୍ଷ, ଦେବର୍ଷି ଦତ୍ତଗୁପ୍ତା, ଏଚ୍‌ଏସ୍‌ଇର ଡେପୁଟି ଜେନେରାଲ ମ୍ୟାନେଜର, ମାର୍କେଟିଂ ଏଚ୍‌ଏସ୍‌ଇ ବିଭାଗ, ଏଚପିସିଏଲ ମୁମ୍ବାଇର ସୁରେଶ ବାବୁ ଭୁତଲାଙ୍କ ସମେତ ଅନ୍ୟମାନେ ଯୋଗଦେଇ ଥିଲେ।

## ଏଚ୍‌ଡିଏଫ୍‌ସି ଲାଇଫ୍‌ର ନୂତନ ଅଭିଯାନ

ଭୁବନେଶ୍ୱର,୩୦।୬

ଏଚ୍‌ଡିଏଫ୍‌ସି ଲାଇଫର ବହୁ ପ୍ରତୀକ୍ଷିତ ତଥା ନୂତନ ଅଭିଯାନ (ନୂଆ କ୍ୟାମ୍ପେନ)ର ଶୁଭାରମ୍ଭ ନିକଟରେ ହୋଇଯାଇଛି, ଯେଉଁଥିରେ 'ଆପଣଙ୍କ ପରିବାରର ଭବିଷ୍ୟତ ପାଇଁ ଯୋଜନା କରିବା ସହିତ ଆଜିକୁ ଉପଭୋଗ କରନ୍ତୁ' ବାର୍ତ୍ତା ସହ କମ୍ପାନୀ ପଶ୍ଚିମବଙ୍ଗ ଓ ଓଡ଼ିଶା ବଜାରର ଦର୍ଶକଙ୍କ ନିକଟରେ ପହଞ୍ଚିଛି। ଏହି ବିଜ୍ଞାପନ ଫିଲ୍ମରେ ଅଭିନେତା ଅବିର ଚାଟାର୍ଜୀ ଅଭିନୟ କରିଛନ୍ତି। ଏପରିକି ମଜଭୁତ ସଂଯୋଗ ସ୍ଥାପନ କରିବା କ୍ଷେତ୍ରରେ ରିଜିଓନାଲ ମାର୍କେଟିଂ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ଆବଶ୍ୟକତାକୁ ଚିହ୍ନଟ କରି ଏଚ୍‌ଡିଏଫ୍‌ସି ଲାଇଫ ଗତ ବର୍ଷ ଏକ ସ୍ୱତନ୍ତ୍ର ଅଞ୍ଚଳ-କେନ୍ଦ୍ରିତ କ୍ୟାମ୍ପେନ ପଦ୍ଧତି ଆରମ୍ଭ କରିଥିଲା, ଯାହାକୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକରେ ପ୍ରଥମେ ଆରମ୍ଭ କରାଯାଇଥିଲା। ସେହିଭଳି ଦକ୍ଷିଣ ଭାରତ ପରେ ଏଚ୍‌ଡିଏଫସି ବର୍ତ୍ତମାନ ଭାରତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନେଇଛି। ବିଶେଷ କରି ପରିବାରର ଲକ୍ଷ୍ୟ ଓ ଆକାଂକ୍ଷା ନିଶ୍ଚିତ କରିବା ପାଇଁ ଜଣେ ବ୍ୟକ୍ତିଙ୍କୁ ଠିକ୍ ସମୟରେ ଆର୍ଥିକ ଯୋଜନା ପ୍ରସ୍ତୁତ କରି ନିଜର ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ହେବ। ଏହି ବିଜ୍ଞାପନ ଫିଲ୍ମରେ ମୁଖ୍ୟ ନାୟକ ନିଜ ପିଲାଦିନର ସ୍ମୃତି ସମ୍ପର୍କରେ କହିବା ସମୟରେ ଏହି ବାର୍ତ୍ତାକୁ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଚ୍‌ଡିଏଫସି ଲାଇଫର ମାର୍କେଟିଂ ବିଭାଗ ମୁଖ୍ୟ ପ୍ରୀତିକା ଶାହ କହିଛନ୍ତି, ଆମର ପୂର୍ବର ଦକ୍ଷିଣ-କେନ୍ଦ୍ରିତ ପ୍ରୟାସଗୁଡିକୁ ମିଳିଥିବା ସକାରାତ୍ମକ ପ୍ରତିକ୍ରିୟା ଆମକୁ ଏହି ପଦ୍ଧତିକୁ ଭାରତର ଅନ୍ୟ ଅଂଶଗୁଡ଼ିକୁ ନେବା ପାଇଁ ପ୍ରୋତ୍ସାହିତ କରିଥିଲା। ଅବିର ଚାଟର୍ଜୀଙ୍କ ଅଭିନୀତ ଆମର ପ୍ରଥମ ପୂର୍ବାଞ୍ଚଳ-କେନ୍ଦ୍ରିତ କ୍ୟାମ୍ପେନକୁ ପଶ୍ଚିମବଙ୍ଗ ଓ ଓଡ଼ିଶାର ଦର୍ଶକଙ୍କ ପାଇଁ ଆରମ୍ଭ କରାଯାଇଛି। ଆମେ ବିଶ୍ୱାସ କରୁଛୁ ଯେ, ଆମର କ୍ୟାମ୍ପେନ ସହିତ ଆମେ ଆର୍ଥିକ ସ୍ୱାଧୀନତା ଦିଗରେ ଅଧିକରୁ ଅଧିକ ଲୋକଙ୍କୁ ସଂଯୋଗ ଓ ଅନୁପ୍ରାଣିତ କରିବାକୁ ସକ୍ଷମ ହେବୁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଶ୍ରୀଅଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବଣ୍ଡାଘାଟିରେ ଖସିଲା ମାଟି ଅତଡ଼ା

**ଖଇରପୁଟ,୩୦।୬(ଜଗନ୍ନାଥ ମାଝି)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ବଣ୍ଡାଘାଟିରେ ଲଗଣା ବର୍ଷା ପ୍ରଭାବରେ ଖଇରପୁଟ-ମୁଦୁଲିପଡ଼ା ମୁଖ୍ୟ ରାସ୍ତାରେ ମାଟି ଅତଡ଼ା ଖସି ରବିବାର ରାତିରେ ରାସ୍ତା ଅବରୋଧ ହେଇଥିଲା। ଫଳରେ ବଣ୍ଡାଘାଟି ଉପରେ ବାସ କରୁଥିବା ମୁଦୁଲିପଡ଼ା ଏବଂ ଅଣ୍ଡାରାହାଲ ପଞ୍ଚାୟତବାସୀଙ୍କ ଯାତାୟାତରେ ସମସ୍ୟା ହୋଇଥିଲା। ଏ ଖବର ସୋମବାର ଜଣାପଡିବା ପରେ ଖଇରପୁଟ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଭାସ କୁମାର ମଲ୍ଲିକ ଜେସିବି ସାହାଯ୍ୟରେ ମାଟି କାଢି ରାସ୍ତା ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ଖଇରପୁଟରୁ ବଣ୍ଡାଘାଟି ମୁଦୁଲିପଡ଼ା ପର୍ଯ୍ୟନ୍ତ ୧୫ କି.ମି.ରାସ୍ତାରେ ବାରମ୍ବାର ମାଟି ଅତଡ଼ା ଖସୁଛି। ଅଞ୍ଚଳବାସୀଙ୍କ ଦାବି ସତ୍ତ୍ୱେ ପ୍ରଶାସନ ସମାଧାନ ଦିଗରେ ଦୃଷ୍ଟି ଦେଉନାହିଁ। ପ୍ରତି ବର୍ଷ ଲଗାଣ ବର୍ଷାରେ ଏଭଳି ହେଉଛି। ଏଥି ସହ ରାସ୍ତା ଉପରେ ହିଁ ବର୍ଷା ଜଳ ପ୍ରବାହିତ ହେଉଛି। ଫଳରେ ରାସ୍ତାରେ ଯାତାୟାତ କରିବା ପାଇଁ ସୁରକ୍ଷିତ ମଣୁ ନାହାନ୍ତି ବଣ୍ଡାଘାଟି ବାସୀ। ବଣ୍ଡାଘାଟି ଉପରେ ବାସ କରୁଥିବା ମୁଦୁଲିପଡ଼ା ଏବଂ ଅଣ୍ଡ୍ରାହାଲ ପଞ୍ଚାୟତବାସୀ ଖଇରପୁଟ ବ୍ଲକ, ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ପ୍ରତ୍ୟେକ ବର୍ଷ ବର୍ଷାଦିନରେ ଏପରି ଘଟଣା ଘଟୁଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ମାଟି ଅତଡା, ଗଛପଡି ରାସ୍ତା ଅବରୋଧ ହୋଇଛି।

### ଯାତାୟାତରେ ସମସ୍ୟା

## ମହିଳାଙ୍କ ଆତ୍ମହତ୍ୟା

**ପଡିଆ, ୩୦।୬(ଭାସ୍କର ରାଓ)**

ପଡିଆ ବ୍ଲକ ନିଲିଗୁଡା ପଞ୍ଚାୟତ ଧରମପଲ୍ଲୀ ଗ୍ରାମରେ ଜଣେ ମହିଳା ବିଷପିଇ ଆତ୍ମହତ୍ୟା କରିଛନ୍ତି। ରବିବାର ପୂର୍ବାହ୍ନ ୧୦ ଟାରେ ଏହି ଗ୍ରାମର କାଲି ମାଡକାମି କୌଣସି କାରଣରୁ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଧରମପଲ୍ଲୀ ପ୍ରାଥମିକ ଚିକିତ୍ସାଳୟ ଓ ପରବର୍ତ୍ତୀ ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ପଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏଏସ୍ଆଇ କେଶବ ଭତ୍ରା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ କାଲିଙ୍କ ମୃତଦେହ ପଞ୍ଚନାମା କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ପଡିଆ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୧୪/୨୫ ରୁଜୁ କରାଯାଇଛି।

# ମାଲକାନଗିରିରୁ ବିଶାଖାପାଟଣାକୁ ଗଡିଲା ଏସି ସ୍ଲିପର ବସ୍





ବସ୍‌କୁ ମାଲକାନଗିରିରେ ସ୍ୱାଗତ କରାଯାଉଛି।

**ମାଲକାନଗିରି,୩୦।୬ (ଗୌରୀଶଙ୍କର ପଣ୍ଡା)**

ମାଲକାନଗିରିରୁ ବିଶାଖାପାଟଣାକୁ ଗଡିଲା ଘରୋଇ ବସ୍। ପୂର୍ବରୁ କେବଳ ସରକାରୀ ବସ୍ ଯାଉଥିବା ବେଳେ ବର୍ତ୍ତମାନ ଏକ ଘରୋଇ ବସ୍ ଛତିଶଗଡର ସୁକ୍‌ମାଠାରୁ ଯାତ୍ରା ଆରମ୍ଭ କରି ମାଲକାନଗିରି ଦେଇ ବିଶାଖାପାଟଣାକୁ ଯାତ୍ରା କରିବ। ତେବେ ମାଲକାନଗିରି ଜିଲାରୁ ପ୍ରତିଦିନ ଅନେକ ଲୋକେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କିମ୍ବା କୌଣସି ଜରୁରି କାମ ପାଇଁ ବିଶାଖାପାଟଣାକୁ ଯାଉଥିବା ବେଳେ ଏକମାତ୍ର ସରକାରୀ ବସ୍ ଉପରେ ନିର୍ଭର କରୁଥିବା ବେଳେ ଏହି ଘରୋଇ ବସ୍ ସେବା ଆରମ୍ଭ ହେବା ପରେ ଲୋକଙ୍କ ପାଇଁ ଏହା ବେସ୍ ସହାୟକ ହେବ ବୋଲି କୁହାଯାଉଛି। ତେବେ ଏହି ନୂତନ ବସ୍ ସମ୍ପୂର୍ଣ ଏସି ସ୍ଲିପର। ଅତ୍ୟାଧୁନିକ ବସରେ ଲୋକଙ୍କ ପାଇଁ ଶୌଚାଳୟ ସୁବିଧା ଥିବା ବେଳେ ଏହା ରୋଗୀ ଶ୍ରେଣୀର ଲୋକଙ୍କ ପାଇଁ ସହାୟକ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହି ବସ୍ ସନ୍ଧ୍ୟା ୭ରେ ମାଲକାନଗିରି ବସ୍‌ଷ୍ଟାଣ୍ଡରେ ପହଞ୍ଚି ଯାତ୍ରା ଆରମ୍ଭ କରୁଥିବା ଜଣାପଡିଛି। ତେବେ ଏହି ନୂତନ ଘରୋଇ ବସ୍ ଶୁଭାରମ୍ଭରେ ମାଲକାନଗିରି ବସ୍ ୟୁନିୟନ କର୍ମକର୍ତ୍ତା ଛବି ଦାସ ଓ ସନ୍ତୋଷ ପାନିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ବସ୍‌କୁ ସ୍ୱାଗତ କରିଥିଲେ।

# ଅଚଳ ହୋଇପଡ଼ିଛି ସିଡିଏମ୍, ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାହକ

**କୋରୁକୋଣ୍ଡା, ୩୦।୬(ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା ବାଲିମେଳା ଏସ୍‌ବିଆଇ ଓର୍କେଲ ଶାଖାରେ ଦୀର୍ଘଦିନ ହେବ ଅଚଳ ହୋଇପଡିଛି କ୍ୟାସ୍ ଡିପୋଜିଟ୍ ମେଶିନ(ସିଡ଼ିଏମ୍)। ଫଳରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବାଲିମେଳା ସହରବାସୀଙ୍କ ସମେତ ଅନ୍ୟ ଲୋକେ। ଏ ନେଇ ବାରମ୍ବାର ଅଭିଯୋଗ କରିବା ପରେ ବି ବ୍ୟାଙ୍କ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ନାମକୁ ମାତ୍ର ଉକ୍ତ ମେଶିନଟି ଅନ୍ ହୋଇ ରହିଥିବା ବେଳେ ଟଙ୍କାଜମା ହୋଇପାରୁନାହିଁ। ବାଲିମେଳା ଏସ୍‌ବିଆଇ ଓର୍କେଲ ଶାଖାରେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରୁ ଆରମ୍ଭକରି ନାକାମାମୁଡି ପଞ୍ଚାୟତର ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ଲୋକେ ଏବଂ ବାଲିମେଳା ଏନ୍‌ଏସିକୁ ଲାଗି ଥିବା, ପୁରୁଣା ଖିମ୍‌ଟାପାଲ୍ଲୀ, କାମ୍ବେଡ଼ା, ନୀଳାକାମ୍ବେରୁ, ପୋଟ୍ରେଲ, ଚିତାପାରି -୩, ତାର୍ଲାକୋଟା ଏବଂ ସୋମନାଥପୁର ଆଦି ବହୁ ପଞ୍ଚାୟତ ଲୋକେ ଏହି ବ୍ୟାଙ୍କର ଗ୍ରାହକ ଅଟନ୍ତି। ଏତେ ଦୂରଦୂରାନ୍ତରୁ ଲୋକେ ବହୁ ଖର୍ଚ୍ଚାନ୍ତ ହୋଇ ବିଭିନ୍ନ କାର୍ଯ୍ୟ ନେଇ ଏସ୍‌ବିଆଇ ଶାଖାକୁ ଆସୁଥିଲେ ସୁଦ୍ଧା ବ୍ୟାଙ୍କ ସେବା ଠିକ୍ ଭାବେ ପାଇ ପାରୁ ନ ଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ ଏହି ସିଡିଏମ୍ ଦୀର୍ଘ ଦିନ ହେବ ଅଚଳ ହୋଇ ପଡିବାରୁ ରାତିଅଧିଆ ଦୂରଦୂରାନ୍ତରୁ ଟଙ୍କା ଜମା କରିବା ନିମନ୍ତେ ଭରସା କରି ଆସୁଥିବା ଗ୍ରାହକମାନେ ସମ୍ପୂର୍ଣ୍ଣ ଭାବେ ନିରାଶ ହୋଇ ଫେରୁଥିବା କହିଛନ୍ତ।

ଏସ୍‌ବିଆଇ ଓର୍କେଲ ଶାଖାର ଏପରି ନୀତି ଯୋଗୁ ଗ୍ରାହକମାନେ ବାଧହୋଇ ବେସରକାରୀ ବ୍ୟାଙ୍କ ମୁହାଁ ହେଉଥିବା ଜଣାପଡିଛି। ଏଥିସହ କେତେଜଣ ଗ୍ରାହକ ବ୍ୟାଙ୍କ କାମରେ ଓର୍କେଲ ଶାଖାକୁ ଆସି ଦିନ ତମାମ ବ୍ୟାଙ୍କ ପରିସରରେ ପଡି ରହିଥିବା ବହୁ ସମୟରେ ଦେଖିବାକୁ ମିଳୁଛି। ବର୍ଷାଦିନ ହୋଇଥିବାରୁ ବ୍ୟାଙ୍କ ବାହାରେ ବାଧହୋଇ କେତେଜଣ ଗ୍ରାହକ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। ତେବେ ବ୍ୟାଙ୍କ ବାହାରେ ଲୋକେ ବସିବା ନିମନ୍ତେ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକେ ଓଦାହୋଇ ବହୁ ଦୁର୍ଦ୍ଦଶା ଭୋଗୁଥିବା ଅଞ୍ଚଳବାସୀ କହିଛନ୍ତି। ତେବେ ତୁରନ୍ତ ସିଡିଏମ୍ ମରାମତି ସହ ବର୍ଷା ଦାଉରୁ ରକ୍ଷାପାଇବା ନିମନ୍ତେ ବ୍ୟାଙ୍କ ବାହାରେ ଟିଣ ସେଡ୍‌ର ବ୍ୟବସ୍ଥା କରିବା ନିମନ୍ତେ ଅଞ୍ଚଳବାସୀ ଦାବିକରିଛନ୍ତି। ଏନେଇ ଏସ୍‌ବିଆଇ ଓର୍କେଲ ଶାଖା ପରିଚାଳକ ମାନସ ରଞ୍ଜନ ବାଗଙ୍କୁ ପଚାରିବାରୁ ଏନେଇ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିବା ସହ ଲୋକଙ୍କ ପାଇଁ ବାହାରେ ଟିଣ ସେଡ୍ ତିଆରି କରିବା ପାଇଁ ବ୍ୟାଙ୍କ ପକ୍ଷରୁ ନିୟମ ନ ଥିବା ସେ କହିଥିଲେ।

### ଏସ୍‌ବିଆଇ ଓର୍କେଲ ଶାଖା





ଅଚଳ ସିଡିମ୍।

## ଗଞ୍ଜେଇ ଚାଲାଣ ମାମଲା,ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ବୈପାରିଗୁଡ଼ା,୩୦।୬(କଳ୍ପତରୁ ମହାନ୍ତି)**

ଗଞ୍ଜେଇ ଚୋରା ଚାଲାଣ ମାମଲାରେ ବୈପାରିଗୁଡ଼ା ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ମାଲକାନଗିରି ଜିଲା ମାଥିଲି ବ୍ଲକ୍ ପାଙ୍ଗାମ ଗ୍ରାମର ସାଧନ ସାହାଗ(୪୫)। ସେ କିଛିଦିନ ହେବ ଅସ୍ଥାୟୀ ଭାବେ ଗୁପ୍ତେଶ୍ୱର ପିଟ୍‌ସ୍ଥିତ ସାହାସୁଇଟ୍ ସେଣ୍ଟର ନାମକ ଏକ ମିଠାଦୋକାନରେ ରହୁଛନ୍ତି। ତାଙ୍କଠାରୁ ଏକ ବାଇକ୍ ସହ ୩୦ କିଲୋ ଗଞ୍ଜେଇ ଜବତ କରାଯାଇଥିଲା। କେସ୍ ନଂ. ୧୩୫/୨୫ରେ ପୋଲିସ ମାମଲା ରୁଜୁ କରିଥିଲା।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂ ଇଂ ଭୀମ ଚରଣ ସାମଲ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୧୪।୦୮।୧୯୩୯
ତିରୋଧାନ: ୧୨।୦୭।୨୦୨୪

ତୁମେ ଆମକୁ ଛାଡ଼ି ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଓ ମାର୍ଗଦର୍ଶନ ଗୁଡ଼ିକ ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାରବର୍ଗ

ଧ-୧୧୧୭

# ବାଲିମେଳାରେ କ୍ୟାମ୍ପ କୋର୍ଟ: ଅଭିଯୋଗ ଶୁଣିଲେ ଉପ ଜିଲାପାଳ

**କୋରୁକୋଣ୍ଡା, ୩୦।୬(ଶିବଦତ୍ତ ସାହୁ)**

ବାଲିମେଳା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସୋମବାର ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ଅଧ୍ୟକ୍ଷତାରେ ଏକ କ୍ୟାମ୍ପ କୋର୍ଟ ହୋଇଥିଲା। ବର୍ଷ ବର୍ଷ ଧରି ଅଣ ଆଦିବାସୀମାନେ ଯେଉଁ ପ୍ରକୃତ ଆଦିବାସୀଙ୍କ ଜମି କିଣା ମାମଲାଗୁଡିକ ବିଚାରାଧୀନ ଓ ଅନ୍ୟ କେତେକ ମାମଲାଗୁଡ଼ିକର ବିଚାର କରାଯାଇଥିଲା। ପାଖାପାଖି ୧୪ ମାମଲାର ଶୁଣାଣି କରିଥିଲେ। କେବଳ କାମବେଡ଼ା ଏବଂ ବାଲିମେଳା ଅଞ୍ଚଳରେ ଥିବା ଲୋକଙ୍କ ମାମଲାଗୁଡିକର ଶୁଣାଣି କରାଯାଇଥିଲା। ରେଗୁଲେସନ ୦୨/୧୯୫୬ ଆକ୍ଟ ଅନୁଯାୟୀ ଏହି କ୍ୟାମ୍ପ କୋର୍ଟ ପ୍ରତ୍ୟେକ ରାଜସ୍ୱ କାର୍ଯ୍ୟାଳୟରେ ହେଉଥିବା ଜଣାପଡିଛି। ଶୁଣାଣିରେ ଉପ ଜିଲାପାଳଙ୍କ ସମେତ ବିଡ଼ିଓ ଅମୂଲ୍ୟ କୁମାର ସାହୁ, ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ା, ବାଲିମେଳା ରାଜସ୍ୱ ନିରୀକ୍ଷକ ସୀମାଞ୍ଚଳ ସାହୁ, କାମବେଡ଼ା ରାଜସ୍ୱ ନିରୀକ୍ଷକ ସନ୍ତୋଷ କୁମାର ରାଉତଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



## ୫ମ ଜନ୍ମଦିନ ଶୁଭେଚ୍ଛା



ଶ୍ରୀଅଂଶ ନାୟକ

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ: ଜେଜେବାପା, ଜେଜେମାଆ, ଅଜା, ଆଇ, ବାବା, ମାମା, ଅପା, ଦାଦା, ଖୁଡ଼ୀ, ମାମୁ, ମାଈଁ, ଶ୍ରୀହାନ, ସାନ୍‌ଭି ଓ ପରିବାରବର୍ଗ

ଧ-୭୬୦୬୬

# Classified Everyday

0674-2580101, 9692975378



REAL ESTATE

SALE

A COMMERCIAL Plot Facing to NH (NAKKARA to NIALI ) 10 KM from NAKHARA 60×166 3 sides Road Personal plot Contact only owners 7809525452. D-76469



Newly open spa positively health benefits (Expert therapist). Contact: 7749034655 D-76922

Positively health benifits SPA expert female therapist homely atmosphere. Contact- 9114559860. D-1112

## LOST

I, Sri Priyabrata Sahu, S/o- Brundaban Sahu of Village- Singuri, P.O.- Kadopada, P.S.- Barkote, Dist.- Deogarh, Odisha-768110 state that I have passed B.Tech. Engineering Mechanical Branch from GIET (Gandhi Institute of Excellent Technocrats) Gangapatna, Bhubaneswar in the year 2015. The original B.Tech. pass Certificate issued by the concerned authority has been lost near Baramunda Market, Bhubaneswar on dtd. 29.06.2025 at about 6.00 P.M. and inspite of thorough search the same could not be traced out. D-1114

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before Executive Magistrate, Khordha, No.- 289, Dated- 04.02.2025, I Shradhanjali Mohanty, W/o-Anil Kumar Mohanty, At- Mukundaprasad, P.O.- P.N. College, P.S.- Khordha, Dist.- Khordha, PIN- 752057 declare that I have changed my name from Shradhanjali Mohapatra to Shradhanjali Mohanty. Henceforth, I shall be known as Shradhanjali Mohanty for all purposes.
Shradhanjali Mohanty
D-1109

By virtue of an affidavit sworn before Executive Magistrate, Jagatsinghpur, dated- 12.06.25, I SAYADA RAZIA PARVEEN, Address: Village- Patana, P.O.- Mohiuddinpur, P.S./ Dist.- Jagatsinghpur, PIN- 754294 declare that I have changed my name from RAZIA PARWIN to SAYADA RAZIA PARVEEN. Henceforth, I shall be known as SAYADA RAZIA PARVEEN for all purpose.
SAYADA RAZIA PARVEEN
D-73590

By virtue of an affidavit sworn before Executive Magistrate, Bhubaneswar, dated- 23.06.2025, I Pinky Jena, W/o- Balaram Jena, resident of At- Baliapata Basti, GGP Colony, P.O.- Rasulgarh, P.S.- Mancheswar, Bhubaneswar, Dist.- Khurda, PIN- 751025, Odisha declare that I have changed my minor son's name from Lokanath Jena to Sri Lokanatha Jena. Henceforth, he shall be known as Sri Lokanatha Jena for all purposes.
Pinky Jena
D-1108

By virtue of an affidavit sworn before Executive Magistrate, Bhubaneswar, dated- 30.05.2025, I Ratnakar Murmu, permanent resident of At- Durdura, P.O.- Kasipal, Dist.- Mayurbhanj, PIN- 757034 declare that I have changed my name from Ratan Kumar Murmu to Ratnakar Murmu. Henceforth, I shall be known as Ratnakar Murmu for all purposes.
Ratnakar Murmu
D-1111

I, Gajendra Kumar Andaja, S/o- Krushna Chandra Andaja of Sakhipara, Dhanupali, Sambalpur declare that my daughter's actual & correct name is Sneha Priyadarsini Andaja according to Aadhaar Card & my wife's correct name is Rashmi Andaja as per Aadhaar. In my daughter's Birth Certificate my name is wrongly mentioned as Gajendra Kumar Andaya instead of Gajendra Kumar Andaja. Now onwards my wife known as Rashmi Andaja & daughter as Sneha Priyadarsini Andaja for all purposes. D-1118

I, Jyosna Nag, D/o- Ukulu Nag, R/o. Village/P.O.- Sibtala, P.S.- Deogaon, Dist.- Balangir, PIN- 767024 declare by this affidavit No.-2043, date 23.06.2025 that I have changed my name from Jyosna Nag to Jyotsna Nag. Henceforth, I shall be known as Jyotsna Nag for all purposes.
Jyotsna Nag
D-1115

## LEGAL NOTICE

Letter No.- 1234, Dt. 25.06.2025

ମାନ୍ୟବର ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, IAS, ଅତିରିକ୍ତ ରିଭିଜନ କୋର୍ଟ ନଂ.-୪ ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜି- ଖୋର୍ଦ୍ଧା, ଓଡ଼ିଶା

ଓ.ଏସ୍.ଏସ୍.କେସ୍ ନଂ.- ୧୨୪୧/୨୦୨୩

ସମ୍ବିତ ବେଦାନ୍ତ, ବୟସ ୪୦ ବର୍ଷ, ପିତା- ସଦାନନ୍ଦ ବେଦାନ୍ତ, ସା- କଲେଜ ରୋଡ୍, ସାଲେପୁର, ପୋ/ଥାନା- ସାଲେପୁର, ଜିଲ୍ଲା- କଟକ।

....ବାଦୀ

ବନାମ

ହରି ଭୁତିଆ ଓଗେର .....ପ୍ରତିବାଦୀମାନେ

ନୋଟିସ ଅଣ୍ଡର ଅର୍ଡର-୫, ରୁଲ୍-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,

ହରି ଭୁତିଆ, ଧୋବେଇ ସାହୁ, ଶୋଭା ସାହୁ, ପି- ଲକ୍ଷ୍ମଣ ସାହୁ, ଆରତ ସାହୁ, ଭରତ ସାହୁ, ପି- ମାଧବ ସାହୁ, ରଙ୍ଗ ସାହୁ, ବେଙ୍ଗ ସାହୁ, ଲତା ସାହୁ, ପି- କୁଳମଣି ସାହୁ, କୁମ ସାହୁ, ସ୍ୱା- କୁଳମଣି ସାହୁ, ଧୁଳି ସାହୁ, ଶଶୀ ସାହୁ, ଗୁଣ୍ଡୁଚି ସାହୁ, ପି- ଯୋଗୀ ସାହୁ, ତଇ ସାହୁ, ସ୍ୱା- ଦ୍ୱିଜବର ସାହୁ, ଭାଗ୍ୟଧର ସାହୁ, ଅରକ୍ଷିତ ସାହୁ, ପି- ହାଡୁ ସାହୁ, ସମସ୍ତଙ୍କ ବାସସ୍ଥାନ: ସା- ଗାଡ଼କଣ, ପୋ- ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା- ମଞ୍ଚେଶ୍ୱର, ଜି- ଖୋର୍ଦ୍ଧା, ନୟନା ସାହୁ, ସ୍ୱା- ମହେଶ୍ୱର ସାହୁ, MIG-II-55/4, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜି- ଖୋର୍ଦ୍ଧା, ଭରତ ସାହୁ, ପି- ମାଧବ ସାହୁ, ରବି ସାହୁ, ପି- ଦିଜବର ସାହୁ, ଲକ୍ଷ୍ମୀଧର ସାହୁ, ପି- ଅର୍ଜୁନ ସାହୁ।

ସମ୍ପତ୍ତି ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଥାନା ନଂ.- ୨୫, ମୌଜା- ଗାଡ଼କଣ, ହାଲ୍ ଖାତା- ୪୬୧୬, ହାଲ୍ ପ୍ଲଟ୍- ୩୦୮୧, ରକବା- ଏ୦.୦୪୦ ଡିସିମିଲ ଯାହାର ସାବକ ଖାତା- ୪୯୮, ସାବକ ପ୍ଲଟ୍- ୧୦୧, ରକବା- ଏ୦.୩୭୦ ଡିସିମିଲ।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଓ.ଏସ୍.ଏସ୍.କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା୦୧।୦୯।୨୦୨୫ରିଖ ଦିବା ଘ୧୧.୩୦ମି ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ କିମ୍ବା ତାଙ୍କ ଉତ୍ତରାଧିକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା: ୨୪।୦୬।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୭୫୮୪୭

# ପାଦ ଦିଏ ବ୍ୟକ୍ତିତ୍ୱର ପରିଚୟ...

**ସାମୁଦ୍ରିକ ଶାସ୍ତ୍ର ଅନୁସାରେ, ପାଦର ଗଠନ ଦେଖି ମହିଳାଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ଜାଣି ହୋଇଥାଏ। ପାଦର ଗଠନରୁ କିପରି ମହିଳାଙ୍କ ସ୍ୱଭାବ ଚିହ୍ନଟ କରିବେ ଜାଣିରଖନ୍ତୁ ସେ ସମ୍ପର୍କରେ...**



❖କେତେଜଣ ମହିଳାଙ୍କ ପାଦରେ ଉପରକୁ ଶିରା ଦେଖାଯାଇ ନ ଥାଏ। ସାମୁଦ୍ରିକ ଶାସ୍ତ୍ର ଅନୁଯାୟୀ ଏଭଳି ସୁନ୍ଦର ପାଦ ଥିବା ମହିଳା ଖୁବ୍ ଲକ୍ଷ୍ମୀମନ୍ତ ହୋଇଥାନ୍ତି। ସେମାନେ ଯେଉଁ ପରିବାରରେ ରୁହନ୍ତି ସେଠାରେ ଧନ, ସମ୍ପତ୍ତି, ବୈଭବ, ସୁଖ, ଶାନ୍ତି ରହିଥାଏ। ସେହି ଘରେ ସବୁବେଳେ ଉନ୍ନତି ହୋଇଥାଏ ଏବଂ କେବେ ଅଭାବ ଦେଖା ଦେଇ ନ ଥାଏ।

❖ଯେଉଁ ମହିଳାଙ୍କ ପାଦର ମଝି ଆଙ୍ଗୁଠି ତୁଳନାରେ ଅନ୍ୟଗୁଡ଼ିକ କ୍ରମଶଃ ଛୋଟ(ବକ୍ରାକାର ବା ସର୍ପାକାର) ସେମାନେ ଜନ୍ମରୁ ଭାଗ୍ୟଶାଳୀ ହୋଇଥାନ୍ତି। ସେମାନେ ଜୀବନରେ ଖୁବ୍ ସଫଳତା ହାସଲ କରନ୍ତି। ସେମାନଙ୍କ ଉପରକୁ ଆସୁଥିବା ସବୁ ବାଧା ବିଘ୍ନ ଦୂରହୋଇଯାଏ ଏବଂ ସେମାନେ ସବୁବେଳେ ଖୁସିରେ ରୁହନ୍ତି।

❖ ଯେଉଁ ମହିଳାଙ୍କ ପାଦ ବହୁ ନରମ ଏବଂ ସାମାନ୍ୟ ଲାଲ ଦେଖାଯାଏ ସେମାନେ ବହୁତ ସୁଖୀ ହୋଇଥାନ୍ତି। ସେମାନଙ୍କ ଜୀବନରେ ଧନ ଏବଂ ଐଶ୍ୱର୍ଯ୍ୟ କମ୍ ହୋଇ ନ ଥାଏ।

❖ କେତେଜଣ ମହିଳାଙ୍କ ପାଦ ମୋଟା ଏବଂ ଭାରି ହୋଇଥାଏ। ସେମାନେ ସ୍ୱଭାବରେ ଧାର୍ମିକ ଏବଂ ଭାବୁକ ହୋଇଥାନ୍ତି। କିନ୍ତୁ ସେମାନେ କର୍ମଠ ହୋଇଥାନ୍ତି। ସେମାନେ ସର୍ବଦା ନିଜ କର୍ମ ଉପରେ ବିଶ୍ୱାସ ରଖିଥାନ୍ତି। ଦୟାଳୁ ଏବଂ ବିଶ୍ୱାସୀ ମଧ୍ୟ ହୋଇଥାନ୍ତି।

❖ଯେଉଁ ମହିଳାଙ୍କ ପାଦ ଆକାରରେ ଛୋଟ, କିନ୍ତୁ ଆଙ୍ଗୁଠିଗୁଡ଼ିକ ବ୍ୟବସ୍ଥିତ ହୋଇ ରହିଥାନ୍ତି, ସେମାନେ ଅତ୍ୟନ୍ତ ଲୋକପ୍ରିୟତା ହାସଲ କରିଥାନ୍ତି। ସେମାନଙ୍କ ସୋସିଆଲ ଲାଇଫ୍ ମଜଭୁତ ହୋଇଥାଏ। ସେମାନଙ୍କ ବ୍ୟବହାର ଭଦ୍ର ହୋଇଥାଏ ଏମାନେ ସମାଜରେ ଏକ ପ୍ରଭାବଶାଳୀ ଭୂମିକା ନିର୍ବାହ କରିବାର କ୍ଷମତା ରଖନ୍ତି।

❖ଯେଉଁମାନଙ୍କ ପାଦ ସରୁ, ବୁଢ଼ା ଆଙ୍ଗୁଠି ଲମ୍ବା ଏବଂ ଆଙ୍ଗୁଠିଗୁଡ଼ିକ ପରସ୍ପର ସହ ଜାକି ହୋଇ ରହିଥାନ୍ତି, ସେମାନେ ନିଜର ବ୍ୟକ୍ତିଗତ କଥାକୁ ସର୍ବଦା ଗୋପନୀୟ ରଖିବାକୁ ଚାହାନ୍ତି। ସେମାନଙ୍କ ମନ ବାରମ୍ବାର ପରିବର୍ତ୍ତନ ହୋଇଥାଏ।

❖ପାଦର ଦ୍ୱିତୀୟ ଆଙ୍ଗୁଠି ଅନ୍ୟ ଆଙ୍ଗୁଠିଠାରୁ ବଡ଼ ହୋଇଥିଲେ ସ୍ତ୍ରୀଲୋକମାନେ ସାଧାରଣତଃ ଉତ୍ସାହୀ ଏବଂ ପ୍ରେରଣାଦାୟକ ହୋଇଥାନ୍ତି। ଏମାନେ ବିଶେଷକରି ଅଭିନୟ କିମ୍ବା କ୍ରୀଡ଼ା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥାନ୍ତି।



# ପିଲା ସହ ୱାର୍କ ଫ୍ରମ୍ ହୋମ୍

**ଏପଟେ ଚାକିରି କରି ଆତ୍ମନିର୍ଭର ହେବାକୁ ଇଚ୍ଛା, ସେପଟେ ପିଲା ସାଙ୍ଗକୁ ଘରର ଦାୟିତ୍ୱ ଭିତରେ ପ୍ରତିଦିନ ବାହାରକୁ ଯିବା ଅସମ୍ଭବ। ହେଲେ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ଅନ୍‌ଲାଇନ ଜବ୍ କରିବାର ସୁବିଧା ଅନେକ ମହିଳାଙ୍କୁ ନିଜ ସ୍ୱପ୍ନ ସାକାର କରିବାକୁ ଦେଇପାରୁଛି ସୁଯୋଗ। ତେବେ ଏମିତିରେ ଘରେ ଥାଇ ପିଲା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଫିସ୍ କାମ ଉଭୟକୁ ସମାନ୍ତରାଳ ଭାବେ ସମ୍ଭାଳିବା ଏତେ ସହଜ ନୁହେଁ। ଏଥିପାଇଁ ଦରକାର ଠିକ୍ ପ୍ଲାନିଂ...**



ପାଠ ପଢ଼ି ରୋଜଗାରକ୍ଷମ ହେବାକୁ କିଏ ବା ନ ଚାହେଁ। ହେଲେ କେବେ କେବେ ପରିସ୍ଥିତି ଏବଂ ପରିବେଶ ଅନେକଙ୍କୁ ଏଥିରୁ ବଞ୍ଚିତ କରିଥାଏ। ଉଦାହରଣ ସ୍ୱରୂପ ଅନେକ ମହିଳାଙ୍କୁ ନିଆଯାଇପାରେ, ଯେଉଁମାନଙ୍କୁ ସନ୍ତାନ ଜନ୍ମ ପରେ କର୍ମଜଞ୍ଜାଳ ସହ ପିଲାକୁ ଛାଡ଼ି ବାହାରକୁ ଯିବା ଅସମ୍ଭବ ହୋଇପଡୁଥିବାରୁ ଚାକିରି ଛାଡ଼ିବାକୁ ପଡ଼ିଥାଏ। ହେଲେ ଏବେ ବିଭିନ୍ନ କ୍ଷେତ୍ରରେ ଅନ୍‌ଲାଇନ ଜବ୍ ବା ୱାର୍କ ଫ୍ରମ୍ ହୋମ୍‌ର ସୁବିଧା ଉପଲବ୍ଧ ଥିବାରୁ ଅନେକଙ୍କୁ ଘରେ ରହି ମଧ୍ୟ ଟଙ୍କା ରୋଜଗାର କରିବାର ଭରପୂର ସୁଯୋଗ ମିଳିପାରୁଛି। ତେବେ ସେମାନଙ୍କ ପାଇଁ ଘର ଓ ପିଲା ସହ ଅଫିସ୍ କାମ ଉଭୟକୁ ସମାନ୍ତରାଳ ଭାବେ ସମ୍ଭାଳିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ। ତେଣୁ ଘରେ ଥାଇ ଅନ୍‌ଲାଇନ ଜବ୍ କରୁଥିଲେ କେତୋଟି ଉପାୟ ଆପଣେଇଲେ ଆପଣଙ୍କୁ ଘରେ ଅଫିସ କାମ କରିବା ସହଜ ହୋଇପାରିବ...

**ନିଅନ୍ତୁ ପରିବାର ସଦସ୍ୟଙ୍କ ସାହାଯ୍ୟ :** ପରିବାରରେ ପରସ୍ପରର ସାହାଯ୍ୟ ନେବା ଦ୍ୱାରା ପ୍ରତ୍ୟେକ କାର୍ଯ୍ୟ ସହଜ ହେବା ସହ ସମସ୍ତଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ ହୋଇଥାଏ। ତେଣୁ ମା' ହେବା ପରେ ଅନ୍‌ଲାଇନ ଜବ୍ କରୁଥିଲେ ଘରେ ଥିବା ଅନ୍ୟ ସଦସ୍ୟଙ୍କଠାରୁ ଅଫିସ କାମ ସମୟରେ ପିଲାଙ୍କୁ ରଖିବା ଲାଗି ସାହାଯ୍ୟ ନିଅନ୍ତୁ। ଯଦି ଶାଶୁ ଶ୍ୱଶୁର ରହୁଥାନ୍ତି ତେବେ ପିଲାଙ୍କୁ ଜେଜେମା' ଜେଜେବାପାଙ୍କ ପାଖେ ଛାଡ଼ନ୍ତୁ, ଏହାଦ୍ୱାରା ଉଭୟଙ୍କୁ ଖୁସି ମିଳିବା ସହ ଆପଣ କାମ ପାଇଁ ସମୟ ପାଇପାରିବେ।

**ସୁବିଧା ଅନୁଯାୟୀ ବାଛନ୍ତୁ ଶିଫ୍ଟ:** ବର୍ତ୍ତମାନ ପ୍ରତ୍ୟେକ ସଂସ୍ଥାରେ ଶିଫ୍ଟ ଡ୍ୟୁଟି ବ୍ୟବସ୍ଥା ରହିଛି। ତେଣୁ ଅନ୍‌ଲାଇନ ଜବ୍ କରୁଥିଲେ ନିଜ ସୁବିଧାକୁ ଆଖି ଆଗରେ ରଖି ଅର୍ଥାତ୍ ପିଲାର ଗାଧୁଆ, ଖାଇବା, ଶୋଇବା ଆଦି ସହ ଘରର ଅନ୍ୟାନ୍ୟ କାମକୁ ନଜରରେ ରଖି ୱାର୍କିଂ ଟାଇମ୍ ବାଛନ୍ତୁ। ମନେରଖନ୍ତୁ ପିଲାଙ୍କ ଶୋଇବା ସମୟ କାମ ପାଇଁ ସବୁଠୁ ଭଲ। ତେଣୁ ପିଲାର ପ୍ରତ୍ୟେକ କାର୍ଯ୍ୟ ବିଶେଷକରି ଖାଇବା ଏବଂ ଶୋଇବାର ଏକ ସିଷ୍ଟମେଟିକ୍ ଟାଇମ୍ ଟେବୁଲ





କରନ୍ତୁ, ଦେଖିବେ କାମ କରିବା ଅଧିକ ସହଜ ହୋଇଯିବ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଘର କାମ ସହ ଅଫିସ୍ କାମ ଏକାଠି କରନ୍ତୁ ନାହିଁ ଅର୍ଥାତ୍ ରୋଷେଇ ବେଳେ କିଚେନ୍‌ରେ, ଖାଇବା ବେଳେ ଡାଇନିଂରେ ଏଣେ ତେଣେ ବୁଲି ବୁଲି କାମ ନ କରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସି କାମ କରନ୍ତୁ। ଏପରି କଲେ କମ୍ ସମୟରେ ଅଧିକ କାମ କରିପାରିବେ।

**ପିଲାଙ୍କୁ ଧ୍ୟାନ ଦିଅନ୍ତୁ:** ସାଧାରଣତଃ ପ୍ରତ୍ୟେକ ପିଲା ମା' ସେମାନଙ୍କ ଆଡ଼କୁ ବିଶେଷ ଆଟେନ୍ସନ ଦିଅନ୍ତୁ ବୋଲି ଚାହାନ୍ତି। ତେଣୁ ମା'ଙ୍କ ଧ୍ୟାନ ଅନ୍ୟ କେଉଁଆଡ଼େ ଗଲେ ସେମାନଙ୍କୁ ବିରକ୍ତ ଲାଗିଥାଏ। ମାଆ ତାଙ୍କୁ ଛାଡ଼ି ଅଫିସ୍ କାମ କରୁଥିଲେ ସେମାନେ ବିଭିନ୍ନ ଉପାୟରେ ଡିଷ୍ଟର୍ବ କରିବା ଆରମ୍ଭ କରିଦିଅନ୍ତି। ଏମିତି ନ ହେବା ଲାଗି ମା'ଙ୍କୁ କାମ ଆରମ୍ଭ କରିବା ପୂର୍ବରୁ କିଛି ସମୟ ପିଲାଙ୍କ ସହ ଭଲ ଭାବେ ଖେଳିବା, ଗପିବା ଦରକାର। ଏପରି କରି ପିଲାଙ୍କ ଧ୍ୟାନ ଅନ୍ୟ ଆଡ଼େ ଆକର୍ଷିତ କରିପାରିବେ। ତା'ଛଡ଼ା କାମ ମଝିରେ ମଝିରେ ବି ଉଠି ଆସି ପିଲାଙ୍କ ସହ କଥା ହେଲେ ସେମାନେ ଆଦୌ ଡିଷ୍ଟର୍ବ କରିବେ ନାହିଁ ଏବଂ ଆପଣ କାମ ଶୀଘ୍ର ଶେଷ କରିପାରିବେ।

**ପାଖରେ ବସାନ୍ତୁ:** ଯେଉଁ ପରିବାରରେ କେବଳ ସ୍ୱାମୀସ୍ତ୍ରୀ ଏବଂ ପିଲା ରହୁଛନ୍ତି ଏବଂ ମାଆ ଅନ୍‌ଲାଇନ ଜବ୍ କରନ୍ତି ସେମାନଙ୍କୁ ପିଲାଙ୍କ ପ୍ରତି ଅଧିକ ଧ୍ୟାନର ଆବଶ୍ୟକତା ରହିଛି। କାରଣ ଅନେକ ମାଆ ଅଛନ୍ତି ଯେଉଁମାନେ କାମରେ ଅବହେଳା କିମ୍ବା ଡିଷ୍ଟର୍ବ ନ ହେବା ଲାଗି କାମ ସମୟରେ ପିଲାଙ୍କୁ ଅଲଗା ରୁମ୍‌ରେ ଛାଡ଼ି ଦିଅନ୍ତି। ହେଲେ ଏପରି କଲେ ପିଲା ଚିଡ଼ିଯିବା ସହ ବାରମ୍ବାର ଆସି ଡିଷ୍ଟର୍ବ କରିଥାନ୍ତି। ତେଣୁ ଏପରି ନ କରି ଅବା ପିଲା ଅନ୍ୟ ରୁମ୍‌କୁ ନ ଗଲେ ତାଙ୍କ ଉପରେ ରାଗିବା ଅବା ଗାଳି ଦେବା ପରିବର୍ତ୍ତେ ବୁଝାଇବା ଲାଗି କିଛି ସମୟ ପାଖରେ କାମ ଦେଖିବାକୁ ଦିଅନ୍ତୁ ଏବଂ ସ୍ନେହରେ ବୁଝାନ୍ତୁ ଦେଖିବେ ପିଲା ହଇରାଣ କରିବେ ନାହିଁ।

**ଏନ୍‌ଗେଜ୍ ରଖିବାକୁ ଚେଷ୍ଟା କରନ୍ତୁ:** ଅଧିକାଂଶ ମା'ଙ୍କୁ ପିଲାଙ୍କ ଉପସ୍ଥିତିରେ ଅଫିସ କାମ କରିବାରେ ଅସୁବିଧା ହୋଇଥାଏ। ଏହାର ମୁଖ୍ୟ କାରଣ ହେଉଛି, ପିଲାମାନେ କମ୍ପ୍ୟୁଟର, ଲାପ୍‌ଟପ୍ ଆଦି ଦେଖିଲେ ଆକର୍ଷିତ ହୋଇ ଚାଲିଆସନ୍ତି ଏବଂ ସେଥିରେ ଲାଗନ୍ତି। ତେଣୁ ନିଜେ ଅଫିସ କାମ କରିବା ବେଳେ ଡିଷ୍ଟର୍ବ ନ ହେବା ଲାଗି ପିଲାଙ୍କୁ ପିକ୍ଚର ବୁକ୍, ବିଲ୍ଡିଂ ବ୍ଲକ୍ସ କିମ୍ବା ସେମାନଙ୍କୁ ପସନ୍ଦର ଖେଳନା ଦିଅନ୍ତୁ। ସେମାନେ ଏଥିରେ ଏନ୍‌ଗେଜ୍ ରହିବା ଦ୍ୱାରା ଆପଣଙ୍କ କାମରୁ ସେମାନଙ୍କ ଧ୍ୟାନ ଦୂରେଇ ନିଜ ଖେଳ ଉପରେ ରହିବ। ଏହାଦ୍ୱାରା ଆପଣ ଯଥା ସମୟରେ କାମ ଶେଷ କରିପାରିବେ।

**ଆବଶ୍ୟକତା ପୂରଣ କରନ୍ତୁ:** ପିଲାଙ୍କର ଅନେକ ଆବଶ୍ୟକତା ରହିଥାଏ। ସେ କେବେ କିଛି ଖାଦ୍ୟ ତ ଆଉ କେବେ କିଛି ଖେଳନା ଡିମାଣ୍ଡ କରିଥାନ୍ତି। ମାଆମାନେ କେବେ କେବେ କାର୍ଯ୍ୟବ୍ୟସ୍ତତା ଭିତରେ ତାହା ଭୁଲିଯାଆନ୍ତି ଅବା କିଛି ସମୟ ପରେ କରିବା ଭାବି ଅବହେଳା କରିବସନ୍ତି। ଏପରି କରିବା ଦ୍ୱାରା ପିଲା ବିରକ୍ତ ହୋଇଯାଆନ୍ତି ଏବଂ ଅଫିସ କାମ ବେଳେ ବାରମ୍ବାର ଡିଷ୍ଟର୍ବ କରିଥାନ୍ତି। ତେଣୁ ପ୍ରଥମେ ପିଲାର ଆବଶ୍ୟକତା ପୂରଣ କରିବାକୁ ଚେଷ୍ଟା କରନ୍ତୁ , ଦେଖିବେ ପିଲାଙ୍କ ମନ ଖୁସି ରହିଲେ ସେ କାମ ବେଳେ ଜିଦ୍ କିମ୍ବା ଦୁଷ୍ଟାମି କରିବେ ନାହିଁ।





## ସୌନ୍ଦର୍ଯ୍ୟ

# ବର୍ଷାରେ ଛାଡ଼ିବନି ମେକ୍‌ଅପ୍

**ବର୍ଷାଦିନ ଆସିଲେ ପାଣି ସଂସ୍ପର୍ଶରେ ଆସି ମେକ୍‌ଅପ୍ ଧୋଇଯିବାକୁ ନେଇ ଅଧିକାଂଶ ଯୁବତୀ ହୁଅନ୍ତୁ ଅବା ମହିଳାଙ୍କର ଚିନ୍ତା ବଢ଼ିଯାଏ। ହେଲେ ଏ ଦିନେ କେଉଁଭଳି ମେକ୍‌ଅପ୍ ନେଲେ ଶୀଘ୍ର ଖରାପ ହେବ ନାହିଁ ଜାଣିରଖନ୍ତୁ ସେ ସମ୍ପର୍କରେ...**

➔ଏଦିନ ପାଇଁ ୱାଟରପ୍ରୁଫ୍, ସ୍ମଜ୍ ପ୍ରୁଫ୍ ଏବଂ ଲଙ୍ଗ୍ ଲାଷ୍ଟିଂ ମେକ୍‌ଅପ୍ ପ୍ରଡକ୍ଟ ବ୍ୟବହାର କରନ୍ତୁ। ଲାଇଟ୍‌ୱେଟ୍ ୱାଟର ବେସ୍‌ଡ୍ ମଶ୍ଚରାଇଜର ବ୍ୟବହାର କରନ୍ତୁ। ସେହିପରି କ୍ରିମ୍ ଫାଉଣ୍ଡେଶନ ବଦଳରେ ଏଦିନେ ଜେଲ୍ ବେସ୍‌ଡ ୱାଟରପ୍ରୁଫ୍ ଫାଉଣ୍ଡେଶନ ବ୍ୟବହାର କରନ୍ତୁ। ଏହାକୁ ମୋଟା ଲେୟାରରେ ନ ଲଗାଇ ପତଳା କରି ଲଗାନ୍ତୁ ଏବଂ ୩ ମିନିଟ୍ ଶୁଖିବାକୁ ଛାଡ଼ି ଦିଅନ୍ତୁ।





➔ଆଇ ମେକ୍‌ଅପ୍ ବର୍ଷାପାଣି ସଂସ୍ପର୍ଶରେ ଆସି ବୋହିଗଲେ ମୁହଁ ଖରାପ ଲାଗିଥାଏ। ତେଣୁ ଆଇ ମେକ୍‌ଅପ୍‌କୁ ଲାଇଟ୍ ଏବଂ ବୋଲ୍ଡ ରଖିବାକୁ ଚେଷ୍ଟା କରନ୍ତୁ। ଲାଭେଣ୍ଡର, କୋରାଲ ପିଙ୍କ୍ ଭଳି ଆଇସ୍ୟାଡୋ ବ୍ୟବହାର କରନ୍ତୁ। ଏହା ଝାଳ ଲାଗି ବୋଳି ହେଲେ ବି ମେକ୍‌ଅପ୍ ଖରାପ ଲାଗି ନ ଥାଏ। ୱାଟରପ୍ରୁଫ୍ କାଜଲ, ଲାଇନର ଏବଂ ମସ୍କରା ବ୍ୟବହାର କରନ୍ତୁ। ଆଖିର ମେକ୍‌ଅପ୍ ଠିକ୍ ରହିଲେ ମଧ୍ୟ ମୁହଁ ଆକର୍ଷଣୀୟ ଲାଗିଥାଏ।

➔ଏଦିନେ ଲିପ୍ ଗ୍ଲସ୍ ଆଦୌ ଲଗାନ୍ତୁ ନାହିଁ। ଲଙ୍ଗ୍ ଲାଷ୍ଟିଂ ମେଲ୍ଟ ପ୍ରୁଫ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଟିଣ୍ଟେଡ୍ ଲିପ୍ ବାମ୍, ମ୍ୟାଟ୍ କିମ୍ବା ଲିକ୍ୱିଡ୍ ଲିପ୍‌ଷ୍ଟିକ୍ ବ୍ୟବହାରକଲେ ବର୍ଷାପାଣି ସଂସ୍ପର୍ଶରେ ଆସିଲେ ମଧ୍ୟ ଶୀଘ୍ର ଧୋଇ ନ ଥାଏ।

➔ଯଦି ହଠାତ୍ ବର୍ଷା ପାଣିରେ ଭିଜି ମେକ୍‌ଅପ୍ ଅଧା ଅଧା ଛାଡ଼ି ପ୍ୟାଚେସ୍ ଭଳି ଲାଗୁଥାଏ, ତେବେ ୱେଟ୍ ୱାଇପ୍‌ରେ ପୋଛି ବିବି କ୍ରିମ୍ ଲଗାଇପାରିବେ।

## ଖାଦ୍ୟରୁଚି

# ଏଗ୍‌ଲେସ୍ ବାନାନା କେକ୍

**ଆବଶ୍ୟକ ସାମଗ୍ରୀ:** ୪ଟି ପାଚିଲା କଦଳୀ, ମଇଦା ଦେଢ଼ କପ୍, ବେକିଂ ପାଉଡର ଏକ ଛୋଟ ଚାମଚ, ଅଧା ଛୋଟ ଚାମଚ ବେକିଂ ସୋଡ଼ା, ତେଲ ୧/୨ କପ୍, ଭ୍ୟାନିଲା ଏସେନ୍ସ ୧ ଚାମଚ, ଚିନି ୧/୨ କପ୍ , ଲୁଣ ସ୍ୱାଦାନୁସାରେ, କାଜୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ କଦଳୀ ଚୋପା ଛଡ଼ାଇ ତାକୁ ଗ୍ରାଇଣ୍ଡ କରିଦଅନ୍ତୁ। ସେଥିରେ ଚିନି, ତେଲ, ୧ଚାମଚ ଭ୍ୟାନିଲା ଏସେନ୍ସ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଆଉ ଏକ ପାତ୍ରରେ ମଇଦା, ବେକିଂ ପାଉଡର, ବେକିଂ ସୋଡ଼ା, ସ୍ୱାଦାନୁସାରେ ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ପୂର୍ବରୁ ପ୍ରସ୍ତୁତ ଥିବା କଦଳୀ ପେଷ୍ଟକୁ ଏଥିରେ ପକାଇ ଭଲ ଭାବେ ମିଶାନ୍ତୁ। ସେଥିରେ କାଜୁ, ଆଲମଣ୍ଡ, ଚେରି ଆଦି ଛୋଟ ଛୋଟ କାଟି ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଦେଖନ୍ତୁ ଯେପରି କୌଣସି ଗୁଳା ନ ରହିଯାଏ। ଯଦି ବ୍ୟାଟର ଅଧିକ କାଠୁଆ ହୋଇଯାଏ ତେବେ ସେଥିରେ ଅଳ୍ପ ପାଣି କିମ୍ବା କ୍ଷୀର ମିଶାଇ ପାରିବେ। ଏବେ ଏକ କେକ୍ ଟିନ୍ ଭିତରେ ବଟର ଲଗାଇ ଗ୍ରିଜିଂ କରନ୍ତୁ। ସେଥିରେ ପ୍ରସ୍ତୁତ ହୋଇଥିବା ବ୍ୟାଟର ଢାଳି ଚାମଚ ସାହାଯ୍ୟରେ ସମାନକରି ଦିଅନ୍ତୁ। ଓଭନ୍‌କୁ ପ୍ରି ହିଟ୍ କରି ରଖନ୍ତୁ। ବର୍ତ୍ତମାନ ୩୫୦ଡିଗ୍ରୀରେ ଓଭନ୍‌କୁ ସେଟ୍‌କରି କେକ୍ ଟିନ୍ ରଖି ୪୫ମିନିଟ୍ ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ଟୁଥ୍‌ପିକ୍ ସାହାଯ୍ୟରେ ଚେକ୍ କରନ୍ତୁ ଯଦି ବ୍ୟାଟର ଆଦୌ ଲାଗୁ ନାହିଁ ତେବେ ଓଭନ୍ ବନ୍ଦ କରିଦିଅନ୍ତୁ, ନ ହେଲେ ଆଉ ୫-୧୦ ମିନିଟ୍ ସିଝିବାକୁ ଦିଅନ୍ତୁ। ଯଦି ଓଭନ୍ ନାହିଁ ତେବେ ପ୍ରେସର କୁକରରେ ମଧ୍ୟ ଏପରି କରିପାରିବେ। କେକ୍ ଭଲ ଭାବେ ସିଝିବା ପରେ ଏହାକୁ କିଛି ସମୟ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ଏଗ୍‌ଲେସ୍ ବାନାନା କେକ୍। ଏହାକୁ ସ୍ଲାଇସ୍‌କରି ନିଜେ ଖାଇବା ସହ ପିଲାଙ୍କୁ ଏବଂ ପରିବାର ସଦସ୍ୟଙ୍କୁ ଖାଇବାକୁ ଦିଅନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧/୨୦୨୫ Bhubaneswar, Tuesday, July 1/ 2025

# ଭାରତୀୟ ମହିଳା ହକି ଆଗରେ କଷ୍ଟସାଧ୍ୟ ପଥ

■ ପ୍ରୋ-ଲିଗ୍‌ରୁ ରେଲିଗେଟେଡ୍
■ ୨୦୨୫-୨୬ ନେସନ୍ସ କପ୍ ଖେଳିବ



**ଭୁବନେଶ୍ୱର, ୩୦ା୬ (ତପନ ସ୍ୱାଇଁ)**

ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ୨୦୨୪-୨୫ ସଂସ୍କରଣରେ ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନ ଅତି ଦୟନୀୟ ରହିଛି। ଭାରତ ଖେଳିଥିବା ୧୬ ମ୍ୟାଚରୁ ୨ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୨ ଶୁଟ୍‌ଆଉଟ ପରାଜୟ, ୧୧ ପରାଜୟ ସହ ମୋଟ ୧୦ ପଏଣ୍ଟ ପାଇ ସିଜନ ଶେଷ କରିଛି। ଫଳରେ ଏଫ୍ଆଇଏଚ୍‌ର ଦ୍ୱିତୀୟ ଟିୟର ଟୁର୍ନାମେଣ୍ଟ ନେସନ୍ସ କପ୍‌କୁ ଭାରତ ରେଲିଗେଟେଡ ହୋଇଛି। ଚଳିତ ସିଜନରେ ଭାରତୀୟ ମହିଳା ଦଳ ୨୨ଟି ଗୋଲ ସ୍କୋର କରିଥିବାବେଳେ ୪୩ଟି ଗୋଲ ବରଣ କରିଥିଲେ। ଫଳରେ ଗୋଲ ବ୍ୟବଧାନ-୨୧ ରହିଥିଲା। ଅର୍ଥାତ୍ ଭାରତୀୟ ଦଳର ଗୋଲ ସ୍କୋରିଂ କ୍ଷମତା ଅତି ଦୁର୍ବଳ ରହିଥିବାବେଳେ ଅନ୍ୟ ସବୁ ବିଭାଗରେ ଫେଲ୍ ମାରିଥିବା ପରିଲକ୍ଷିତ ହୋଇଛି। ଏହି ସିଜନରେ ଭାରତ କେବଳ ଇଂଲଣ୍ଡ ଓ ଜର୍ମାନୀ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚରେ ବିଜୟୀ ହୋଇଥିବାବେଳେ ନେଦରଲାଣ୍ଡ ବିପକ୍ଷରେ ଗୋଟିଏ ମ୍ୟାଚରେ ଶୁଟ୍‌ଆଉଟ ବିଜୟ ସ୍ୱାଦ ଚାଖିଥିଲା। ୨ଟି ମ୍ୟାଚରେ ଶୁଟ୍‌ଆଉଟ ପରାଜୟ ଯୋଗୁ ଗୋଟିଏ ଲେଖାଏ ପଏଣ୍ଟ ପାଇଛି ଏବଂ ଅନ୍ୟ ୧୧ଟି ମ୍ୟାଚରେ ପରାଜିତ ହୋଇଛି। ଗତ ୨୮ ଓ ୨୯ ତାରିଖରେ ଚାଇନାଠାରୁ ଡବଲ ପରାଜୟ ଫଳରେ ଭାରତ ଆଗାମୀ ସିଜନ ପାଇଁ ପ୍ରୋ-ଲିଗ୍‌ରେ ରହିବା ସ୍ୱପ୍ନ ଶେଷ ହୋଇଛି। ସମସ୍ତ ଦଳ ୧୬ଟି ଲେଖାଏ ମ୍ୟାଚ ଖେଳି ସାରିଥିବାବେଳେ ନେଦରଲାଣ୍ଡ ୪୨, ଆର୍ଜେଣ୍ଟିନା ୩୪, ବେଲଜିୟମ ୩୨, ଚାଇନା ୨୮, ଅଷ୍ଟ୍ରେଲିଆ ୨୦, ସ୍ପେନ୍ ୨୦, ଜର୍ମାନୀ ୧୬ ଓ ଇଂଲଣ୍ଡ ୧୪ ପଏଣ୍ଟ ପାଇ ଲିଗ୍ ଶେଷ କରିଛି। ୨୦୨୪-୨୫ ନେସନ୍ସ କପ୍‌ରେ ଚାମ୍ପିୟନ ହୋଇଥିବା ନ୍ୟୁଜିଲାଣ୍ଡ ଆଗାମୀ ସିଜନରେ ପ୍ରୋ-ଲିଗ୍ ଖେଳିବାକୁ ଯୋଗ୍ୟତା ପାଇଛି।

ପ୍ରକାଶ ଯୋଗ୍ୟ ଯେ, ୨୦୨୬ ଅଗଷ୍ଟରେ ବେଲଜିୟମ ଓ ନେଦରଲାଣ୍ଡର ମିଳିତ ଆନୁକୂଲ୍ୟରେ ମହିଳା ହକି ବିଶ୍ୱକପ ଅନୁଷ୍ଠିତ ହେବ। ଚଳିତ ବର୍ଷ ସେପ୍ଟେମ୍ବରରେ ଏସିଆ କପ୍ ଚାଇନାର ହାଙ୍ଗଝୋରେ ଆୟୋଜିତ ହେବ। ଏସିଆ କପ୍ ଚାମ୍ପିୟନ ଦଳ ସିଧାସଳଖ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବ। ତେଣୁ ଭାରତ ଆଗରେ ପଥ ଅତ୍ୟନ୍ତ କଷ୍ଟସାଧ୍ୟ ରହିଛି। ୨୦୧୮ରୁ ଓଡ଼ିଶା ସରକାର ଭାରତୀୟ ହକି ଦଳର ପ୍ରାୟୋଜକ ରହି ଆସିଛନ୍ତି। ୨୦୩୩ ପର୍ଯ୍ୟନ୍ତ ଓଡ଼ିଶା ପ୍ରାୟୋଜକ ରହିବ।

## ଭାରତ ଥରେ ଖେଳିଥିଲା ନେସନ୍ସ କପ୍

ନେସନ୍ସ କପ୍ ହକି ହେଉଛି ପ୍ରୋ-ଲିଗ୍‌ର ଏକ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ। ଏଥିରେ ଯେଉଁ ଦଳ ଚାମ୍ପିୟନ ହେବ ସେ ପରବର୍ତ୍ତୀ ସିଜନ ପାଇଁ ଏଫ୍ଆଇଏଚ୍ ପ୍ରୋ ଲିଗ୍ ଖେଳିବାକୁ ଯୋଗ୍ୟ ବିବେଚିତ ହେବ। ୨୦୨୨ରେ ଅନୁଷ୍ଠିତ ସର୍ବପ୍ରଥମ ନେସନ୍ସ କପ୍‌ରେ ଖେଳି ଭାରତ ଚାମ୍ପିୟନ ହୋଇଥିଲା। ଫଳରେ ଏଫ୍ଆଇଏଚ୍ ପ୍ରୋ-ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ସ୍ପେନ୍, ଆୟର୍ଲାଣ୍ଡ, ଇଟାଲି, ଦକ୍ଷିଣ କୋରିଆ, ଜାପାନ, ଚିଲି ଓ ଦକ୍ଷିଣ ଆଫ୍ରିକାକୁ ନେଇ ଏହି ପ୍ରତିଯୋଗିତାରେ ଭାରତ ସର୍ବଶ୍ରେଷ୍ଠ ବିବେଚିତ ହୋଇଥିଲା। ଫାଇନାଲରେ ସ୍ପେନ୍‌କୁ ୧-୦ ଗୋଲରେ ହରାଇ ପ୍ରୋ-ଲିଗ୍ ଯୋଗ୍ୟତା ପାଇଥିଲା। ୨୦୨୧-୨୨ ପ୍ରୋ ଲିଗ୍‌ରେ ଭାରତ ୩୦ ପଏଣ୍ଟ ସହିତ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ୨୦୨୩-୨୪ରେ ୮ମ ସ୍ଥାନ ଅଧିକାର କରିଥିଲା। ଏବେ ପୁଣି ଭାରତକୁ ୨୦୨୫-୨୬ ନେସନ୍ସ କପ୍ ଖେଳିବାକୁ ହେବ। ଫଳରେ ଏଫ୍ଆଇଏଚ୍ ବିଶ୍ୱକପ ଯୋଗ୍ୟତା ପାଇଁ ଦଳକୁ ବହୁ ପରିଶ୍ରମ କରିବାକୁ ପଡ଼ିବ।

## ପ୍ରଦର୍ଶନ ଆଶାନୁରୂପ ହେଲାନି: ଦିଲୀପ

"ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ଗତ ସିଜନରେ ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନ ଆଶାନୁରୂପ ହୋଇନାହିଁ। ଘରୋଇ ପରିବେଶରେ କଳିଙ୍ଗ ଷ୍ଟାଡିୟମରେ ଯଦିଓ ଦଳ ମିଶ୍ରିତ ଫଳ ପାଇଥିଲା ତେବେ ବାହାର ପରିବେଶରେ ୟୁରୋପରେ ଶ୍ରେଷ୍ଠ ପ୍ରଦର୍ଶନ କରିବାରେ ବିଫଳ ହୋଇଛି। ମୁଖ୍ୟ କୋଚ୍‌ଭାବେ ହରେନ୍ଦ୍ର ସିଂ କିଛିମାସ ପୂର୍ବରୁ ଦାୟିତ୍ୱ ନେଇଛନ୍ତି। ସବୁ ବିଭାଗ ଉପରେ ଫୋକସ ରଖି ଦଳକୁ କାମ କରିବାକୁ ପଡ଼ିବ। ଆଶା କରୁଛି ପ୍ରଦର୍ଶନରେ ସୁଧାର ଆଣି ମହିଳା ଦଳ ପୁଣି ଅନ୍ତର୍ଜାତୀୟ ସ୍ତରରେ ନିଜର ଉପସ୍ଥିତି ଜାହିର କରିବ" ବୋଲି ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଆଗକୁ ଏସିଆନ ଗେମ୍ସ, ହକି ବିଶ୍ୱକପ ପ୍ରଭୃତି ଅନେକ ବଡ଼ ଟୁର୍ନାମେଣ୍ଟ ଅଛି। ତେଣୁ ଦଳ ନିଜର ତ୍ରୁଟିକୁ ସୁଧାରି ଖୁବ୍‌ଶୀଘ୍ର ସଫଳ ପ୍ରତ୍ୟାବର୍ତ୍ତନ କରିବା ନେଇ ମୋର ଆଶା ରହିଛି ବୋଲି ଦିଲୀପ କହିଛନ୍ତି।

## ୨୦୨୪-୨୫ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନ

**ଫେବୃୟାରୀ ୧୫:** ଇଂଲଣ୍ଡ ବିପକ୍ଷରେ ୩-୨ରେ ବିଜୟୀ, ଭୁବନେଶ୍ୱର
**ଫେବୃୟାରୀ ୧୬:** ଇଂଲଣ୍ଡଠାରୁ ଶୁଟ୍‌ଆଉଟରେ ୧-୨ରେ ପରାସ୍ତ, ଭୁବନେଶ୍ୱର
**ଫେବୃୟାରୀ ୧୮:** ସ୍ପେନ୍ ନିକଟରୁ ୩-୪ ଗୋଲରେ ପରାସ୍ତ, ଭୁବନେଶ୍ୱର
**ଫେବୃୟାରୀ ୧୯:** ସ୍ପେନ୍ ନିକଟରୁ ୦-୧ ଗୋଲରେ ପରାସ୍ତ, ଭୁବନେଶ୍ୱର
**ଫେବୃୟାରୀ ୨୧:** ଜର୍ମାନୀ ନିକଟରୁ ୦-୪ ଗୋଲରେ ପରାସ୍ତ, ଭୁବନେଶ୍ୱର
**ଫେବୃୟାରୀ ୨୨:** ଜର୍ମାନୀ ବିପକ୍ଷରେ ୧-୦ରେ ବିଜୟୀ, ଭୁବନେଶ୍ୱର
**ଫେବୃୟାରୀ ୨୪:** ନେଦରଲାଣ୍ଡଠାରୁ ୨-୪ ଗୋଲରେ ପରାସ୍ତ, ଭୁବନେଶ୍ୱର
**ଫେବୃୟାରୀ ୨୫:** ନେଦରଲାଣ୍ଡ ବିପକ୍ଷରେ ଶୁଟ୍‌ଆଉଟରେ ୨-୧ରେ ବିଜୟୀ, ଭୁବନେଶ୍ୱର
**ଜୁନ ୧୪:** ଅଷ୍ଟ୍ରେଲିଆ ନିକଟରୁ ୨-୩ ଗୋଲରେ ପରାସ୍ତ, ଲଣ୍ଡନ
**ଜୁନ ୧୫:** ଅଷ୍ଟ୍ରେଲିଆ ନିକଟରୁ ୧-୨ ଗୋଲରେ ପରାସ୍ତ, ଲଣ୍ଡନ
**ଜୁନ ୧୭:** ଆର୍ଜେଣ୍ଟିନା ନିକଟରୁ ୧-୪ ଗୋଲରେ ପରାସ୍ତ, ଲଣ୍ଡନ
**ଜୁନ ୧୮:** ଆର୍ଜେଣ୍ଟିନା ନିକଟରୁ ଶୁଟ୍‌ଆଉଟରେ ୦-୨ ଗୋଲରେ ପରାସ୍ତ, ଲଣ୍ଡନ
**ଜୁନ ୨୧:** ବେଲଜିୟମଠାରୁ ୧-୫ ଗୋଲରେ ପରାସ୍ତ, ଆଣ୍ଟୱର୍ପ
**ଜୁନ ୨୨:** ବେଲଜିୟମଠାରୁ ୦-୨ ଗୋଲରେ ପରାସ୍ତ, ଆଣ୍ଟୱର୍ପ
**ଜୁନ ୨୮:** ଚାଇନାଠାରୁ ୦-୩ ଗୋଲରେ ପରାସ୍ତ, ବର୍ଲିନ
**ଜୁନ ୨୯:** ଚାଇନାଠାରୁ ୨-୩ ଗୋଲରେ ପରାସ୍ତ, ବର୍ଲିନ
(ଭାରତ ଖେଳିଛି ମୋଟ ମ୍ୟାଚ: ୧୬, ବିଜୟ-୨, ଶୁଟ୍‌ଆଉଟ ବିଜୟ-୧, ଶୁଟ୍‌ଆଉଟ ପରାଜୟ-୨, ପରାଜୟ-୧୧, ଗୋଲ ସ୍କୋର-୨୨, ଗୋଲ ବରଣ-୪୩, ଗୋଲ ବ୍ୟବଧାନ:-୨୧, ପଏଣ୍ଟ-୧୦)।

## 'କ୍ୟାପ୍ଟେନ କୁଲ' ଟ୍ରେଡ୍‌ମାର୍କ ଲାଗି ଧୋନୀଙ୍କ ଆବେଦନ

**ନୂଆଦିଲ୍ଲୀ,୩୦ା୬:** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ 'କ୍ୟାପ୍ଟେନ କୁଲ' ଫ୍ରେଜ ପାଇଁ ଟ୍ରେଡ୍‌ମାର୍କ ଆବେଦନ ଦାଖଲ କରିଛନ୍ତି। ଫିଲ୍ଡରେ ଶାନ୍ତ ସ୍ୱଭାବ ପାଇଁ ଧୋନୀଙ୍କ ସହ ଦୀର୍ଘ ବର୍ଷ ହେଲା କ୍ୟାପ୍ଟେନ କୁଲ ଫ୍ରେଜ ଯୋଡ଼ା ହୋଇଆସୁଛି। ଟ୍ରେଡ ମାର୍କ୍ସ ରେଜିଷ୍ଟ୍ରୀ ପୋର୍ଟାଲ ମୁତାବକ, ଧୋନୀଙ୍କ ଆବେଦନ ଗ୍ରହଣ କରାଯିବା ସହ ଏହାର ବିଜ୍ଞାପନ ଦିଆଯାଇଛି। ଏହା ଗତ ଜୁନ ୧୬ ତାରିଖରେ ଟ୍ରେଡ୍‌ମାର୍କ ଜର୍ନାଲରେ ପ୍ରକାଶ ପାଇଥିଲା। ଏହି ଆବେଦନ ଜୁନ ୫ ତାରିଖରେ କରାଯାଇଥିଲା।

## ବୁମରା ଦ୍ୱିତୀୟ ଟେଷ୍ଟ ଲାଗି ଉପଲବ୍ଧ ଅଛନ୍ତି

**ବର୍ମିଂହାମ, ୩୦ା୬:** ହେଡିଂଲେରେ ନୈରାଶ୍ୟଜନକ ପରାଜୟ ପରେ ଭାରତୀୟ ଦଳ ଚଳିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ସିରିଜ୍‌ରେ ୦-୧ରେ ପଛରେ ରହିଛି। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଭାରତୀୟ ବୋଲିଂର କର୍ଣ୍ଣଧାର ଯଶପ୍ରୀତ ବୁମରାଙ୍କ ଉପରେ ସଭିଙ୍କ ନଜର ରହିଛି। ଏହି ବୋଲର ଦ୍ୱିତୀୟ ଟେଷ୍ଟ ଲାଗି ଉପଲବ୍ଧ ଥିବା ଭାରତୀୟ ଦଳର ଆସିଷ୍ଟାଣ୍ଟ କୋଚ୍ ରିୟାନ ଟେନ ଡସଚେଟ୍ କହିଛନ୍ତି। ବୁମରା ଉପଲବ୍ଧ ଅଛନ୍ତି। ହେଲେ ସେ ଖେଳିବେ କି ନାହିଁ, ସେ ନେଇ ନିଷ୍ପତ୍ତି ନିଆଯାଇ ନାହିଁ। ଏହି ନିଷ୍ପତ୍ତି ଅନ୍ତିମ ମୁହୂର୍ତ୍ତରେ ନିଆଯିବ। ଯୁବ ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡୀଙ୍କ ପାଇଁ ଦ୍ୱିତୀୟ ଟେଷ୍ଟ ଇଂଲଣ୍ଡରେ ପ୍ରଥମ ମ୍ୟାଚ୍ ହୋଇପାରେ। ସେ ଟ୍ରେନିଂରେ ଖୁବ ପ୍ରଭାବୀ ବ୍ୟାଟିଂ କରିଥିଲେ। ମୁଖ୍ୟତଃ ଯଦି ବୁମରାଙ୍କୁ ବିଶ୍ରାମ ଦିଆଯାଏ, ତେବେ ନୀତିଶଙ୍କୁ ଦଳରେ ସାମିଲ କରାଯିବା ଦ୍ୱାରା ଦଳର ସନ୍ତୁଳନ ବୃଦ୍ଧି ପାଇବ। ସେ ଆମର ପ୍ରିମିୟମ ବ୍ୟାଟିଂ ଅଲରାଉଣ୍ଡର ବୋଲି ଡସଚେଟ୍ ସୋମବାର ଖବରଦାତା ସମ୍ମିଳନୀରେ କହିଛନ୍ତି।

# ଆୟୁଷ ଚାମ୍ପିୟନ, ତନ୍‌ଭୀ ରନରଅପ୍




ପୁରସ୍କାର ସହ ଆୟୁଷ ଶେଟ୍ଟି।

### ୟୁଏସ୍ ଓପନ ବ୍ୟାଡ୍‌ମିଣ୍ଟନ

**ଲୋୱା, ୩୦ା୬ (ପି.ଟି.)**

ଭାରତର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ଆୟୁଷ ଶେଟ୍ଟି ତାଙ୍କ କ୍ୟାରିୟରରେ ପ୍ରଥମ ଥର ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ଏଠାରେ ଚାଲିଥିବା ୟୁଏସ୍ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ କାନାଡାର ବ୍ରାଏନ୍ ୟାଙ୍ଗଙ୍କ ବିପକ୍ଷରେ ସେ ସିଧାସଳଖ ଗେମ୍‌ରେ ବିଜୟ ହାସଲ କରିଛନ୍ତି। ଏଥିସହ ସେ ସିଜନରେ ଭାରତ ପାଇଁ ପ୍ରଥମ ଟାଇଟଲ ଆଣିଦେଇଛନ୍ତି। ୨୦୨୩ ଜୁନିୟର ବିଶ୍ୱକପ୍ ବ୍ରୋଞ୍ଜ ବିଜେତା ଏହି ୨୦ ବର୍ଷୀୟ ଖେଳାଳି ରବିବାର ତୃତୀୟ ସିଡ୍ ୟାଙ୍ଗଙ୍କୁ ୨୧-୧୮, ୨୧-୧୩ରେ ୪୭ ମିନିଟରେ ହରାଇ ଦେଇଥିଲେ। ସୂଚନାଯୋଗ୍ୟ, ଟୁର୍ନାମେଣ୍ଟରେ ତାଙ୍କ ପ୍ରଦର୍ଶନ ଜୋରଦାର ଥିଲା। ଏହା ପୂର୍ବରୁ ସେମିଫାଇନାଲରେ ସେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଟପ୍ ସିଡ୍ ଚୋଉଟିନ୍ ଚେନ୍‌ଙ୍କୁ ପରାସ୍ତ କରିଥିଲେ। ସୂଚନାଯୋଗ୍ୟ, ୟାଙ୍ଗଙ୍କ ବିପକ୍ଷରେ ଶେଟ୍ଟିଙ୍କର ଏହା ତୃତୀୟ ବିଜୟ ଥିଲା। ଚଳିତବର୍ଷ ମାଲେସିଆ ଓ ତାଇପେ ଓପନରେ ସେ ଦୁଇଥର ଏହି ଖେଳାଳିଙ୍କୁ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ମହିଳା ବିଭାଗରେ ୧୬ ବର୍ଷିୟା ତନ୍‌ଭୀ ଶର୍ମା ଆମେରିକାର ବିଓ୍ୱେନ୍ ଝାଙ୍ଗଙ୍କ ବିପକ୍ଷରେ ଲଢୁଆ ପ୍ରଦର୍ଶନ କରି ୩ମ୍ୟାଚ ବିଶିଷ୍ଟ ଗେମ୍‌ରେ ହାରିଯାଇଥିଲେ। କ୍ୟାରିୟର ପ୍ରଥମ ୱାର୍ଲ୍ଡ ଟୁର୍ ଫାଇନାଲ ଖେଳିଥିବା ତନ୍‌ଭୀ ଟୁର୍ନାମେଣ୍ଟର ସ୍ୱଳ୍ପ ବୟସ୍କା ଅଣସିଡ୍ ଖେଳାଳି ଥିଲେ। ସେ ତାଙ୍କ ମ୍ୟାଚ ୧୧-୨୧, ୨୧-୧୬, ୧୦-୨୧ରେ ପରାଜିତ ହୋଇଥିଲେ। ଏହି ମ୍ୟାଚ ୪୬ ମିନିଟ୍ ଧରି ଚାଲିଥିଲା।

## ବାସ୍କେଟବଲ: ଇସ୍ରାଏଲ ସହ ଖେଳିବାକୁ ମନା କଲା ଜୋର୍ଡାନ

**ତେଲ ଆଭିଭ୍,୩୦ା୬:** ଗାଜା ଯୁଦ୍ଧ ଯୋଗୁ ସୁଇଜରଲାଣ୍ଡରେ ଚାଲିଥିବା ୧୯ ବର୍ଷରୁ କମ୍ ବାସ୍କେଟବଲ ବିଶ୍ୱକପ୍‌ରେ ରବିବାର ଇସ୍ରାଏଲ ସହ ଖେଳିବାକୁ ଜୋର୍ଡାନ ମନା କରିଛି। ଏଥିଯୋଗୁ ଇସ୍ରାଏଲ ସପକ୍ଷରେ ଫରଫିଟେଡ୍ ଦିଆଯିବ ବୋଲି ଅନ୍ତର୍ଜାତୀୟ ବାସ୍କେଟବଲ ଫେଡେରେଶନ (ଏଫ୍ଆଇବିଏ) ପକ୍ଷରୁ କୁହାଯାଇଛି। ଜୋର୍ଡାନ ବାସ୍କେଟବଲ ଫେଡେରେଶନ ପକ୍ଷରୁ ଅନ୍ତର୍ଜାତୀୟ ଫେଡେରେଶନକୁ ଆନୁଷ୍ଠାନିକ ଭାବେ ଅନୁରୋଧ କରାଯାଇଥିଲା ଯେ, ଜୋର୍ଡାନ ତା'ର ନୀତି ଓ ବର୍ତ୍ତମାନ ପରିସ୍ଥିତିରେ ତା'ର ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ମ୍ୟାଚ୍ ଖେଳିପାରିବ ନାହିଁ। ତେବେ ଜୋର୍ଡାନ ଫେଡେରେଶନ ପକ୍ଷରୁ ଅଧିକ ତଥ୍ୟ ଦିଆଯାଇ ନାହିଁ। ଅନ୍ୟପକ୍ଷରେ ଇସ୍ରାଏଲ ବାସ୍କେଟବଲ ଫେଡେରେଶନ ସଭାପତି ଆମୋସ ଫିଶମ୍ୟାନ ଜୋର୍ଡାନର ନିଷ୍ପତ୍ତିରେ ଦୁଃଖ ପ୍ରକାଶ କରିଛନ୍ତି।

# ରାଉଣ୍ଡ-୨ରେ ଟିଆଫୋ, ମେଡଭେଡେଭ ଆଉଟ୍

### ୱିମ୍ବଲଡନ ଟେନିସ

**ଲଣ୍ଡନ,୩୦ା୬**

ଟେନିସ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ ଚାମ୍ପିୟନଶିପ୍ ସୋମବାରଠାରୁ ଆରମ୍ଭ ହୋଇଯାଇଛି। ୧୨ତମ ସିଡ୍ ଫ୍ରାନ୍ସେସ ଟିଆଫୋ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ ନବମ ସିଡ୍ ଡାନିଲ ମେଡଭେଡେଭ ଓ ଆଲେକ୍ସି ପପରିନ ପରାଜୟ ସହ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅନ୍ୟପକ୍ଷରେ ଷ୍ଟେଫାନସ ସିତସିପାସ ଇଞ୍ଜୁରୀ କାରଣରୁ ଓହରି ଯାଇଛନ୍ତି।



ଶଟ୍ ଖେଳିବା ଅବସରରେ ଫ୍ରାନ୍ସେସ ଟିଆଫୋ।

ସୋମବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଟିଆଫୋ ୩-୦ ସେଟ୍‌ରେ ଏଲମର ମଲରଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ୨୩ତମ ସିଡ୍ ଜିରି ଲେହେକା ୩-୧ ସେଟ୍‌ରେ ହୁଗୋ ଡେଲିଏନଙ୍କୁ, ମାଟିଆ ବେଲୁସି ୩-୧ ସେଟ୍‌ରେ ଓଲିଭର କ୍ରାଉଫର୍ଡଙ୍କୁ, କାମେରନ ନରି ୩-୧ ସେଟ୍‌ରେ ରବେର୍ଟୋ ବୌତିସ୍ତା ଆଗୁତଙ୍କୁ, ଜୋର୍ଡାନ ଥମସନ ୩-୨ ସେଟ୍‌ରେ ଭିଟ କୋପ୍ରିଭାଙ୍କୁ, ଆଡ୍ରିଆନ ମାନାରିନୋ ୩-୦ ସେଟ୍‌ରେ ଖ୍ରିଷ୍ଟଫର ଓ' କନେଲଙ୍କୁ, ଅଲିଭର ଟାର୍ଭେଟ ୩-୦ ସେଟ୍‌ରେ ଲିଏଣ୍ଡ୍ରୋ ରିଡିଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ମେଡଭେଡେଭ ୧-୩ ସେଟ୍‌ରେ ବେଞ୍ଜାମିନ ବୋଞ୍ଜି ଓ ୨୦ତମ ସିଡ୍ ପପିରିନ ୧-୩ ସେଟ୍‌ରେ ଆର୍ଥୁର ଫେରିଙ୍କଠାରୁ ପରାସ୍ତ ହୋଇଛନ୍ତି।

ଟିଆଫୋ ୬-୩, ୬-୪, ୬-୨ ମଲର
ଲେହେକା ୪-୬, ୬-୨, ୬-୨, ୭-୬ ଡେଲିଏନ
ବେଲୁସି ୬-୭, ୬-୩, ୬-୪, ୬-୪ କ୍ରାଉଫର୍ଡ
ନରି ୬-୩, ୩-୬, ୬-୪, ୭-୬ ବୌତିସ୍ତା
ଥମସନ ୩-୬, ୪-୬, ୬-୩, ୭-୬, ୬-୧ କୋପ୍ରିଭା
ମାନାରିନୋ ୬-୨, ୬-୪, ୬-୩ ଓ' କନେଲ
ବୋଞ୍ଜି ୭-୬, ୩-୬, ୭-୬, ୬-୨ ମେଡଭେଡେଭ
ଫେରି ୬-୪, ୬-୧, ୪-୬, ୬-୪ ପପିରିନ
ଟାର୍ଭେଟ ୬-୪, ୬-୪, ୬-୪ ଲିଏଣ୍ଡ୍ରୋ

## ଓହରିଲେ ଜାବେଉର

ଦୁଇ ଥରର ୱିମ୍ବଲଡନ ରନରଅପ୍ ଅନ୍ସ ଜାବେଉର ସୋମବାର ଇଞ୍ଜୁରୀ କାରଣରୁ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରୁ ଓହରି ଯାଇଛନ୍ତି। ଟ୍ୟୁନିସିଆର ୩୦ ବର୍ଷୀୟା ଜାବେଉର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଭିକ୍ଟୋରିୟା ଟୋମୋଭାଙ୍କୁ ଭେଟିଥିଲେ। ମ୍ୟାଚ୍‌ରେ ସେ ୬-୭, ୦-୨ ସେଟ୍‌ରେ ପଛରେ ଥିବା ବେଳେ ସେ ଓହରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ସେଟ୍‌ରେ ତାଙ୍କୁ କୋର୍ଟ ଉପରେ ଟ୍ରେନରଙ୍କ ସହାୟତା ନେବାକୁ ପଡ଼ିଥିଲା। ଏଥିଯୋଗୁ ସେ ସାଇଡ୍‌ଲାଇନ ସିଟ୍‌ରେ ବସି ଟାୱେଲରେ ମୁହଁ ଲୁଚାଇ କାନ୍ଦିଥିଲେ। ସେ ୨୦୨୨ ଫାଇନାଲରେ ଏଲିନା ରିବାକିନା ଓ ୨୦୨୩ ଫାଇନାଲରେ ମର୍କେଟା ଭଣ୍ଡ୍ରୋସୋଭାଙ୍କଠାରୁ ପରାଜିତ ହୋଇଥିଲେ।

# ରାଜ୍ୟ ବନ୍ଧୁକଚାଳନା ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର, ୩୦ା୬ (ବିଜୟ ରଣା)**

ଚଳିତ ମାସ ୨୬ରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ରାଜ୍ୟ ଓପନ୍ ବନ୍ଧୁକ ଚାଳନା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ୫୦ମିଟର ରେଞ୍ଜରେ ୨୬ ଓ ୨୭ ତାରିଖରେ ଏବଂ ୨୮ ଓ ୨୯ ତାରିଖରେ ଉତ୍କଳ କରାଟେ ସ୍କୁଲର ୧୦ମିଟର ଶୁଟିଂ ରେଞ୍ଜରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ .୨୨ ରାଇଫଲ, .୨୨ ପିସ୍ତଲ, .୩୨ ପିସ୍ତଲ ଏବଂ ୧୦ ମିଟର ଏୟାର ରାଇଫଲ ଓ ଏୟାର ପିସ୍ତଲରେ ପ୍ରତିଯୋଗିତା ହୋଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ରଞ୍ଜନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ରୋମିଓକାନ୍ତ ନନ୍ଦ ଓ ରାଜା ବିଜେନ୍ଦ୍ର ଚନ୍ଦ୍ର ଦେବ ପ୍ରମୁଖ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଇଫଲ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ସଭାପତି ଗୌରୀ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ବଳଭଦ୍ର ଦାସ, ଆଶିଷ ନାୟକ, ସୋନୁ କୁମାର ପଣ୍ଡା ଓ ସତ୍ୟଜିତ୍ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।



ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ପଦକ ବିଜୟୀ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ମହିଳା କୋଚ୍‌ଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ

**ନୂଆଦିଲ୍ଲୀ,୩୦ା୬(ପି.ଟି.)**

ରୋହତକ୍‌ରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ)ର ନ୍ୟାଶନାଲ ବକ୍ସିଂ ଏକାଡେମୀରେ କାର୍ଯ୍ୟରତ ଥିବା ଜଣେ ମହିଳା କୋଚ୍‌ଙ୍କ ବିରୋଧରେ ଜଣେ ନାବାଳିକା ବକ୍ସର ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ବକ୍ସରଙ୍କ ବାପା ମା' ମହିଳା କୋଚ୍‌ଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ କରାଇଛନ୍ତି। ତେବେ ତଦନ୍ତ ଚାଲିଥିବାରୁ ଅଭିଯୁକ୍ତଙ୍କ ନାମ ପ୍ରଘଟ କରାଯାଇ ନାହିଁ।

ଏ ଘଟଣା ସମ୍ପର୍କରେ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍ଆଇ) ଓ ସାଇକୁ ଯୋଗାଯୋଗ କରିବାରୁ ଜଣାପଡ଼ିଥିଲା ଯେ, ୧୭ ବର୍ଷୀୟା ପୀଡ଼ିତାଙ୍କଠାରୁ ଚାପୁଡ଼ା ମାରିବା ଓ ଧମକାଇବା ଭଳି ଅଭିଯୋଗ ମିଳିଥିଲା। ହେଲେ ଉଭୟ ସଂସ୍ଥା ପକ୍ଷରୁ କରାଯାଇଥିବା ଆନ୍ତଃ ତଦନ୍ତରେ କୋଚ୍‌ଙ୍କ ବିରୋଧରେ କୌଣସି ପ୍ରମାଣ ମିଳି ନ ଥିଲା। ଏଣୁ ସେ ଏବେ ଜୁନିୟର ଓ ଯୁବ ବକ୍ସରଙ୍କୁ ଜାତୀୟ କ୍ୟାମ୍ପରେ ପ୍ରଶିକ୍ଷଣ ଦେଉଛନ୍ତି। ତେବେ ବିଏଫ୍ଆଇର ତଦନ୍ତରେ ପୀଡ଼ିତା ବକ୍ସରଙ୍କ ବାପା ମା' ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଫ୍ଆଇଆର୍‌ରେ ଦର୍ଶାଯାଇଛି ଯେ, କୋଚ୍ ବଳପୂର୍ବକ ତାଙ୍କ ପୋଷାକ ଖୋଲିବାକୁ ଉଦ୍ୟମ କରିବା ସହ ଅନେକ ଥର ଚାପୁଡ଼ା ମାରିଥିଲେ। କ୍ୟାରିୟର ନଷ୍ଟ କରିବାକୁ ଧମକ ଦେଇଥିଲେ ଏବଂ ଅନ୍ୟ ବକ୍ସରଙ୍କ ଆଗରେ ତାଙ୍କ ଚରିତ୍ର ଖରାପ ଥିବା କହିଥିଲେ। ଏଥିଯୋଗୁ କୋଚ୍‌ଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୧୫ (ଜାଣିଶୁଣି ଆଘାତ ଦେବା), ୩୫୧ (୩) (ଆପରାଧିକ ଧମକ) ଓ ପୋକ୍‌ସୋ ଆଇନରେ ମାମଲା ରୁଜୁ କରାଯାଇଛି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ